
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୮ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 18 February 2026
Vol.No. 36 ■ No.46 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଭାରତ ପାଇଁ ନୂଆ ରୁଷ ପାଲଟିବ ଫ୍ରାନ୍ସ



ନୂଆଦିଲ୍ଲୀ,୧୭/୨ : ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ତାଙ୍କ ଭାରତ ଗସ୍ତ ପାଇଁ ମୁମ୍ବାଇରେ ପହଞ୍ଚିଛନ୍ତି । ଆଜିଠାରୁ ଆରମ୍ଭ ହେଉଥିବା ତାଙ୍କର ତିନି ଦିନିଆ ଗସ୍ତ ଏପରି ଏକ ସମୟରେ ଆସିଛି ଯେତେବେଳେ ପ୍ରତିରକ୍ଷା ସହଯୋଗରେ ଦ୍ରୁତ ଗତିରେ ବଢୁଥିବା ଘନିଷ୍ଠତା ଫ୍ରାନ୍ସକୁ ଭାରତ ପାଇଁ ନୂଆ ରୁଷ ହେବା ପାଇଁ ଆହ୍ୱାନ ଦେଇଛି । ଏହାର ଅର୍ଥ ହେଉଛି ଯେ, ଯେପରି ରୁଷ ଦଶନ୍ଧି ଧରି ଭାରତର ସବୁଠାରୁ ବିଶ୍ୱସ୍ତ ପ୍ରତିରକ୍ଷା ସହଯୋଗୀ ହୋଇଆସିଛି, ସେହିପରି ଫ୍ରାନ୍ସ ଏବେ ଦୀର୍ଘକାଳୀନ, ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଓ ନିର୍ଭରଯୋଗ୍ୟ ପ୍ରତିରକ୍ଷା ସହଯୋଗର ଏକ ସ୍ତମ୍ଭ ଭାବରେ ଉଭା ହେଉଛି । ରାଷ୍ଟ୍ରପତି ମାକ୍ରନ୍ ଫେବ୍ରୁଆରି ୧୭ ରୁ ୧୯ ପର୍ଯ୍ୟନ୍ତ ଭାରତରେ ରହିବେ । ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଆଲୋଚନା ସମୟରେ, ଦୁଇ ନେତା ଭାରତ-ଫ୍ରାନ୍ସ ରଣନୈତିକ ସହଭାଗୀର ପ୍ରଗତି ସମୀକ୍ଷା କରିବେ ଓ ନୂତନ ତଥା ଉଦୀୟମାନ କ୍ଷେତ୍ରରେ ସହଯୋଗ ବିସ୍ତାର କରିବା ଉପରେ ଆଲୋଚନା କରିବେ । ମଙ୍ଗଳବାର ସନ୍ଧ୍ୟାରେ, ମୋଦୀ ଏବଂ ମାକ୍ରୋନ୍ ମିଳିତ ଭାବରେ ଭାରତ-ଫ୍ରାନ୍ସ ନବସୃଜନ ବର୍ଷ ୨୦୨୬ ଉଦ୍ ?ଘାଟନ କରିବେ । ଏହା ମାକ୍ରୋନ୍‌ଙ୍କର ଭାରତକୁ ଚତୁର୍ଥ ଏବଂ ମୁମ୍ବାଇକୁ ତାଙ୍କର ପ୍ରଥମ ଗସ୍ତ । ଉଭୟ ଦେଶର ପ୍ରତିରକ୍ଷା ମନ୍ତ୍ରୀମାନେ ବେଙ୍ଗାଲୁରୁରେ ଭବିଷ୍ୟତର ପ୍ରତିରକ୍ଷା ଢାଞ୍ଚା ଉପରେ ଆଲୋଚନାର ନେତୃତ୍ୱ ନେବେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରୀ କ୍ୟାଥରିନ ଭାଉଟ୍ରିନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତିକୁ ମଞ୍ଜୁରୀ ଦିଆଯିବାର ଆଶା କରାଯାଉଛି । ଭାରତ-ଫ୍ରାନ୍ସ ସମ୍ପର୍କରେ ପ୍ରତିରକ୍ଷା କ୍ଷେତ୍ର ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିଥାଏ । ରାଫେଲ ଯୁଦ୍ଧ ବିମାନ କ୍ରୟ ସହିତ ପ୍ରତିରକ୍ଷା ସମ୍ପର୍କ ମଜବୁତ ହୋଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ଚୁକ୍ତିନାମା ଆଗାମୀ ୧୦ ବର୍ଷ ପାଇଁ ନବୀକରଣ ହେବାର ଆଶା କରାଯାଉଛି । ଏହା ସହିତ, ଉଭୟ ପ୍ରତିରକ୍ଷା ମନ୍ତ୍ରୀଙ୍କ ଉପସ୍ଥିତିରେ ହାମର କ୍ଷେପଣାସ୍ତ୍ରର ମିଳିତ ନିର୍ମାଣ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ମଧ୍ୟ ରହିଛି । ସମ୍ପ୍ରତି, ଭାରତ ସରକାରଙ୍କ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ଫ୍ରାନ୍ସଠାରୁ ଶହେରୁ ଅଧିକ ରାଫେଲ ଯୁଦ୍ଧ ବିମାନ କ୍ରୟ କରିବାକୁ ନିଷ୍ପତ୍ତି ନେଇଛି, ଯାହା ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ଏକ ନୂତନ ଉଚ୍ଚତାରେ ପହଞ୍ଚାଇଛି । ଏହି ଚୁକ୍ତି କେବଳ ଭାରତୀୟ ବାୟୁସେନାର ଆକ୍ରମଣ କ୍ଷମତାକୁ ସୁଦୃଢ଼ କରିବ ନାହିଁ ବରଂ ଦୀର୍ଘକାଳୀନ ରକ୍ଷଣାବେକ୍ଷଣ, ତାଲିମ, ସ୍ପେୟାର ଯୋଗାଣ ଓ ବୈଷୟିକ ସହଯୋଗ ମାଧ୍ୟମରେ ଭାରତ-ଫ୍ରାନ୍ସ ରଣନୈତିକ ସହଭାଗୀତାକୁ ଆହୁରି ଗଭୀର କରିବ ।

## କାଳ ସାଜୁଛି କୁହୁଡ଼ି: ଦୁର୍ଘଟଣାରେ ଲିଭିଯାଉଛି ମୂଲ୍ୟବାନ ଜୀବନ



ନୂଆଦିଲ୍ଲୀ,୧୭/୨ : ସକାଳୁ ହେଉ କି ରାତି । ଘରୁ ବାହାରିକୁ ଭୟ ଲାଗୁଛି । ରାସ୍ତାରେ ଯେମିତି ଜଗିଛି ଯମ । ପ୍ରତିଦିନ ଦିନ ଦୁର୍ଘଟଣା ଘଟୁଛି । ଆଉ ଚାଲିଯାଉଛି ମୂଲ୍ୟବାନ ଜୀବନ । ଅଶୁଭ ମଙ୍ଗଳବାର ରାଜ୍ୟର ଏକାଧିକ ସ୍ଥାନରେ ଦୁର୍ଘଟଣାରେ ଚାଲିଛି ୬ରୁ ଅଧିକ ଜୀବନ । ବାରମ୍ବାର ସଚେତନ କରାଯାଉଛି, କିନ୍ତୁ ଦୁର୍ଘଟଣାରେ ଜୀବନ ଯିବାରେ ଲାଗୁନି ବ୍ରେକ । କେଉଁଠି ଘନକୁହୁଡ଼ି ଯୋଗୁଁ ତ କେଉଁଠି ବେପରୁଆ ଗାଡ଼ି ଚାଳନା । ପ୍ରତିଦିନ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ନେଉଛି ମୂଲ୍ୟବାନ ଜୀବନ । ସଡ଼କ ସୁରକ୍ଷା ନେଇ ବାରମ୍ବାର ସଚେତନତା କରାଯାଉଛି । ତଥାପି ଦୁର୍ଘଟଣା ରୋକିବାର ନାଁ ନେଉନାହିଁ । ମଙ୍ଗଳବାର ଗୋଟିଏ କି ଦୁଇଟି ନୁହେଁ, ଏକାଧିକ ସ୍ଥାନରୁ ଆସିଛି ଦୁର୍ଘଟଣାର ଭୟଙ୍କର ଚିତ୍ର । ରାୟଗଡ଼ା ଜିଲ୍ଲା ଟିକିରି ଥାନା ମଶୁରି ପଦର ଛକ ନଟରାଜ ପେଟ୍ରୋଲ ଟ୍ରଲ ପମ୍ପ ନିକଟରେ ଦୁର୍ଘଟଣାରେ ଚାଲିଯାଇଛି ତିନି ଜୀବନ । ରାସ୍ତାରେ ଛିଡ଼ା ହୋଇଥିବା ଏକ ଟ୍ୟାଙ୍କରକୁ ବାଇକ ଧକ୍କାଦେବା ଫଳରେ ବାଇକ ଆରୋହୀଙ୍କ ସମେତ ୩ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି । ମୃତକ ହେଲେ ନରେନ୍ଦ୍ର ଝଡିଆ, ଉମାକାନ୍ତ ଝଡିଆ ଏବଂ ଟୁନୁ ଝଡିଆ । କୌଣସି କାମରେ ଟିକିରି ପଟୁ ଗୋରଖପୁର ଆଡକୁ ଯାଉଥିବା ବେଳେ ଛିଡା ହୋଇଥିବା ଟ୍ୟାଙ୍କରକୁ ଧକ୍କା ଦେଇଥିଲା । ମାଲକାନଗିରି ଜିଲ୍ଲା ମାଥିଲି ଥାନା ଉଦୁଲିବେଡା ମୁଖ୍ୟରାସ୍ତାରେ ବାଇକ-ହାଇୱା ମୁହାଁମୁହିଁ ଧକ୍କା । ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି । ତେବେ ଦୁର୍ଘଟଣା ପରେ ଡ୍ରାଇଭର ହାଇୱା ଛାଡ଼ି ଫେରାର ହୋଇଯାଇଛି । ଗୋବିନ୍ଦପାଲିରୁ ବାଇକ ଯୋଗେ ଘରକୁ ଫେରୁଥିଲେ ଉପରସାହିର କେଶବ ଗୌଡ଼ ଓ ତାଙ୍କ ସାଙ୍ଗ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଚିପ୍ସ ବୋଝେଇ ହାଇୱା ତାଙ୍କୁ ଧକ୍କା ଦେଇଥିଲା ।

## ଆଜି+୨, ଗୁରୁବାରଠୁ ମାଟ୍ରିକ ପରୀକ୍ଷା

ଭୁବନେଶ୍ୱର, ୧୭/୨ (ନି.ପ୍ର): ଆସନ୍ତାକାଲି ପ୍ଲସଟୁ ଏବଂ ପହରଦିନ ମାଟ୍ରିକ ପରୀକ୍ଷା । ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଁଚି ସାରିଥିବା ବେଳେ ଉଭୟ ବୋର୍ଡ ଏବଂ ପ୍ଲସ ଟୁ କାଉନସିଲ ପରୀକ୍ଷାକୁ ସ୍ୱଚ୍ଛ ଏବଂ ତ୍ରୁଟିଶୂନ୍ୟ କରିବାକୁ ଅଣ୍ଟା ଭିଡ଼ିଛି । ପ୍ରଥମ ଥର ପ୍ରଶ୍ନପତ୍ର ହବଠାରୁ ଆରମ୍ଭକରି ପରୀକ୍ଷା କେନ୍ଦ୍ରକୁ ଏଆଇ କ୍ୟାମେରାରେ ନଜର ରଖିଛି । ବୋର୍ଡ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ ସହ ଯୋଡ଼ି ହୋଇଛି ପ୍ରଶ୍ନପତ୍ର ହବ ଏବଂ ପରୀକ୍ଷା କେନ୍ଦ୍ର । ପ୍ରଶ୍ନପତ୍ର ପହଁଚିବାଠାରୁ ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ସବୁ କିଛି ଲାଇଭ ଷ୍ଟ୍ରିମିଂ କରାଯିବ । ସାରା ରାଜ୍ୟର କ୍ୱିଷ୍ଟେନ ହବ୍ ଉପରେ ନଜର । କେଉଁଠି କିଭଳି ରହିଛି ପ୍ରଶ୍ନପତ୍ର ? ପରୀକ୍ଷା କେନ୍ଦ୍ର ପାଇଁ କଣ ହୋଇଛି ବ୍ୟବସ୍ଥା ? ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ମୁଖ୍ୟାଳୟରୁ ସିଧାସଳଖ ନିରୀକ୍ଷଣ କରାଯାଉଛି । ପ୍ଲସ୍ ଟୁ ପରୀକ୍ଷା ଲାଗି ଏଠାରେ ଖୋଲା ଯାଇଛି ଚବିଶ ଘଣ୍ଟିଆ କମାଣ୍ଡ କଣ୍ଟ୍ରୋଲ ରୁମ୍ । ଆଉ ଏଠାରୁ ରାଜ୍ୟର ୩୦ଟି ଜିଲ୍ଲାରେ ଥିବା ୨୧୧ଟି ପ୍ରଶ୍ନପତ୍ର ହବ ଓ ୧୩୬୪ଟି ପରୀକ୍ଷା କେନ୍ଦ୍ର ଉପରେ ନଜର ରଖାଯାଇଛି । ଆସନ୍ତାକାଲିଠାରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବାକୁ ଯାଉଥିବା ବେଳେ ପରିଷଦ ପକ୍ଷରୁ ଏଥିପାଇଁ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । କଡ଼ା ସୁରକ୍ଷାରେ ହବରୁ ପ୍ରଶ୍ନପତ୍ର ନେବା ଠାରୁ ଆସନ୍ତାକାଲି ପ୍ରଶ୍ନପତ୍ର ଖୋଲାଯିବା ପର୍ଯ୍ୟନ୍ତ ସିଧାସଳଖ ଲାଇଭ ଷ୍ଟ୍ରିମିଂ କରାଯିବ । ଚଳିତବର୍ଷ ପ୍ରଥମକରି ପ୍ରଶ୍ନପତ୍ର ହବକୁ ଜଗିବ ସିସିଟିଭି ସହ ଇଓ କ୍ୟାମେରା ।

◆◆ପୃଷ୍ଠା ୭

## ସରକାରଙ୍କ ସଫଳତାର ଫର୍ଦ୍ଦ ଓଲଟାଇଲେ ରାଜ୍ୟପାଳ: କହିଲେ, ଓଡ଼ିଶା ପାଲଟିବ ଭାରତ ବିକାଶର ଗ୍ରୋଥ ଇଞ୍ଜିନ

### ବିଜେଡି-କଂଗ୍ରେସର କକ୍ଷତ୍ୟାଗ, ସିଟ୍ ଛାଡ଼ିଲେନି ସନା-ଅରବିନ୍ଦ



ଭୁବନେଶ୍ୱର, ୧୭/୨ (ନି.ପ୍ର): ବିକଶିତ ଭାରତର ଓଡିଶା ହେବ ଗ୍ରୋଥ୍ ଇଞ୍ଜିନ । ଓଡିଶାର ବିକାଶ ରହିଛି ରାଜ୍ୟ ସରକାରଙ୍କ ଫୋକସ୍ । ବଜେଟ ଅଭିଭାଷଣରେ ରାଜ୍ୟ ସରକାରଙ୍କ ସଫଳତା ବଖାଣିଲେ ରାଜ୍ୟପାଳ । ରାଜ୍ୟର ବିକାଶ ଓ ରାଜ୍ୟ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି ରାଜ୍ୟପାଳ । ଶିକ୍ଷା କ୍ଷେତ୍ରରେ ମଧ ସରକାର ବ୍ୟାପକ ଉଦ୍ୟମ କରିଛନ୍ତି । ବାଣପୁର ମାଟିରୁ ଆକାଂକ୍ଷୀ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ, ୨୦୨୫-୨୬ରୁ ୨୦୨୮-୨୯ ପର୍ଯ୍ୟନ୍ତ ଚାରି ବର୍ଷରେ ୨୨୦୦ଟି ବିଦ୍ୟାଳୟ ପାଇଁ ୧୨୦୦୦ କୋଟି ଟଙ୍କା ବ୍ୟୟ ହେବ । ଆଧୁନିକ ଶ୍ରେଣୀକକ୍ଷ, ଡିଜିଟାଲ ସାଧନ ଓ କ୍ରୀଡ଼ା ସୁବିଧା ମାଧ୍ୟମରେ ଶିକ୍ଷା ଢାଞ୍ଚା ଓ ଶିକ୍ଷା ପରିବେଶର ମାନ ଉନ୍ନତି ପାଇବ । ପ୍ରତ୍ୟେକ ଶିଶୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତାରେ ପାରଦର୍ଶୀ ହେବେ ବୋଲି ରାଜ୍ୟପାଳ କହିଛନ୍ତି । ରାଜ୍ୟରେ ନୂଆ ସରକାର୍ ଆସିବା ପରେ ୧୬ ଲକ୍ଷ ୪୨ ହଜାର ଲକ୍ଷପତି ଦିଦି ସୃଷ୍ଟି କରିବାରେ ସଫଳ ହୋଇଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୬ ଲକ୍ଷ ୧୯ ହଜାର ସୃଷ୍ଟି କରିବାକୁ ଧାର୍ଯ୍ୟ କରାଯାଇଥିଲା । ଝଏିଏ ସଦସ୍ୟ ମାନଙ୍କୁ ବାର୍ଷିକ ଅନ୍ୟୁନ ଏକ ଲକ୍ଷ ଟଙ୍କା ରୋଜଗାର କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ରାଜ୍ୟ ।

◆◆ପୃଷ୍ଠା ୭

## ଫେଲ୍ ପିଲାଙ୍କୁ ମିଳିଲା ଚାକିରି : ଗୃହରକ୍ଷୀ ନିଯୁକ୍ତିରେ ବି କେଳେଙ୍କାରୀ

ଭୁବନେଶ୍ୱର, ୧୭/୨ (ନି.ପ୍ର): ପୁଲିସ ଏସ୍ଆଇ ନିଯୁକ୍ତି କେଳେଙ୍କାରୀକୁ ନେଇ ଚର୍ଚ୍ଚା ନଥମୁଣ୍ଡ, ଗୃହରକ୍ଷୀ ନିଯୁକ୍ତିରେ ଆସିଲାଣି ଅନିୟମିତତା ଅଭିଯୋଗ । ଶାରୀରିକ ପରୀକ୍ଷାରେ କୃତକାର୍ଯ୍ୟ ନ ହୋଇ ବି, ଶତାଧିକ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ଚୟନ କରାଯାଇଥିବା ଅଭିଯୋଗ ହୋଇଛି । ଗୃହରକ୍ଷୀ ପଦବୀ ପାଇଁ ହଜାର ହଜାର ପିଲାଙ୍କ ଆବେଦନ, ଗୋଟିଏ ପଟେ ଉତ୍କଟ ବେକାରୀ ସମସ୍ୟା ଓ ସରକାରୀ ଚାକିରି ପ୍ରତି ଦୁର୍ବଳତା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ଅନ୍ୟପଟେ ଗୃହରକ୍ଷୀ ନିଯୁକ୍ତିରେ ବି ଅନିୟମିତତା ଅଭିଯୋଗ, ପୁରା ବ୍ୟବସ୍ଥାକୁ ସନ୍ଦେହ ଘେରକୁ ଠେଲି ଦେଇଛି । ସୁନ୍ଦରଗଡ଼ ପୁଲିସ ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ପାଇଁ ଭିଡ଼ । ଗତବର୍ଷ ଫେବୃଆରୀ ୧୯ରେ ପ୍ରକାଶ ପାଇଥିଲା ବିଜ୍ଞପ୍ତି । ୨୦୧ ଗୃହରକ୍ଷୀ ପଦବୀ ପାଇଁ ଆବେଦନ କରିଥିଲେ ପ୍ରାୟ ୯ ହଜାର ଆଶାୟୀ । ଶାରୀରିକ ପରୀକ୍ଷା ହେଲା, ତା ପରେ ୧୬ଶହରୁ ଅଧିକ ପିଲା ସାକ୍ଷାତକାର ପରୀକ୍ଷା ବି ଦେଇଥିଲେ । ତେବେ ଅନେକଙ୍କୁ ଚକିତ କରିଛି ଚୂଡ଼ାନ୍ତ ମନୋନୀତ ତାଲିକା । ଗତକାଲି ତାଲିକା ପ୍ରକାଶ ପାଇବା ପରେ, ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ଆଣିଛନ୍ତି ପରୀକ୍ଷାର୍ଥୀ । ଯେଉଁମାନେ ଶାରୀରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇନଥିଲେ, ଚୂଡ଼ାନ୍ତ ତାଲିକାରେ ସେମାନେ କୃତକାର୍ଯ୍ୟ ବୋଲି ଦର୍ଶାଯାଇଛି । ଜଣେ କି ଦୁଇ ଜଣ ନୁହେଁ, ଫେଲ୍ ହୋଇଥିବା ଶତାଧିକ ପ୍ରାର୍ଥୀ ଚାକିରି ପାଇଥିବା ଅଭିଯୋଗ ହୋଇଛି । ଗତକାଲି ଫଳ ପ୍ରକାଶ ପରେ ଆଜି ସକାଳୁ ସମସ୍ତ କୃତକାର୍ଯ୍ୟ ପ୍ରାର୍ଥୀଙ୍କୁ ଯୋଗଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଦୀର୍ଘ ଦିନ ଧରି ଏହି ପରୀକ୍ଷାର ଫଳ ନବାହାରିବା ଏବଂ ହଠାତ କାଲି ରାତିରେ ବାହାରି, ତରବରିଆ ଭାବେ ଆଜି ପିଲାଙ୍କୁ ଚାକିରିରେ ଯୋଗ ଦେବାକୁ କୁହାଯିବା ସନ୍ଦେହକୁ ବଢ଼ାଇଛି । ଅନ୍ୟପଟେ ଏହି ଘଟଣାରେ କ୍ୟାମେରା ସାମ୍ନାକୁ ମୁହଁ ଖୋଲୁନି ଜିଲ୍ଲା ପୁଲିସ ।

## ରାଜଧାନୀରେ କଥା କଥାରେ ବୁଲୁଛି ଖଣ୍ଡା



ଭୁବନେଶ୍ୱର, ୧୭/୨ (ନି.ପ୍ର): ରାଜଧାନୀରେ ଗୁଣ୍ଡା ଓ ଅପରାଧୀଙ୍କ ରାଜ୍ । କମିସନରେଟ ପୁଲିସର ନାକ ତଳେ ମାତିଛନ୍ତି ଲୁଟେରା । କେଉଁଠି ଅଫିସ୍ ପଶି ଖଣ୍ଡାରେ ହାଣୁଛନ୍ତି ତ, କେଉଁଠି ଖୋଦ୍ କମିଶନରେଟ୍ ପୁଲିସର ବରିଷ୍ଠ ଅଧିକାରୀଙ୍କ ପରିବାର ବି ସୁରକ୍ଷିତ ନୁହନ୍ତି । ସୁନା ଲୋଭି ସ୍ପ୍ରେ ମ୍ୟାନ୍ ବି ଖେଳାଇଲା ଚାଞ୍ଚଲ୍ୟ । ଭୁବନେଶ୍ୱରରେ ଆଜି ଗୋଟିଏ ଦିନରେ ତିନି ତିନିଟି ଘଟଣା କମିସନରେଟ୍ ପୁଲିସର ସକ୍ରିୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାତିରେ ହାଣିଲେ, ସକାଳୁ ଝାମ୍ପିଲେ, ଦିନରେ ଲୁଟିଲେ । ରାଜଧାନୀରେ ଚାଲିଛି କ'ଣ ? ହାତରେ ଖଣ୍ଡା, ଭୁଜାଲି, କଟୁରୀ ଧରି ଆତଙ୍କ ଖେଳାଇଲେ । ଆଗରେ ଯିଏ ପଡ଼ିଲା, ହଣା ଖାଇଲା । ଚୋଟ ପରେ ଚୋଟ, ରକ୍ତମୁଖା ଦୁର୍ବୃତ୍ତ । ଏହା କୌଣସି ସିନେମାର ସିନ୍ ନୁହେଁ, ବରଂ ଖୋଦ୍ ରାଜଧାନୀ ଭୁବନେଶ୍ୱରର । ତମାଣ୍ଡୋ ଅଞ୍ଚଳର ଏକ ଅଫିସ ଭିତରେ ପଶି ଅଧରାତିରେ ଅତର୍କିତ ଆକ୍ରମଣ କରିଛନ୍ତି ୭ ଜଣ ଦୁର୍ବୃତ୍ତ ।

## ଛତିଶଗଡର ସୁକମାରେ ୨୨ ମାଓବାଦୀଙ୍କ ଆତ୍ମସମର୍ପଣ

ସୁକମା, ୧୭/୨ (ନି.ପ୍ର): ଛତିଶଗଡର ନକ୍ସଲ ପ୍ରଭାବିତ ସୁକମା ଜିଲ୍ଲାରେ ମଙ୍ଗଳବାର ୨୨ ଜଣ ସକ୍ରିୟ ମାଓବାଦୀ ଶାସନଙ୍କ ପୁନର୍ବାସ ଓ ଆତ୍ମସମର୍ପଣ ନୀତି ଅନୁସାରେ ଆତ୍ମସମର୍ପଣ କରିଛନ୍ତି । ଏହି ସୂଚନା ଅତିରିକ୍ତ ଏସ୍‌ପି (ନକ୍ସଲ ଅପରେସନ୍) ରୋହିତ ଶାହ ଦେଇଛନ୍ତି । ସମସ୍ତ ମାଓବାଦୀମାନେ ସୁକମାର ପୁଲିସ୍ ଅଧୀକ୍ଷକ କାର୍ଯ୍ୟାଳୟରେ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଏବଂ ସିଆରପିଏଫର ଅଧିକାରୀମାନଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଥିଲେ । ଆତ୍ମସମର୍ପଣ କରିଥିବାମାନଙ୍କ ମଧ୍ୟରେ ଗୋଟିଏ ମହିଳା ମାଓବାଦୀ ମଧ ଅଛନ୍ତି, ଯିଏ ଦୀର୍ଘ ସମୟ ଧରି ସଂଗଠନ ସହିତ ଜଡିତ ଥିଲେ । ଅତିରିକ୍ତ ଏସ୍‌ପି (ନକ୍ସଲ ଅପରେସନ୍) ରୋହିତ ଶାହ କହିଛନ୍ତି ଯେ 'ନକ୍ସଲ ମୁକ୍ତ ଅଭିଯାନ ବସ୍ତର' ଅନ୍ତର୍ଗତ ଜିଲ୍ଲାରେ ନିରନ୍ତର ନକ୍ସଲ ବିରୋଧୀ ଅଭିଯାନ ଚାଲୁଛି । ଏଥିରୁ ମାଓବାଦୀ ସଂଗଠନ ଶେଷ ପର୍ଯ୍ୟାୟକୁ ପହଞ୍ଚୁଛି ।

## ଭୟଙ୍କର ଯୁଦ୍ଧର ପଦଧ୍ୱନି: ଇରାନର ପରମାଣୁ ସ୍ଥଳରେ ପକାଯାଇଥିବା ଜିବିୟୁ-୫୭ ବଙ୍କର ବୋମା ପାଇଁ ନୂଆ ଅର୍ଡର ଦେଲା ଆମେରିକା



ନୂଆଦିଲ୍ଲୀ,୧୭/୨ : ଆମେରିକାର ବାୟୁସେନା ମହାକାଶ କମ୍ପାନି ବୋଇଂ ଠାରୁ ଜିବିୟୁ-୫୭ ମାସିଭ୍ ଅର୍ଡନାନ୍ସ ପେନେଟ୍ରେଟର (ଏମ୍ଓପି) ବୋମା ଅର୍ଡର କରିଛି । ଚୁକ୍ତିନାମା ଅନୁସାରେ ଦେଶରେ ବୋମାଗ ଭଣ୍ଡାରକୁ ପୂରଣ କରାଯିବ । ଗତ ବର୍ଷ ଜୁନ୍ ମାସରେ ଆମେରିକା ଅପରେସନ ମିଡନାଇଟ୍ ହାମର୍ ଆରମ୍ଭ କରିଥିଲା, ଯେଉଁଥିରେ ଇରାନର ପରମାଣୁ ପ୍ରତିଷ୍ଠାନଗୁଡ଼ିକୁ ବଙ୍କର୍ ବୋମା ସାହାଯ୍ୟରେ ଆକ୍ରମଣ କରାଯାଇଥିଲା । ଏହି ବୋମାଗୁଡ଼ିକ ଭୂଗର୍ଭରେ ପ୍ରବେଶ କରି ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବାର କ୍ଷମତା ରହିଛି । ଜିବିୟୁ-୫୭କୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ବୋମା ବୋଲି ବିବେଚନା କରାଯାଇଥାଏ । ଏହାକୁ ବି-୨ ସ୍ପିରିଟ୍ ବମରରୁ ପକାଯାଇଥାଏ । ଇସ୍ରାଏଲୀ ଗଣମାଧମ ଅନୁଯାୟୀ, ଆମେରିକାର ବାୟୁସେନା କହିଛି ଯେ, ଅପରେସନ ମିଡନାଇଟ୍ ହାମର୍ ୨୧ ଜୁନ୍ ୨୦୨୫ରେ ସମୟରେ ଆମର ଖାଲି ହୋଇଥିବା ଜିବିୟୁ-୫୭ ବୋମା ଭଣ୍ଡାରକୁ ପୂରଣ କରିବା ପାଇଁ ବୋଇଂକୁ ଏକ ଚୁକ୍ତିନାମା ପ୍ରଦାନ କରିଛୁ ।

## ବାଂଲାଦେଶରେ ଆରମ୍ଭ ହେଲା ତାରିକଙ୍କ ଯୁଗ: ୩୬ ବର୍ଷ ପରେ ପୁରୁଷ ପ୍ରଧାନମନ୍ତ୍ରୀ, ୟୁନୁସଙ୍କ ସହଯୋଗୀଙ୍କୁ ଗୁରୁ ଦାୟିତ୍ୱ



ନୂଆଦିଲ୍ଲୀ,୧୭/୨ : ମଙ୍ଗଳବାର ବାଂଲାଦେଶ ରାଜନୀତିରେ ଏକ ନୂତନ ଅଧ୍ୟାୟ ଯୋଡା ହୋଇଛି । ଦୀର୍ଘଦିନର ରାଜନୈତିକ ଅସ୍ଥିରତା ଓ ଅନିଶ୍ଚିତତା ପରେ, ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି) ମୁଖ୍ୟ ତାରିକ ରହମାନ ଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି । ଶପଥ ଗ୍ରହଣ ସମାରୋହ ଢାକାର ସଂସଦ ସଂକଳନର ଦକ୍ଷିଣ ପ୍ଲାଜାରେ ଅନୁଷ୍ଠିତ ହୋଇଛି । ମୁଖ୍ୟ ନିର୍ବାଚନ କମିସନର ଏଏମଏମ ନାସିର ଉଦ୍ଦିନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଶପଥ ଗ୍ରହଣ ଉତ୍ସବରେ ଆହୁରି ଅନେକ ନେତା ମଧ ମନ୍ତ୍ରୀ ଭାବରେ ଶପଥ ନେଇଥିଲେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ତାଙ୍କ ମନ୍ତ୍ରିମଣ୍ଡଳରେ ଦୁଇଜଣ ହିନ୍ଦୁ ନେତାଙ୍କୁ ସାମିଲ କରାଯାଇଛି । ନିତାଇ ରାୟ ଚୌଧୁରୀ ଓ ଦୀପେନ ଦିୱାନ ଚକମାଙ୍କୁ ତାରିକ ସରକାରରେ ମନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଛି । ତାରିକ ରହମାନଙ୍କ କ୍ଷମତା ଗ୍ରହଣ ଅନେକ ଦୃଷ୍ଟିରୁ ଐତିହାସିକ । ୩୬ ବର୍ଷର ବ୍ୟବଧାନ ପରେ ବାଂଲାଦେଶରେ ଜଣେ ପୁରୁଷ ପ୍ରଧାନମନ୍ତ୍ରୀ ଅଛନ୍ତି । ଏହା ପୂର୍ବରୁ, ଶେଖ ହସିନା ଏବଂ ଖାଲିଦା ଜିଆ ଦଶନ୍ଧି ଧରି କ୍ଷମତାରେ ଥିଲେ । ତାରିକ୍ ରହମାନ ନିଜେ ୧୭ ବର୍ଷର ନିର୍ବାସନ ପରେ ସ୍ୱଦେଶ ଫେରି ତାଙ୍କ ଦଳକୁ ଏକ ବଡ଼ ବିଜୟ ହାସଲ କରାଇଥିଲେ । ଫେବ୍ରୁଆରି ୧୨ ରେ ଅନୁଷ୍ଠିତ ଜାତୀୟ ନିର୍ବାଚନରେ, ବିଏନ୍‌ପି ନେତୃତ୍ୱାଧୀନ ମେଣ୍ଟ ୨୯୭ ଆସନରୁ ୨୧୧ ଆସନ ଜିତି ଏକ ବଡ଼ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା । ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହେବା ପାଇଁ ଅନେକ ଦେଶର ପ୍ରତିନିଧି ଢାକାରେ ପହଞ୍ଚିଥିଲେ ।

# ଇଫ୍‌କୋର ଗୋସେବା କାର୍ଯ୍ୟକ୍ରମ



ପାରାଦ୍ୱୀପ, ୧୭/୨ (ନି.ପ୍ର): ପବିତ୍ର ମହାଶିବରାତ୍ରି ଅବସରରେ ପାରାଦ୍ୱୀପ ଇଫକୋ କାରଖାନା ପକ୍ଷରୁ କୋ-ପରେଟିଭ ରୁରାଲ ଡେଭଲପମେଣ୍ଟ ଟ୍ରଷ୍ଟ ସହାୟତାରେ ଗୋ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାରାଦ୍ୱୀପ ତାରେଣୀଗଡା ସ୍ଥିତ ମା ଶାରଳା ଗୋ-ସେବା ଆଶ୍ରମ ପରିସରରେ ଥିବା ୨୧୪ ଟି ଗୋ ମାତା ଓ ଷଣ୍ଢଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ସେମାନଙ୍କୁ ଔଷଧ ଓ ଟିକା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଇଫକୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, କୋ-ପରେଟିଭ ରୁରାଲ ଡେଭଲପମେଣ୍ଟ ଟ୍ରଷ୍ଟ ର ଅଧ୍ୟକ୍ଷ କୁଳମଣି ମାଝୀ, ମାଇକ୍ରୋ ବାୟୋଲୋଜିଷ୍ଟ ଅଫିସର ଅଭ୍ରୋ ଦେ , ମା ଶାରଳା ଗୋ ସେବା ଆଶ୍ରମ ର ସମ୍ପାଦକ ମହନ୍ତ ମହାରାଜ ରମେଶ ଦାସ, ପାରାଦ୍ୱୀପ ପଶୁ ସମ୍ପଦ ଅଧିକାରୀ ଡାକ୍ତର ନିରଞ୍ଜନ ବେହେରା, ବାବା ପ୍ରଶାନ୍ତ ଦାସ , ଗୋଶାଳା ଆଶ୍ରମ ର ସଦସ୍ୟ ଅରୁଣ କୁମାର ଓଝା ପ୍ରମୁଖ ଯୋଗଦେଇ ଗୋ ସେବା ର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ପଶୁ ସମ୍ପଦ ଅଧିକାରୀ ନିରଞ୍ଜନ ବେହେରା ଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଆଶ୍ରମ ପରିସରରେ ରହୁଥିବା ୨୧୪ ଟି ଗୋ ମାତା ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେମାନଙ୍କୁ ଔଷଧ ଦେଇ ଚିକିତ୍ସା କରିଥିଲେ। ଏଠାରେ ସୂଚନାଯୋଗ୍ୟ, ପାରାଦ୍ୱୀପ ସ୍ଥିତ ମା ଶାରଳା ଗୋ ସେବା ଆଶ୍ରମ ଗତ ୧୦ ବର୍ଷ ହେଲା ପାରାଦ୍ୱୀପ, ଜଗତସିଂହପୁର ଓ କେନ୍ଦ୍ରାପଡା ଅଞ୍ଚଳରେ ଦୁର୍ଘଟଣାର ଶିକାର ହେଉଥିବା ଗୋ ମାତା ଓ ଷଣ୍ଢ ମାନଙ୍କୁ ଆଣି ଚିକିତ୍ସା କରିବା ସହିତ ସେମାନଙ୍କୁ ଆଶ୍ରମ ପରିସରରେ ରଖି ସେବା କରାଯାଉଛି । ଗତ ଜାନୁଆରୀ ମାସରେ ମହାନଦୀ ର ଏକ ଟାପୁ ରୁ ଭୋକ ଉପାସରେ ଥିବା ୬୯ ଟି ଗୋ ମାତା ଓ ଷଣ୍ଢ ଙ୍କୁ ଉଦ୍ଧାର କରି ଆଶ୍ରମ ପରିସରରେ ରଖି ସେମାନଙ୍କୁ ଚିକିତ୍ସା କରିବା ସହିତ ଖାଦ୍ୟ ଦେଇ ରଖାଯାଇଛି । ଗୋଶାଳାର ସଦସ୍ୟ ମାନଙ୍କ ଦ୍ୱାରା କରାଯାଉଥିବା ଏହି କାର୍ଯ୍ୟକୁ ଇଫକୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ପ୍ରଶଂସା କରିବା ସହିତ କଥା କହି ପାରୁନଥିବା ଗୋ ମାତା ଙ୍କ ସେବା ହିଁ ପ୍ରକୃତ ସେବା । ଶାସ୍ତ୍ରିୟ ମତରେ ଗୋ ମାତା ଙ୍କ ଦେହରେ ସମସ୍ତ ଦେବା ଦେବୀ ବାସ କରନ୍ତି, ତେଣୁ ସେମାନଙ୍କ ସେବା ହେଉଛି ପ୍ରକୃତ ସେବା ବୋଲି ଶ୍ରୀ ବେଉରା ପ୍ରକାଶ କରିଥିଲେ। ସେହିପରି ଗୋଶାଳା ପ୍ରତି ଇଫକୋର ପ୍ରବନ୍ଧ ନିର୍ଦ୍ଦେଶକ ଶ୍ରୀ କେ. ଜେ. ପଟେଲ ଓ ଇଫକୋ ୟୁନିଟ୍ ମୁଖ୍ୟ ପି କେ ମହାପାତ୍ର ଙ୍କ ସହଯୋଗ କୁ ଗୋଶାଳା ସମ୍ପାଦକ ମହନ୍ତ ମହାରାଜ ରମେଶ ଦାସ ଓ ସଦସ୍ୟ ଅରୁଣ କୁମାର ଓଝା ପ୍ରଶଂସା କରିବା ସହିତ ଇଫକୋ କାରଖାନା ପ୍ରତ୍ୟେକ ଅସୁବିଧା ସମୟରେ ସହଯୋଗ ର ହାତ ବଢ଼ାଇ ଥିବାରୁ କୃତଜ୍ଞତା ଜଣାଇଥିଲେ।

# ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡା, ୧୬ ଫେବୃଆରୀ (ହି.ସ.)- ଖଡିଆଳ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ପରେ ଅପରାହ୍ନରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଚନାବେଡା ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଜିଲ୍ଲାପାଳଙ୍କ ସହିତ ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ । ମାନିଧୀ ଭୋଇ, ସିଡିଏମଓ ଡା. ଧନେଶ୍ୱର ସେଠୀ, ବିଡ଼ିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଡବା, ସ୍ଥାନୀୟ ସରପଂଚ ମଥାମଣି ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ । ଏହି ପଂଚାୟତରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମାରୋହରେ ଜିଲ୍ଲାପାଳ ଶିଶୁ କନ୍ୟାକୁ ଆଶିର୍ବାଦ ସହିତ ଉପହାର ପ୍ରଦାନ କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ସାତ ଜଣ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥି ମାନେ ଭେଟି ଦେଇଥିଲେ ।
ଏହାପରେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ଦୂର କରିବା ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସଭାରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଜନ ସାଧାରଣଙ୍କୁ ନିଜ ନିଜ ବିଭାଗର ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ପ୍ରବାସୀ ଶ୍ରମିକ ପ୍ରଥାର ଅପକାରୀତା ଓ ଏହାକୁ କିଭଳି ଭାବେ ନିରାକରଣ କରାଯାଇ ପାରିବ ସେ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହା ସହିତ ନୂଆପଡ଼ା ଥରେମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ମୁକ୍ତ ଜିଲା ଘୋଷିତ ହୋଇଥିବାରୁ ଏସବୁର ବ୍ୟବହାର ନ କରିବାକୁ ସମସ୍ତଙ୍କୁ ସଚେତନ କରାଯାଇଥିଲା । ଏହା ସହିତ ବିବାହ ତଥା ପର୍ବ ପର୍ବାଣୀରେ ପ୍ଲାଷ୍ଟିକ ଖଲି, ଦନା, ଗ୍ଲାସ୍ ଇତ୍ୟାଦିର ବ୍ୟବହାର ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ଜିଲ୍ଲାର ୧୪୧ ତମ ବର୍ତନ ବ୍ୟାଙ୍କ୍ ର ଉଦ୍ଘାଟନ କରିଥିଲେ ।
ଏହି ଅବସରରେ ଜିଲ୍ଲାପାଳ ଜିଲ୍ଲାର ପ୍ରଥମ 'ସ୍ୱଚ୍ଛତା ମିତ୍ର' ପୁରସ୍କାର ୟାର୍ ର ସଭାପତି ମହେନ୍ଦ୍ର ଯୋଶୀଙ୍କୁ ପ୍ରଦାନ କରିଥିଲେ । ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେ, ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ସୁବିଧା ସୁଯୋଗ ମିଳୁଥିବାରୁ ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବା ପାଇଁ ସମସ୍ତେ ପଣ କରନ୍ତୁ । ଜିଲ୍ଲା ପ୍ରଶାସନ ସମସ୍ତ ଶ୍ରମିକ ମାନଙ୍କୁ ଖାଦ୍ୟ, ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ସୁବିଧା ସହିତ ଜୀବନ ଜୀବିକା ନିର୍ବାହ ପାଇଁ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ସମସ୍ତେ ମିଶି ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ଏବଂ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ସଭାରେ ଦୁଇଜଣ ଶ୍ରେଷ୍ଠ ଶ୍ରୋତା, ମନରେଗା ଯୋଜନାରେ ଅଧିକ ଦିନ କାମ କରିଥିବା ଶ୍ରମିକ ମାନଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ଶିକ୍ଷ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ ଏବଂ ଶ୍ରମ ବିଭାଗ ଦ୍ୱାରା ହିତାଧୀକାରୀ ମାନଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦିଆଯାଇଥିଲା । ଚନାବେଡା ଆଶ୍ରମ ବିଦ୍ୟାଳୟର ଛାତ୍ରୀ ମାନେ ପରିବେଶ ସୁରକ୍ଷା ତଥା ପ୍ରବାସୀ ଶ୍ରମିକ ସଚେତନତା ପାଇଁ ସୁନ୍ଦର ନୃତ୍ୟଗୀତ ପରିବେଷଣ କରିଥିଲେ । ଶେଷରେ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଅତିଥିମାନେ ପକ୍ଷୀମାନଙ୍କ ପାଇଁ ଖାଦ୍ୟ ଜଳ ଯୋଗାଇ ଦେଇଥିଲେ । ଏହି ଶିବିରକୁ ଖଡିଆଳ ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପ୍ରୋଗ୍ରାମ ଅଫିସର୍ ନମିତା ପାଢ଼ୀ, ଖଡିଆଳ ସିଡିପିଓ ଲତା ଦିଗାଲ, ସ୍ଥାନୀୟ ସରପଂଚ, ପଂଚାୟତିରାଜ ବିଭାଗ, ଜଙ୍ଗଲ ବିଭାଗ ପ୍ରମୁଖ ଆୟୋଜନ କରିଥିଲେ।

# ଜୁନାଗଡ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ

ଭବାନୀପାଟଣା, ୧୭/୨ (ନି.ପ୍ର): ଆଜି ଜୁନାଗଡ଼ ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧନ ଶିବିର ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟ ସ୍ଥିତ ସଭାଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବ୍ଲକର ବିଭିନ୍ନ ଅଂଚଳରୁ ଆସିଥିବା ୩୪ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୨୮ ଗୋଟି ଓ ସାମୂହିକ ୫ ଗୋଟି ରହିଥିବାବେଳେ ୬ ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଭତା, ପ୍ରଧାନମନ୍ତ୍ରୀ ଆବାସ, ପାନୀୟଜଳ, ଜମିବିବାଦ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ,ସମାଜ କଲ୍ୟାଣ, ଶିଶୁ ସୁରକ୍ଷା, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ବିଦ୍ୟୁତ୍, ପୋଲିସ କେଶ୍, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତି ଅଭିଯୋଗର ଶୁଣାଣୀ କରି ଏହିସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାପାଇଁ ଏଥିସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରଓ୍ୱାନ ନିର୍ଦ୍ଦେଶ ଦେଇଥିଲେ।
ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରଓ୍ୱାଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧର୍ମଗଡ଼ ଡ଼ୋଲାମଣୀ ଭୋଇ, ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ମୁଗୁପାଳ ଛକ ନିକଟରୁ ୭ ଶିଶୁ ଶ୍ରମିକ ଉଦ୍ଧାର

ଧର୍ମଶାଳା, ୧୭/୨ (ନି.ପ୍ର): ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ମୁଗୁପାଳ ଛକ ନିକଟରୁ ଆଜି ଅପରାହ୍ନରେ ଏକ ସିମେଂଟ ଓ୍ୱାର୍କସପରୁ ୭ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଶିଶୁ ଅଧିକାର କର୍ମୀ ମଂଟୁ ଦାସ କୁଆଖିଆ ଥାନା ଅଂଚଳରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଓ ହୋଟେଲମାନଙ୍କରେ ଶିଶୁ ଶ୍ରମିକ ଥିବାର ଅଭିଯୋଗ କରିଥିଲେ । ଏହି ଅଭିଯୋଗ ପରେ ଜିଲାପାଳ ଅମ୍ବର କୁମାର କର ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର ଓ ଥଇଥାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୁଆଖିଆ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଚାଇଲ୍ଡ ଲାଇନ ସଂଯୋଜକ ବରେନ୍ଦ୍ର କୃଷ୍ଣ ଦାସ ଓ ଶିଶୁ ଅଧିକାର କର୍ମୀ ମଂଟୁ ଦାସ ମିଳିତଭାବେ ମୁଗୁପାଳସ୍ଥିତ ଏକ ସିମେଂଟ ଓ୍ୱାର୍କ ସପରୁ ୭ ଜଣ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲେ । ସେମାନଙ୍କ ମଧ୍ୟରୁ କିଛି ଶିଶୁମାନଙ୍କ ବୟସ ୧୪ ବର୍ଷରୁ କମ୍ ଥିବାବେଳେ ଦୁଇ ଜଣ ଶିଶୁ ୧୮ ବର୍ଷରୁ କମ୍ ଥିବାର ଜଣାପଡିଛି । ସେମାନେ ଠାକୁରମୁଣ୍ଡା ଅଂଚଳର ବୋଲି ଜଣାପଡିଛି । ସେମାନେ ବହୁ ଦିନ ହେବ ଏଠାକୁ ଆସି ଶିଶୁ ଶ୍ରମିକ ଭାବେ କାମ କରୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଶିଶୁମାନଙ୍କୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନ କରାଯାଇଛି ।

# ଓଡ଼ିଶା ଗାନ୍ଧୀ ବିଚାର ପରିଷଦର ମୁଖପତ୍ର 'ରାଷ୍ଟ୍ରପିତା' ଉନ୍ମୋଚିତ

କେନ୍ଦୁଝର, ୧୭/୨ (ନି.ପ୍ର): ପବିତ୍ର ମହାଶିବରାତ୍ରି ଅବସରରେ ଓଡିଶା ଗାନ୍ଧୀ ବିଚାର ପରିଷଦର ମୁଖପତ୍ର 'ରାଷ୍ଟ୍ରପିତା' ଡିମ୍ବ ପଂଚାୟତର ଭାଲୁଘର ଶିବ ମନ୍ଦିର ଓ ମଇଦାନକେଲର ଚନ୍ଦନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଜନସାଧାରଣଙ୍କ ନିମନ୍ତେ ଉନ୍ମୋଚିତ ହୋଇଯାଇଛି। କେନ୍ଦୁଝର ଡେଭେଲପ୍‌ମେଂଟ ଟ୍ରଷ୍ଟ ଓ ଓଡିଶା ଗାନ୍ଧୀ ବିଚାର ପରିଷଦର ମିଳିତ ଆନୁକୂଲ୍ୟରେ ଉନ୍ମୋଚନ ଉତ୍ସବରେ ଆଦିବାସୀ ଗବେଷକ ତଥା ସାହିତ୍ୟିକ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବିମ୍ବାଧର ବେହେରା, ନିଶାମୁକ୍ତ ଆନ୍ଦୋଳନର ଆଦିବାସୀ ନେତ୍ରୀ କଳ୍ପନା ନାଏକ, ଭୂମିକା ଜେନେରାଲ୍ ମ୍ୟାନେଜର କର୍ଣ୍ଣାଟ କିଶୋର ଜେନା, ମନ୍ଦିର ପୂଜକ ରମେଶ ଚନ୍ଦ୍ର ମହାପାତ୍ର, ଚନ୍ଦନେଶ୍ୱର ମନ୍ଦିର କମିଟିର ସଭାପତି ଭଗବାନ ମହାନ୍ତ, ଯୁବସମାଜସେବୀ ମନୋଜ କୁମାର ମହାନ୍ତ, କଳ୍ପନା ମହାନ୍ତ, କାଂଚନବାଳା ମହାନ୍ତ, ରଂଜୁଲତା ମହାନ୍ତ, ଶଙ୍କରଦେବ ମହାନ୍ତ, ମାନସ ରଞ୍ଜନ ପଣ୍ଡା ପ୍ରମୁଖ ମୁଖପତ୍ର ରାଷ୍ଟ୍ରପିତା ପତ୍ରିକାଟିକୁ ମିଳିତ ଭାବରେ ଉନ୍ମୋଚିତ କରିଥିଲେ। ଏହି ଅବସରରେ ଓଡିଶା ଗାନ୍ଧି ବିଚାର ପରିଷଦର ସଭାପତି ତଥା ଗାନ୍ଧୀ ତତ୍ତ୍ୱବିତ୍ ଭକ୍ତବତ୍ସଳ ମହାନ୍ତି କହିଲେ ମା ରମାଦେବୀଙ୍କ ନିକଟରେ କିଶୋର ଅବସ୍ଥାରୁ କାର୍ଯ୍ୟ କରିଆସିଥିବା ଗାନ୍ଧୀବାଦୀ ଶ୍ରୀ ରମାକାନ୍ତ ନାଥ ରାଷ୍ଟ୍ରପିତା ପ୍ରତିକାଟିର ସମ୍ପାଦନା ଦାୟିତ୍ୱ ନିର୍ବାହ କରିଛନ୍ତି। ପ୍ରତିକାଟିର ପ୍ରକାଶନ ଓ ପ୍ରସାରପ୍ରଚାର ଦାୟିତ୍ୱ ଓଡିଶା ଗାନ୍ଧୀ ବିଚାର ପରିଷଦ ଦ୍ୱାରା କରାଯାଇଛି। ଗାନ୍ଧି ବିଚାର ପ୍ରସାର, ଗାନ୍ଧି ସାହିତ୍ୟ ସୃଷ୍ଟି କରିବା, ଗାନ୍ଧିଙ୍କ ରଚନାତ୍ମକ କାର୍ଯ୍ୟ ମାଧ୍ୟମରେ ସାବଲମ୍ବନଶୀଳ ସମାଜ ଗଠନ କରିବା, ଗ୍ରାମ ସ୍ୱରାଜ ପ୍ରତିଷ୍ଠା ସହ ଗ୍ରାମାଂଚଳରେ ଏକତା ବଜାୟ ରଖିବା ଏହି ପତ୍ରିକାର ଲକ୍ଷ୍ୟ ରହିଛି। ଗାନ୍ଧିଜୀଙ୍କ ବିଷୟରେ ଅନାଲୋଚିତ ବିଷୟକୁ ଲୋକଲୋଚନକୁ ଆଣିବାର ଲକ୍ଷ୍ୟନେଇ ଏହି ପତ୍ରିକା ପ୍ରକାଶନ ଜାରି ରହିବ ବୋଲି ଶ୍ରୀ ଭକ୍ତ ବତ୍ସଳ ମହାନ୍ତି ସୂଚନା ଦେଇଛନ୍ତି। ଅମରକୁ ମାରିବ କିଏ ନ୍ୟାୟରେ ସମାଜରେ ଅହିଂସାର ଲଢେଇ ଜାରି ରହିବ ବୋଲି ଓଡିଶା ଓଡିଶା ଗାନ୍ଧୀ ବିଚାର ପରିଷଦ ଦୃଢ ବିଶ୍ୱାସ କରେ। ଏହି କାର୍ଯ୍ୟକ୍ରମକୁ ମନ୍ଦିର କମିଟିର ସଦସ୍ୟ ସଦସ୍ୟା ଶୈବ ଉପାସକ, ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟର ଯୁବବନ୍ଧୁମାନେ ସହଯୋଗ କରିଥିଲେ। ଉନ୍ମୋଚନ ସ୍ଥାନରେ ରାଷ୍ଟ୍ରପିତା ବଂଟନ କରାଯାଇଥିଲା।

# ଦୁଇଦିନିଆ ଜାତୀୟ ସେମିନାର ସରକାରୀ ମହିଳା ମହାବିଦ୍ୟାଳୟ ବଲାଙ୍ଗୀରରେ ଉଦ୍‌ଘାଟିତ

ବଲାଙ୍ଗୀର, ୧୭/୨ (ନି.ପ୍ର): ବଲାଙ୍ଗୀର ସରକାରୀ ମହିଳା ମହା ବିଦ୍ୟାଳୟ ବଲାଙ୍ଗୀରରେ ବିଷୟକ ଦୁଇଦିନିଆ ଜାତୀୟ ସେମିନାରର ପ୍ରଥମ ଦିନ ସଫଳତାର ସହ ଆୟୋଜିତ ହେଲା। ଏହି ସେମିନାରଟି ଅର୍ଥନୀତି, ଶିକ୍ଷା, ଇଂରାଜୀ ଓରାଜନୀତି ବିଜ୍ଞାନ ବିଭାଗଙ୍କ ଯୁକ୍ତ ଆୟୋଜନରେ ହୋଇଥିଲା। ଅତିଥିମାନଙ୍କ ଦୀପ ପ୍ରଜ୍ୱଳନ ମାଧ୍ୟମରେ ଅଧିବେଶନ ଆରମ୍ଭ ହୋଇଥିଲା। ପରେ ସ୍ୱାଗତ ସଙ୍ଗୀତ ଓ ଅତିଥିମାନଙ୍କୁ ସମ୍ମାନ ଜ୍ଞାପନ କରାଯାଇଥିଲା। କଲେଜର ଅଧ୍ୟକ୍ଷ ଡ଼ଃ ଏ. କେ. ଓଝା ସ୍ୱାଗତ ଭାଷଣରେ ସମକାଳୀନ ସାମାଜିକ ସମସ୍ୟାମାନଙ୍କ ସମାଧାନ ପାଇଁ ସମାବେଶୀ ପ୍ରତିନିଧିତ୍ୱ ଓଶିକ୍ଷାନୁଷ୍ଠାନମୂଳକ ଆଲୋଚନାର ଗୁରୁତ୍ୱ ଉଲ୍ଲେଖ କରିଥିଲେ। ସେମିନାରର ଉଦ୍ଦେଶ୍ୟ ସମ୍ପର୍କରେ କନଭେନର ଶ୍ରୀମତୀ ସୁଚେତା ଦୋରା ବିସ୍ତୃତ ଅଲୋଚନା କରିଥିଲେ ଏବଂ ପ୍ରାନ୍ତୀୟତା,ଦୃଶ୍ୟମାନତା ଓ ସାମାଜିକ ନ୍ୟାୟ ବିଷୟକ ପ୍ରଶ୍ନମାନଙ୍କୁ ବହୁମାତ୍ରିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରିବାର ଆବଶ୍ୟକତା ଉଦ୍ଧାର କରିଥିଲେ। ଡ଼ଃ ଅନୁରାଧା ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ର ପୂର୍ବତନ ପ୍ରଫେସର କାଳିଦାସ ମିଶ୍ର ମୁଖ୍ୟ ଉପସ୍ଥାପକ ଭାବେ ନିଜ ଭାଷଣରେ ପ୍ରାନ୍ତୀୟକରଣର ଐତିହାସିକ ପରିଣାମ ଓ ଏହାର ସାମାଜିକ ପରିପ୍ରେକ୍ଷ୍ୟ ଉପରେ ଆଲୋକପାତ କରିଥିଲେ ଏବଂ ସମାନ ଅଧିକାର ସୁନିଶ୍ଚିତ କରିବାରେ ଉଚ୍ଚ ଶିକ୍ଷା ଓ ଗବେଷଣାର ପରିବର୍ତନଶୀଳ ଭୂମିକା ଉଲ୍ଲେଖ କରିଥିଲେ। ଏହି ଅବସରରେ ସେମିନାର ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଶେଷରେ ଶ୍ରୀ ଶରଧର ମାଝୀ ଧନ୍ୟବାଦ ଜ୍ଞାପନ କରି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ପରେ ସେମିନାରରେ ସମାନାନ୍ତର ପ୍ୟାନେଲ ଆଲୋଚନା ଆୟୋଜିତ ହୋଇଥିଲା। ଇଂରାଜୀ ବିଭାଗର ସମାନାନ୍ତର ପ୍ୟାନେଲ ଆଲୋଚନା ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଥିଲା। ଡ଼ଃ ଚିନ୍ମୟୀ ନନ୍ଦ, ଡ଼ଃ ପିତାମ୍ବର ବେହେରା (ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁର), ଡ଼ଃ ତ୍ୟାଗରାଜ ଠାକୁର(ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି,ସମ୍ବଲପୁର), ଡ଼ଃ ମୃଣ୍ମୟ ପ୍ରମାଣିକ କୁଳ ଉବକ୍ଷମଙ୍କପ୍ଷବ) ଓ ପ୍ରଫେସର କାଳିଦାସ ମିଶ୍ର ଏହାର ଅଧ୍ୟକ୍ଷତା କରିଥିଲେ। ଡ଼ଃ ଅନୁରାଧା ମିଶ୍ର ରାପୋର୍ଟିଅର ଭାବେ କାର୍ଯ୍ୟନିର୍ବାହ କରିଥିଲେ। ଭାରତୀୟ ସିନେମାରେ ଇକୋ-ନାରୀବାଦ, ଭାରତୀୟ ସାହିତ୍ୟର ଉପନିବେଶମୁକ୍ତ ଦୃଷ୍ଟିକୋଣ ଓ ପ୍ରାନ୍ତୀୟ ସାହିତ୍ୟରେ ପ୍ରତିରୋଧର ସ୍ୱର ଭଳି ବିଷୟରେ ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା। ସାମାଜିକ ବିଜ୍ଞାନ ବିଭାଗର ସମାନାନ୍ତର ପ୍ୟାନେଲ ଆଲୋଚନା ହାଇବ୍ରିଡ୍ ମୋଡ୍‌ରେ ଆୟୋଜିତ ହୋଇଥିଲା। ଅବକାଶପ୍ରାପ୍ତ ପ୍ରଧାନାଚାର୍ଯ୍ୟ ଶ୍ରୀ ସୁନୀଲ କୁମାର ପଣ୍ଡା ଏହାର ଅଧ୍ୟକ୍ଷତା କରିଥିଲେ। ଡ଼ଃ ଭୁବନେଶ୍ୱର ଛତ୍ରିଆ (ଅର୍ଥନୀତି,ଏଡଡ ବଲାଙ୍ଗୀର), ଡ଼ଃ ମନୋଜ କୁମାର ନାଗ (ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ), ଡ଼ଃ ସୁରେଶ ପ୍ରସାଦ ସାରଙ୍ଗୀ,ଶ୍ରୀ ସଞ୍ଜୟ ମେହେର,ଡ଼ଃ ସୁସନ୍ତ କୁମାର ସେଠୀ ଓ ଡ଼ଃ ମାନସୀ ମହାନ୍ତି ଏହାରେ ଅଂଶଗ୍ରହଣ କରିଥିଲେ। ଆମ୍ବେଦକରଙ୍କ ପ୍ରତିନିଧିତ୍ୱ ଦୃଷ୍ଟିକୋଣ, ଓଡିଶାରେ ଆଦିବାସୀ ରାଜନୈତିକ ସଶକ୍ତିକରଣ,ଆର୍ଥିକ ସମାବେଶ ଓ ମାନବ ବିକାଶ,ଏବଂ ଖଣି ଅଂଚଳରେ ପ୍ରାନ୍ତୀୟ ସମୁଦାୟମାନଙ୍କ ସ୍ଥିତି ଉପରେ ଆଲୋଚନା ହୋଇଥିଲା। ପରବର୍ତୀ ଟେକ୍ନିକାଲ୍ ସେସନ୍‌ଗୁଡିକ ଶାରୀରିକ,ହାଇବ୍ରିଡ୍ ଓ ଭର୍ଚୁଆଲ୍ ମୋଡ୍‌ରେ ଆୟୋଜିତ ହୋଇଥିଲା। ରାଜନୈତିକ ଅଂଶଗ୍ରହଣ ଓ ଶାସନ, ଆର୍ଥିକ ପ୍ରାନ୍ତୀୟତା ଓ ବିକାଶ, ଶିକ୍ଷା ଓ ଲିଙ୍ଗ ସମାବେଶ,ପରିବେଶ ଓ ପ୍ରତିରୋଧ, ନାରୀବାଦ ଓ ମହିଳା ସ୍ୱର ଭଳି ବିଭିନ୍ନ ବିଷୟରେ ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା।ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ, ଖ୍ରୀଷ୍ଟ ମାନୀତ ବିଶ୍ୱବିଦ୍ୟାଳୟ, ଲକ୍ଷ୍ନୌଓ ଅନ୍ୟାନ୍ୟ ସଂସ୍ଥାରୁ ଆସିଥିବା ଗବେଷକମାନେ ତାଙ୍କର ଗବେଷଣାପତ୍ର ପ୍ରସ୍ତୁତ କରିଥିଲେ। ଗ୍ରାମୀଣ ଓଡିଶାରେ ଭୋଟିଂ ବ୍ୟବହାର, ପଂଚାୟତୀ ରାଜରେ ମହିଳାଙ୍କ ସଶକ୍ତିକରଣ, କୃଷି ସଙ୍କଟ, ଡିଜିଟାଲ୍ ଆର୍ଥିକ ସମାବେଶର ଅସମତା, ଦରିଦ୍ରତା ଓ ଅସମାନତା, ଶିକ୍ଷାରେ ଜାତିଭିତ୍ତିକ ବିଷମତା, ପରିବେଶୀୟ ବିସ୍ଥାପନ ଓ ଆଦିବାସୀ ପରିଚୟ ଭଳି ବିଷୟରେ ଗଭୀର ଆଲୋଚନା ହୋଇଥିଲା। ପ୍ରଥମ ଦିନରକାର୍ଯ୍ୟକ୍ରମ ସଜୀବ ଆଲୋଚନା ଓ ବିଚାର ବିମର୍ଶ ସହ ଶେଷ ହୋଇଥିଲା। ପ୍ରାନ୍ତୀୟ ସ୍ୱରକୁ ମୁଖ୍ୟ ଧାରାରେ ଆଣି ସାମାଜିକ ପରିବର୍ତନକୁ ସୁଦୃଢ଼ କରିବାରେ ସେମିନାରର ଅଙ୍ଗୀକାର ସ୍ପଷ୍ଟ ହୋଇଥିଲା। ଦ୍ୱିତୀୟ ଦିନରେ ଆହୁରି ଟେକ୍ନିକାଲ୍ ସେସନ୍ ଓ ଆଲୋଚନା କାର୍ଯ୍ୟକ୍ରମ ଆୟୋଜିତ ହେବ।ଦେଶର ବିଭିନ୍ନ ପ୍ରସିଦ୍ଧ ଶିକ୍ଷାନୁଷ୍ଠାନରୁ ଅଧ୍ୟାପକ,ଗବେଷକ ଓ ଛାତ୍ରଛାତ୍ରୀମାନେ ଏହାରେ ଯୋଗଦେଇଥିଲେ।

# କୃମି ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୧୭/୨ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଚିର ନିରୋଗ ପାଇଁ କୃମି ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି ପିଲାମାନେ ବାହାରେ ଝାଡ଼ା ଫେରିଲେ, ତଳୁ ଗୋଟାଇ ଖାଇଲେ, ନଖ, ହାତ ସଫା ନକରି ଖାଇଲେ, ଅଧିକ ମିଠା ଆମିଷ ଖାଇଲେ କୃମି ରୋଗ ହୁଏ । ଏହିସବୁ କାରଣକୁ ଛାଡି ହଳଦୀ, ନିମ୍ବ, ଜୁଆଣି ଓ ସପୁରୀପତ୍ର ରସ ଯେକୌଣସି ଗୋଟିଏ ଦ୍ରବ୍ୟ କିଛିଦିନ ଖାଇଲେ ଭଲ ହୋଇଯାଏ । କୃମି ଯୋଗୁ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ଉଦରଶୂଳ ରକ୍ତହୀନତା, ଶ୍ୱେତପ୍ରଦର, ହୃଦ୍ ରୋଗ ମଧ ହୋଇପାରେ । ସମସ୍ତେ ପ୍ରତି ସପ୍ତାହରେ ଥରେ ଦୁଇଥର ନିମ୍ବ କିମ୍ବା ହଳଦୀ ଖାଇବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା । ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ।

# କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହା ବିଦ୍ୟାଳୟର ନୂତନ ଛାତ୍ରାବାସ ନିର୍ମାଣ ଓ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

କେନ୍ଦ୍ରାପଡା, ୧୭/୨ (ନି.ପ୍ର): ବିଧାୟକ ଗଣେଶ୍ୱର ବେହେରା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଧାୟକ ଶ୍ରୀ ବେହେରା ସରକାରଙ୍କ ଦ୍ୱାରା ଅନୁମୋଦିତ ୨୦୦ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରାବାସ ର ଗୃହ ନିର୍ମାଣ ପାଇଁ ନିରୁପିତ ସ୍ଥାନ ପରିଦର୍ଶନ କରିଥିଲେ। ଏହାସହିତ ସମ୍ମିଳନୀ କକ୍ଷ ସଂଲଗ୍ନ ଶୌଚାଳୟର ନବୀକରଣ ପାଇଁ ସମାଜସେବୀ ତଥା ପୌରାଧକ୍ଷାଙ୍କ ପ୍ରତିନିଧି ଶ୍ରୀ ସାହୁଙ୍କୁ ପୌରସଂସ୍ଥା ଦ୍ୱାରା କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ପୂର୍ବତନ ଛାତ୍ର ଓ ଅବସରପ୍ରାପ୍ତ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ସୁରେଶ କୁମାର ଦଳେଇଙ୍କ ପ୍ରସ୍ତାବକ୍ରମେ ଡିଜିଟାଲ ଲାଇବ୍ରେରୀ ନିର୍ମାଣ ପାଇଁ ସ୍ଥାନ ନିରୂପଣ ଓ ଏମ୍.ସି.ଏଲ ଠାରୁ ଅନୁଦାନ ପଠାଇବା ପାଇଁ ପରିବର୍ତିତ ଆକଳନ ଏସଟିମେଟ୍ ପଠାଇବା ପାଇଁ ବିଡିଓଙ୍କୁ ଅନୁରୋଧ କରା ଯାଇଥିଲା। ଏହି ସମୀକ୍ଷାରେ କଲେଜ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା, ପ୍ରାଧ୍ୟାପକ ରଂଜିତ କୁମାର ଦାସ, ସମାଜସେବୀ ରଂଜିତ କୁମାର ସାହୁ, ଦେବାଶିଷ ସିଂହ, ଅଧ୍ୟାପକ ଅଚ୍ୟୁତାନନ୍ଦ ମହାରଣା, କାଉନସିଲର ଶୁଭାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବାଲେଶ୍ୱର ସାମ୍ବାଦିକ ପ୍ରକୋଷ୍ଠରେ ବାସୁଦେବ ରାଉଳଙ୍କ ଶୋକାଞ୍ଜଳି ସଭା




ବାଲେଶ୍ୱର, ୧୭/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସାମ୍ବାଦିକ ପ୍ରକୋଷ୍ଠରେ ବାସୁଦେବ ରାଉଳ ଙ୍କ ଶୋକଞ୍ଜଳି ସଭା ସମାଜ ସେବୀ, ଯୁବନେତା ନରେନ୍ଦ୍ର ବିହାରି ଦାସ ( ବାଦଲ ଦାସ ) ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ବ୍ରାହ୍ମଣ ସମାଜର ସଭାପତି ଦେବବ୍ରତ ପାଣିଗ୍ରାହୀ ସଭାକୁ ପରିଚାଳନା କରିଥିଲେ। ଏହି ଶୋକଞ୍ଜଳୀ ସଭାରେ ପ୍ରେସ ଇକ୍ସପ୍ରେସ ମିଡ଼ିଆ କ୍ଲବର ସଭାପତି ଓ ଜନପ୍ରିୟ ସମ୍ପାଦକ ଉଜ୍ଜ୍ୱଳ ଚନ୍ଦ୍ର କର, ବରିଷ୍ଠ ସାମ୍ବାଦିକ ଆମନ୍ୟୁଜର ସମ୍ପାଦକ ବିପ୍ଳବ କୁମାର ମହାନ୍ତି, ଯୁବନେତା ପ୍ରଫେସର ଶତ୍ରୁ ଘନ ମଲ୍ଲିକ , ଅଭିନନ୍ଦନ ପେପର ର ସମ୍ପାଦକ ଶୁଭେନ୍ଦୁ କୁମାର ଦାସ , ବରିଷ୍ଠ ସାମ୍ବାଦିକ ସର୍ବେଶ୍ୱର ଜେନା , ବାଲେଶ୍ୱର ଜିଲ୍ଲାର ସାମ୍ବାଦିକ ରତିକାନ୍ତ ପାତ୍ର , ସପନ କୁମାର ବିଶ୍ୱାଳ ମଞ୍ଚରେ ଉପସ୍ଥିତ ଥିଲେ। ଶୋକାଞ୍ଜଳି ସଭାରେ ଗଗନ ଚନ୍ଦ୍ର ସେଠୀ, ସଂଦିପ୍ତ ଦାସ , ଅଭୟ କୁମାର ଦାସ , ଜ୍ଞାନରଞ୍ଜନ ମିଶ୍ର , ସୁଶାନ୍ତ ଦାସ , ସୁଶୀଳା ଜେନା , ମମତା ଦାସ , ମହେଶ୍ୱର ପ୍ରଧାନ , ଅରୂପ ଦାସ , ରତିକାନ୍ତ ଦତ୍ତ , ଶିବ ଶଙ୍କର ଭୋଇ , ତ୍ରିଲୋଚନ ମହାନ୍ତି , ଧୀରାଜ୍ କୁମାର ଦାସ, ମିତ୍ର ଭାନୁ ପଲେଇ, ମନୋଜ କୁମାର ଦାସ, ସୁରେନ୍ଦ୍ର ଜେନା ସନ୍ତୋଷ କୁମାର ପଟ୍ଟନାୟକ , ଆଶୁତୋଷ ମଲ୍ଲିକ , କୁଞ୍ଜ ମଣି ସ୍ୱାଇଁ , ମଲ୍ଲିକ ରିଜୁ ଆନ, ବିନାୟକ ମହାପାତ୍ର , ସଞ୍ଜୟ ମହାଲିକ , ମୃତ୍ୟୁଞ୍ଜୟ ପଟ୍ଟନାୟକ , ଅଜିତ କୁମାର ମହାନ୍ତି , ତପନ କୁମାର ଦାସ, ପ୍ରଜ୍ଞା ପାରମିତା ବିଶ୍ୱାଳ , ହାଇଦର ଖାଁ , ବିନାୟକ ବାବୁ , ସାମଲ ବାବୁ ପ୍ରମୁଖ ଉପସ୍ଥିତ ରହି ବାସୁଦେବ ରାଉଳ ଙ୍କ ଜୀବନୀ ଓ ତାଙ୍କର କାର୍ଯ୍ୟ ସେ କିପରି ପରୋପକାରୀ ଓ ସାମ୍ବାଦିକତା ରୁ ପରିଚୟ ଦେଇଥିଲେ ତାହା ବର୍ଣ୍ଣନା କରିଥିଲେ । ବାସୁଦେବ ରାଉଳ ଙ୍କ ପରିବାର ବର୍ଗ ପାଇଁ କିପରି ସରକାରୀ ସାହାର୍ଯ୍ୟ ପାଇବେ ସେଥିପାଇଁ ସମସ୍ତେ ଧ୍ୟାନ ଦେବା ପାଇଁ କହିଥିଲେ । ବାସୁଦେବ ରାଉଳ ଙ୍କ କାମ ପାଇଁ କିପରି ଏକ ମରଣତ୍ତୋର ସମ୍ମାନ ପାଇଁ ଚେଷ୍ଟା କରିବା ଯବକ୍ସଳବକ୍ସ ବୋଲି କହିଥିଲେ। ସମସ୍ତ ସାମ୍ବାଦିକ ବାସୁଦେବ ରାଉଳ ଙ୍କ ଆତ୍ମା ର ସଦ୍ ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ପୂର୍ଣ୍ଣଚନ୍ଦ୍ର ବେହେରା ଶୋକାଞ୍ଜଳି ସଭା ଶେଷ ରେ ଧନ୍ୟବାଦ୍ ଅର୍ପଣ କରି ସଭାକାର୍ଯ୍ୟ ଶେଷ କରିଥିଲେ। ସମସ୍ତ ସାମ୍ବାଦିକ ପରିଚାଳନାରେ ସହଯୋଗ କରିଥିଲେ।

# ବିଚିତ୍ରା

## ଜିନିଅସ୍



**ସୁରେଶ କୁମାର ନାୟକ**

ବେଳେବେଳେ ପିଲାଙ୍କ ମନକୁ ଅଜବ ପ୍ରଶ୍ନସବୁ ଆସିଥାଏ। କୌଣସି ବିଷୟରେ ନ ବୁଝିବା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ପ୍ରଶ୍ନ ମନକୁ ଆନ୍ଦୋଳିତ କରୁଥାଏ। ତେଣୁ ସମସ୍ତଙ୍କୁ ପ୍ରଶ୍ନ ପଚାରି ଉତ୍ତର ଜାଣିବା ପାଇଁ ଅସ୍ତବ୍ୟସ୍ତ କରିପକାନ୍ତି। ଯେ କୌଣସି ବିଷୟ ହେଉ ସେ ସମ୍ପର୍କରେ ଭଲ ଭାବରେ ଜାଣିବା ପାଇଁ ଆଗ୍ରହ ଦେଖାଇଥାନ୍ତି। ପିଲାଙ୍କର ଏଭଳି ଲକ୍ଷଣ ବେଳେବେଳେ ଘରଲୋକଙ୍କୁ ଅସୁବିଧାରେ ପକାଇଥାଏ ଓ ଏସବୁ ଗୁଣକୁ ସେମାନେ ଦୁଷ୍ଟାମି ବୋଲି ଭାବିନିଅନ୍ତି। ହେଲେ ପିଲାଙ୍କ କ୍ଷେତ୍ରରେ ଏହି ଲକ୍ଷଣ ସବୁବେଳେ ଦୁଷ୍ଟାମିର କାରଣ ହୋଇନଥାଏ। ଏହା ମଧ୍ୟ ସେମାନଙ୍କ ବୁଦ୍ଧିମତ୍ତାର ପରିଚୟ ଦେଇଥାଏ, ଯାହାକୁ ଜିନିଅସ୍ ବୋଲି କୁହାଯାଇପାରେ। ତେଣୁ ଏଭଳି ପିଲାଙ୍କର ଲକ୍ଷଣ ସାଧାରଣତଃ ଭିନ୍ନ ହୋଇଥାଏ।

ବେଳେବେଳେ କେତେ ଜଣ ନିଜ ପାଠ ପ୍ରତି ଯେତିକି ଆଗ୍ରହ ଦେଖାନ୍ତି ନାହିଁ ତା'ଠାରୁ ବହୁ ଅଧିକ ଆଗ୍ରହ ଅନ୍ୟ କୌଣସି ବିଷୟ ପ୍ରତି ଦେଖାଇଥାନ୍ତି। ଏମିତିକି ଏଭଳି ଜିନିଅସ ପିଲାମାନେ ଅନେକ ସମୟରେ ପାଖରେ ପଢୁଥିବା ଅନ୍ୟ ପିଲାଙ୍କ ପାଠ ବିଷୟରେ ବି ଅଧିକ ରୁଚି ଦେଖାଇଥାନ୍ତି। ପ୍ରତି ମୁହୂର୍ତ୍ତରେ ସବୁ ସମ୍ପର୍କରେ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରିଥାନ୍ତି। କୌଣସି ବିଷୟରେ ଆଲୋଚନା ହେଉଥିଲେ ଏମାନେ ହୁଏତ ଅଧିକ ଜାଣିଥାନ୍ତି ଅବା ଅଧିକ ଜାଣିବାର ଆଗ୍ରହ ଦେଖାଇଥାନ୍ତି। ଜିନିଅସ ପିଲାଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ ପରିସୀମା ନଥାଏ। କେବଳ ସେମାନଙ୍କର ଆଇକ୍ୟୁ ଲେଭଲ ବହୁତ ଅଧିକ ରହିଥାଏ। ତେବେ ସାଧାରଣ ପିଲାଙ୍କ ତୁଳନାରେ ଏମାନଙ୍କ ବ୍ୟବହାର ଭିନ୍ନ ହୋଇଥାଏ।

ଜିନିଅସ ପିଲାମାନେ ପ୍ରତ୍ୟେକ ବିଷୟକୁ ଶୀଘ୍ର ବୁଝିପାରନ୍ତି। ଅନ୍ୟ ପିଲାଙ୍କ ତୁଳନାରେ ଶୀଘ୍ର ଜାଣିପାରନ୍ତି। ଏଭଳି ପିଲା କୌଣସି ବିଷୟରେ ଗଭୀର ଭାବରେ ବୁଝିବା ପାଇଁ ଚେଷ୍ଟା କରନ୍ତି। ଏମିତିକି ସମ୍ପୂର୍ଣ୍ଣ ଭାବେ ନ ଜାଣିବା ପର୍ଯ୍ୟନ୍ତ ଏମାନେ ଛାଡ଼ନ୍ତି ନାହିଁ। କୌଣସି ବିଷୟରେ ସମାଧାନ ବାହାର କରିବାର ନୂଆ ନୂଆ କୌଶଳକୁ ଆପଣାଇଥାନ୍ତି ଏମାନେ। ତେଣୁ ପଢ଼ା ବହିର ବାହାରେ ମଧ୍ୟ ଏମାନେ ନିଜ ମନରୁ ଭିନ୍ନ ଭିନ୍ନ ଉପାୟରେ ସମାଧାନ ଆପଣାଇଥାନ୍ତି। ଅଧିକ ଭାବୁକ, ଅଧିକ ସମ୍ବେଦନଶୀଳ ହୋଇଥାନ୍ତି ଜିନିଅସ ପିଲା। ସେଥିପାଇଁ ଅନ୍ୟର ଭାବନାକୁ ମଧ୍ୟ ଏମାନେ ଗଭୀର ଭାବେ ବୁଝିପାରନ୍ତି। ବେଳେ ବେଳେ ଏମାନେ ଏକୁଟିଆ ରହି ବିଭିନ୍ନ ପ୍ରକାରର ପଜଲ ଗେମ୍, ଚେସ ଆଦି ଖେଳିବାକୁ ପସନ୍ଦ କରନ୍ତି। ଏହି ପିଲାମାନେ ଅଧିକ ଆତ୍ମନିର୍ଭର ହୋଇଥାନ୍ତି। ପ୍ରତ୍ୟେକ କାମକୁ ନିଜେ ଶିଖିବା ଓ କରିବା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ତେଣୁ ଏମାନଙ୍କୁ ଅଧିକ ଗାଇଡ଼ କରିବାର ଆବଶ୍ୟକ ପଡ଼ି ନଥାଏ ତେଣୁ ନିଜ ଉପରେ ଏମାନଙ୍କର ସବୁ ସମୟରେ ଏକ ସୁନ୍ଦର ନିୟନ୍ତ୍ରଣ ରହିଥାଏ। କୌଣସି ପ୍ରକାରର ବିପରୀତ ପରିସ୍ଥିତିରେ ଏମାନେ ଧୈର୍ଯ୍ୟହରା ହୁଅନ୍ତି ନାହିଁ। ବରଂ ଶାନ୍ତ ଭାବରେ ସବୁ ପରିସ୍ଥିତିରେ ନିଷ୍ପତ୍ତି ନେଇଥାନ୍ତି। ସଫଳତା ଓ ବିଫଳତା ଭିତରେ ଥିବା ପାର୍ଥକ୍ୟକୁ ଏମାନେ ଭଲ ଭାବରେ ଜାଣିଥାନ୍ତି। କୁହାଯାଏ ଜିନିଆସ ପିଲାମାନେ ଈଶ୍ୱରଙ୍କ ଆଶୀର୍ବାଦ ହୋଇଥାନ୍ତି। ଅର୍ଥାତ୍ ଏମାନେ ଜନ୍ମରୁ ସ୍ୱତନ୍ତ୍ର ଲକ୍ଷଣ ନେଇ ଆସିଥାନ୍ତି। ହେଲେ ସାଧାରଣ ପିଲାଟିଏ ବି ଚାହିଁଲେ ନିଜକୁ ଜିନିଅସ କରି ଗଢ଼ି ତୋଳିପାରିବ। ଏଥିପାଇଁ ଲୋଡ଼ା କେବଳ ନିଷ୍ଠା ଓ ପରିଶ୍ରମ। ଏକନିଷ୍ଠ ପରିଶ୍ରମ ବଳରେ ଅସମ୍ଭବକୁ ବି ସାଧନ କରିହେବ। ତେଣୁ ନିଜ କ୍ଷମତାର ପରିସରକୁ ବୃଦ୍ଧି କରି ବ୍ୟାପକ ଜ୍ଞାନର ଅଧିକାରୀ ହେବା ନିମନ୍ତେ ପ୍ରଥମେ ଇଚ୍ଛାଶକ୍ତି ସୃଷ୍ଟି କରିବାକୁ ହେବ। ତାପରେ ଜିନିଅସ ପିଲାଙ୍କର ଲକ୍ଷଣକୁ ଅନୁଧ୍ୟାନ କରି ସେଭଳି ସବୁ କାମ ନିଜ ଜୀବନରେ କରିବାର ଚେଷ୍ଟା ହିଁ ଜଣଙ୍କ ଭିତରେ ଅସାଧାରଣ ପ୍ରତିଭା ସୃଷ୍ଟି କରିପାରିବ। ନିଜକୁ ଅଧିକ ବୁଦ୍ଧିମାନ ଓ ଜିନିଅସ କରି ଗଢ଼ିବାକୁ ଚାହୁଁଥିଲେ ଏସବୁ ଲକ୍ଷଣ ଗୁଡ଼ିକୁ ଅନୁଧ୍ୟାନ କରି ନିଜେ ଆପଣାଇବା ଦରକାର। ପ୍ରଥମ କଥା ସବୁ ବିଷୟକୁ ଭଲ ଭାବରେ ବୁଝିବାର ଚେଷ୍ଟା ଦରକାର। ନୂଆ କଥା ଜାଣିବାର ଆଗ୍ରହ ଦେଖାଇବାକୁ ହେବ। ଏହା ବ୍ୟତୀତ ପଢ଼ାବହିକୁ ଛାଡ଼ି ଅନ୍ୟ ସବୁ ବିଷୟରେ ବହୁତ ଅଧିକ ପଢ଼ିବାର ଅଭ୍ୟାସ କରନ୍ତୁ। ଏହା ବ୍ୟତୀତ ଶରୀରକୁ ସୁସ୍ଥ ରଖନ୍ତୁ। ଫଳରେ ଅଧିକ ପରିଶ୍ରମ ଓ ଶିକ୍ଷା ଲାଭ ନିମନ୍ତେ ନିଜକୁ ଯୋଗ୍ୟ କରିପାରିବେ। ଏହି କ୍ଷେତ୍ରରେ ଅଭିଭାବକଙ୍କର ପ୍ରୟାସ ମଧ୍ୟ ଜରୁରୀ। ତେବେ ନିଜ ଆଇକ୍ୟୁ ବଢ଼ାଇବା ପାଇଁ ବିଭିନ୍ନ ପ୍ରକାରର ଚେଷ୍ଟା ସହିତ ଖେଳ ମଧ୍ୟ ଆପଣାଇ ପାରିବେ। ଅନେକ ଖେଳ ରହିଛି ଯାହା ମାଧ୍ୟମରେ ନିଜ ବୁଦ୍ଧିର ବିକାଶ କରାଇପାରିବେ। ଏସବୁ ବ୍ୟତୀତ କିଛି ଯୋଗ ଓ ମେଡ଼ିଟେସନ ମାଧ୍ୟମରେ ବି ନିଜର ମାନସିକ ବିକାଶ କରାଇହେବ। ତେଣୁ ଏସବୁ ଦିଗ ପ୍ରତି ଦୃଷ୍ଟି ଦେଲେ ସାଧାରଣ ପିଲାଙ୍କ ଭିତରେ ମଧ୍ୟ ଅସାଧାରଣ ଗୁଣ ସୃଷ୍ଟି ହୋଇପାରିବ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ,
ମୋ: ୯୪୩୭୨୨୫୫୯୨

## ଗୁରୁମୁଖୀ, ଗୁପ୍ତଜ୍ଞାନ, ଗୁହ୍ୟ ତତ୍ତ୍ୱ ଗୁରୁମୁଖୀ ବିଦ୍ୟା, ସାର୍ବଜନୀନ ମନା



**ଅଜୟ କୁମାର ବେହେରା**

ଗୁରୁମୁଖୀ, ଗୁପ୍ତଜ୍ଞାନ, ଗୁହ୍ୟ ତତ୍ତ୍ୱ ଗୁରୁମୁଖୀ ବିଦ୍ୟା, ସାର୍ବଜନୀନ ମନା। ସମ୍ପୂର୍ଣ୍ଣ ବାରଣ କରି ଗୁରୁମାନେ ଶିଷ୍ୟଙ୍କୁ ଉଦ୍ଧାର ପାଇଁ ନିଜକୁ ବହୁ ସଂସାର ଅଳୀକ ବସ୍ତୁରେ ଜଡ଼ିତ ନ ହେବାପାଇଁ ତାଙ୍କ ଜୀବନର ସିଦ୍ଧ ଆଶୁ ଫଳପ୍ରଦ ବିଦ୍ୟା ଅନେକ ତଥ୍ୟ। ପୂର୍ଣ୍ଣ ତତ୍ତ୍ୱ ଶିକ୍ଷା କହିଥାନ୍ତି କାଳେ ଶିଷ୍ୟ ଗୁରୁଙ୍କ ଅପ୍ରକଟ ପରେ ଭୁଲିଯିବ ସେ ତତ୍ତ୍ୱ ଗୁଡ଼ିକୁ ଭିନ୍ନ ନଜିର ମଧ୍ୟରେ ରଙ୍ଗଦେଇ ଲେଖି ରଖିବାକୁ କହିଥାନ୍ତି। ଆବାହମାନ କାଳରୁ କଥିତ ଓ ଲିଖିତ ଭାଷା ସମ୍ବନ୍ଧର ସଂସ୍କାର, ସଂଶୋଧନ, ଶୋଧ ହୋଇ ଚାଲୁଛି। ଆଜି ଯେପରି ଡଟ କଲମ କାଗଜରେ ସ୍ୱଳ୍ପ ସମୟରେ ଏକଲେଖା ଲେଖି ଦିଆଯାଉଛି ସେପରି ଲେଖା ପୂର୍ବେ ସ୍ୱପ୍ନ ଥିଲା। ଏକ ପାଣ୍ଡୁଲିପି ଛପାଖାନାରେ ଅଳ୍ପ ସମୟରେ ଯେପରି ଛପା ଯାଉଛି ଏହାମଧ୍ୟ ସାତସ୍ୱପ୍ନ ଥିଲା ଲେଖକ ତାଳପତ୍ରକୁ ପାଗ କରି ସାଇଜରେ କାଟି ଠିକ ପତ୍ରରେ ମଧ୍ୟ କଣା କରି ପତ୍ରକୁ ପତ୍ରସୂତା ଡୋରିରେ ଗୁନ୍ଥି ଦୁଇ କାଠପଟା ମଧ୍ୟରେ ସାଇଜ କରି ରଖିଲା ପରେ ପୋଥି ଲେଖା ଆରମ୍ଭ କରୁଥିଲେ। ଏଥିପାଇଁ ଆରମ୍ଭକୁ ଶୁଭ ସମୟଲଗ୍ନ ଧରି କରାଯାଉଥିଲା। ଏ ସମୟର ନୋଟ ଖାତା ତୁଲ୍ୟ ସେ ପୋଥିରେ ଗୁରୁମୁଖ ବାଣୀ ଲିପିବଦ୍ଧ କରାଯାଉଥିଲା ବା କେହି ତାଙ୍କର ସାଧନା ଲବ୍ଧଜ୍ଞାନ ଲେଖୁଥିଲେ। ବିନା ଆଶ୍ରୟରେ, ଛାୟାରେ କୌଣସି ଲେଖା କେହି ଲେଖିବା ସମ୍ଭବ ନୁହେଁ।

ସେତେବେଳେ କୌଣସି ଭାଷାର ଲିପି ବର୍ତ୍ତମାନ ଲିପି ପରି ଏପରି ସଂସ୍କାରିତ ନଥିଲା। ଆମ ଓଡ଼ିଆ ଭାଷାରେ ବହୁକାଳ ପୂର୍ବରୁ କରଣୀ ଭାଷାରେ ଲେଖା ଯାଉଥିଲା ଯାହାକୁ ଏ ସମୟର ପାଠକମାନେ ପଢ଼ିବା ମୁସ୍କିଲ। ଗ୍ରାମ୍ୟ ଅବଧାନମାନେ ଚାହାଳୀ କରି ବା କାହାରି ପିଲାଙ୍କୁ ପାଢ଼ାଲେଖା ଶିକ୍ଷା ଦେଉଥିଲେ, କୁହାଯାଉଥିଲା 'ହରଗୁଣ ଫେଡ଼ମିଶା ଆଉସବୁ ଫସର ଫସା' ପୁଣି ପ୍ରାଚୀନ କାବ୍ୟରୁ କିଛି ଘୋଷାଇ ଓଡ଼ିଆ ଜଗନ୍ନାଥ ଦାଶଙ୍କ ଭାଗବତ ବୋଲାଇ କିଛି ଲେଖାଇ ଭାଷା ସାହିତ୍ୟ ଶେଷ କରାଉଥିଲେ। ଅଙ୍କରେ ନଳଭଙ୍ଗା, ପାହିଅଣା, କଡ଼ାଗଣ୍ଡା ଶୋଧୀ, ଓଡ଼ାଙ୍କ ଫେଡ଼ାଙ୍କ ଆଦି ଶିକ୍ଷା ଦେବାସହ ମୁହେଁ ମୁହେଁ ହିସାବ କହିବାକୁ ପଡୁଥିଲା ପ୍ରଖର ସ୍ମରଣ ଶକ୍ତିର ସାଧନାରେ ବ୍ରତୀ କରାଯାଉଥିଲା। ଏହିଯୁଗର ବହୁ ପୂର୍ବରୁ ଶିକ୍ଷାକୁ ଏତେ ବ୍ୟାପକ କରାଯାଇ ନଥିଲା। କାଁ ଭାଁ କେଉଁ ଗ୍ରାମରେ ଜଣେ ଦୁଇଜଣ ସମ୍ଭ୍ରାନ୍ତଙ୍କ ଘରେ ଲେଖିପଢ଼ି ଶିଖିଥିଲେ। କେବଳ ଅବଧାନମାନେ ବଂଶାନୁକ୍ରମେ ତାଳପତ୍ର ଜନ୍ମ ଜାତକ ପ୍ରସ୍ତୁତ ବିବାହ ଲଗ୍ନ ପତ୍ର ଲେଖା ପାଇଁ ଅଧ୍ୟୟନ କରୁଥିଲେ। ଖଡ଼ିରତ୍ନ ପରମ୍ପରାରେ ଗ୍ରହଗଣତି କରି ଯୁଗାଦି, ସୃଷ୍ଟ୍ୟାଦି ବା ଏକ ଧାର୍ଯ୍ୟ ବର୍ଷରୁ ଆଗକୁ ଦିନ ଗଣନାରେ ଗ୍ରହ ସ୍ଥିତି ଏକ ସ୍ଥିର ନିୟମରେ କରି ତିଥି ବାର ନକ୍ଷତ୍ର ଯୋଗ କରଣ ଏମିତି ପାଞ୍ଚ ଅଙ୍ଗରେ ପଞ୍ଚାଙ୍ଗ ପ୍ରସ୍ତୁତ କରି ଧର୍ମପ୍ରାଣ ଜନତାଙ୍କ ବିହିତ ପାଳନ ପାଇଁ ତାଳପତ୍ର ପୋଥି ପଞ୍ଜିକା କରୁଥିଲେ। ଚୌପଦୀ, ଅଷ୍ଟପଦୀ ବା ଅଷ୍ଟକ ପରି, ଚଉତିଶା ରଚନାମାନ ପୂର୍ବକାଳ ପଦ୍ୟ ସାହିତ୍ୟଲେଖାକୁ, କାବ୍ୟ ରାଗରେ ଶ୍ଳୋକ ଛନ୍ଦରେ ଲେଖା ଯାଉଥିଲା ପ୍ରବଳ ଶବ୍ଦ ଭାଷା ଜ୍ଞାନ ନହେଲେ ପୁଣି ନିର୍ଭୁଲ ସ୍ମରଣ ନ ହେଲେ ତାଳ ପତ୍ରଟି ଭାବ ବ୍ୟଞ୍ଜକ ନହୋଇ ଲେଖା ଉଦ୍ଦେଶ୍ୟ ପଣ୍ଡ କରିପାରେ ଏ ପାଇଁ ସ୍ଥିର ମତିରେ ପୋଥି ଲେଖାଯାଏ। ପଦ୍ୟରେ ଯତିପାତକୁ ଦୁଇପଦ ସମାନ ଅକ୍ଷର ବିଶିଷ୍ଟ ଧରାଯାଏ, ହେଲେ ଦାଣ୍ଡି ପଦ୍ଧତିରେ ଏକ ପଦରେ ଦୁଇପଦରେ ଅକ୍ଷର ସମାନ ନଥାଏ।

ଏମିତି ମାଳମାଳ ଲୋକ ସାବଧାନୀ ଶିକ୍ଷା ହେଉଛି ମାଳିକା। ବ୍ୟାସଦେବ ଗଣେ ଶିଷ୍ୟ ବସାଇ ନିଜେ ଗଣପତି ଗୁରୁହୋଇ ପୁରାଣ ସ୍ୱ ବୟାନକୁ ଲିପିବଦ୍ଧ ପ୍ରଥମେ ତାଳପତ୍ରରେ କରାଇଥିଲେ। ଯାହା ଏ ସମୟରେ ବହି ବାଣିଜ୍ୟରେ ଆସିଯାଇଛି। ସେମିତିକା ଭବିଷ୍ୟତ ସାବଧାନୀ ସତର୍କ ଶାସ୍ତ୍ର ମାଳିକା ଯାହା ବିଭିନ୍ନ ସ୍ଥାନ ବିଭିନ୍ନ ସମ୍ପ୍ରଦାୟ ପାଇଁ ଭିନ୍ନ ସମୟ ପାଇଁ ଉଦ୍ଦିଷ୍ଟ ତାକୁ ପ୍ରକାଶ ସାର୍ବଜନୀନ ମନାକୁ ସମୟାତୀତକୁ ଅନେକ ପିଢ଼ି ପରେ ଗୁରୁ ବାରଣ କଣ ଥିଲା କାହିଁକି ଥିଲା ନଜାଣି ହଇଚଇ ପାଇଁ ଛପାବହି ଯୋଗ ଆଓ୍ୱାଜରେ ଟିଭି ମୋବାଇଲରେ ବୟାନ ଦେଉଛନ୍ତି। କାହିଁକି କୁହାଯାଇଛି 'ଗହଣା ନୋହିଲେ ଘୋଡ଼ାଇ ଚାଲ' ସମସ୍ତେ ବସ୍ତ୍ର ପିନ୍ଧୁଛନ୍ତି କାହିଁକି? ସମସ୍ତେ ଉଲଗ୍ନ ହେଲେ ଲଜ୍ୟା କାହାକୁ ଲାଗନ୍ତା। ସ୍ଥାନ ମାନଙ୍କର ନାମ ରାଜ୍ୟର ନାମ କେମିତି ତତ୍କାଳୀନ ଜଣାଥିଲା, ମାଳିକା କଣ କେବଳ ପୁରୀ କଟକ ପାଇଁ ଲେଖା ଯାଇଛି, ଜଳପ୍ରଳୟ କଣ କେବଳ ଆମରି ହୀରାକୁଦ ବନ୍ଧ ସହ ଜଡ଼ିତ। ହିମାଳୟ ବରଫ ତରଳୁଛି ମେରୁରେ ବରଫ ତରଳୁଛି ଏ ପାଇଁ କଣ ଜଳ ପ୍ଲାବନ ହେବନାହିଁ? ସୁନାମୀ ବିଭିନ୍ନ ସ୍ଥାନରେ ହେଉଛି ଏହା କଣ ପ୍ରଳୟ ନୁହେଁ? ଯୁଦ୍ଧର ଧରା ବଦଳିଛି କେତେଲୋକ ବିନା କାରଣରୁ ମାରୁଛନ୍ତି ମରୁଛନ୍ତି ଏହା କଣ ମାରୀ ଭୟ ନୁହେଁ? ତେଣୁ କାଳ ପତ୍ର ବିଚାରରେ ଶାସ୍ତ୍ର ବୟାନ କଲେ ଦୋଷ ଲାଗନ୍ତା ନାହିଁ, କଣ କଲେ ଲୋକ ଅକାଳମୃତ୍ୟୁ ଭୟରେ ପଡ଼ିବେ ନାହିଁ ଯେତେବେଳେ ଶ୍ରୀଚୈତନ୍ୟ ଦେବ ପ୍ରଚାର ଆରମ୍ଭ କରିଥିଲେ ଠିକ ସେତିକି ବେଳେ ମାଳିକା ସ୍ରଷ୍ଟାଙ୍କ ଭବିଷ୍ୟତ ବାଣୀ ତାଙ୍କ ସମ୍ପ୍ରଦାୟ ଶିଷ୍ୟ ଗଣଙ୍କୁ ଦିଆଯାଇ ସତର୍କ କରାଯାଇଥିଲା। ଏ ସମୟରେ କାହାରି ବେକରେ ମାଳି କଣ୍ଠି ନାହିଁ କେହି କାଛିଆ କୌପିନ ପିନ୍ଧୁନାହାନ୍ତି। କାହାରି ମୁଣ୍ଡରେ ଛୁଟି ଜଟ ନାହିଁ, ଭୋଜନରେ ବାଗବାଇଶ ନାହିଁ ଅନେକ ପ୍ୟାଣ୍ଟ ପିନ୍ଧି ଠିଆ ହୋଇ ପରିସ୍ରା କରୁଛନ୍ତି ଏପରିକି ସୁଟ ପିନ୍ଧି ମୃଦଙ୍ଗ ବଜାଉଛନ୍ତି, କଣ ଶୁଦ୍ଧ କଣ ଅଶୁଦ୍ଧ ଜ୍ଞାନ ଉଭାନ ପୁରୋହିତ ଗିରି ନେତାଏ କଲେଣି, କାହିଁ ଚୈତନ୍ୟ ପଥ, କାହାନ୍ତି ଅଚ୍ୟୁତ, ହାଡ଼ିଦାସଙ୍କ ସତର୍କ ବାଣୀର ପାଳନ କାରି, କାହାନ୍ତି? ପୁଣି କାହାନ୍ତି ସେହି ପଥର ପ୍ରତିକାର କରି ପ୍ରଶାସକ ଜନତା ଜନାର୍ଦ୍ଦନ? ମନ୍ଦିର ଜୀର୍ଣ୍ଣଉଦ୍ଧାର ଠାରୁ ଦୈବୀ ଉତ୍ପାତରୁ ରାଜ୍ୟ ଭୂମି ରକ୍ଷା ଆଗ, କିଏ ବିଚାର କରିବ?

+ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩

## ପକ୍ଷୀ ଜଗତର ଶିଳ୍ପୀ ବାଇ ଚଢେଇ ବିନାଶ କାରଣ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ବାଇ ଚଢେଇ ଗୋଟିଏ ଛୋଟିଆ ପକ୍ଷୀ। ଯାହାର କାର୍ଯ୍ୟକଳାପ ଆମେ ପିଲାଦିନେ ଆମେ ସାହିତ୍ୟ ବହିରେ ପଢିଛେ। ପକ୍ଷୀଟି ଦେଖିବା ପାଇଁ ଯେତିକି ସୁନ୍ଦର ତାର ବସା ତିଆରି କରିବା ଶୈଳୀ ବି ସେତିକି ସୁନ୍ଦର। ସେ ତିଆରି କରିଥିବା ତଳମୁହାଁ ବାୟା ବସା ଆଜିର ସମାଜକୁ ଅନେକ କିଛି ଶିଖାଏ। ଭଗବାନଙ୍କ ସୃଷ୍ଟି ବଡ ବିଚିତ୍ର । ଭଗବାନ ତାଙ୍କ ସୃଷ୍ଟିରେ କେତେ ପ୍ରକାର ଜୀବ ଜଗତ ସୃଷ୍ଟି କରିଛନ୍ତି । ତାହା କହିବା ଅସମ୍ଭବ । ତେବେ ବାଇ ଚଢ଼େଇର କଥା ମନକୁ ଆସିଲେ ଆଜି ତାହା ବିରଳ ହେବାକୁ ବସିଲାଣି । କୋଉଠି ବା ଅଳ୍ପ ଅଳ୍ପ ଦେଖିବାକୁ ମିଳୁଛି କିନ୍ତୁ ତାଙ୍କ ସଂଖ୍ୟା ଘଟିବାର ଲାଗିଛି । ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି ବାଇ ଚଢେଇ ।

ଆଜିର ଏ ଚାକଚକ୍ୟ କଂକ୍ରିଟ ଦୁନିଆରେ ଲୋପ ପାଇବାକୁ ବସିଛନ୍ତି ମଣିଷ ସମାଜକୁ ପ୍ରେରଣା ଦେଉଥିବା ବାଇ ଚଢେଇ ଅନେକ ଉତ୍ସ। କ୍ଷୁଦ୍ର ଏହି ପକ୍ଷୀ ବାଇ ଚଢେଇ ହେଲେ କଣ ହେବ ଏହାର ଜ୍ଞାନ କୌଶଳ ଏବଂ ବସା ନିର୍ମାଣ କାରିଗରୀ ମଣିଷକୁ ବଞ୍ଚିବାର କୌଶଳ ସିଖାଇଦିଏ। କବିଟିଏ ହେଉ ଅବା ଗୀତିକାର ରାସ୍ତାରେ ଯାଉଥିବା ସମୟରେ ଏଇ ବାଇ ଚଢେଇ ବସାଟିକୁ ଦେଖିଲେ ସୁନ୍ଦର ସୁନ୍ଦର କବିତା ଓ ଗୀତ ଆରମ୍ଭ କରିଦିଅନ୍ତି। ଟିକି ବାଇ ଚଢ଼େଇ ସମାଜକୁ ଦିଏ ବଡ ସଂଦେଶ । ହେଲେ ଆଜି ବିପଦରେ ଏହି ପକ୍ଷୀ, ମଣିଷ ଜଙ୍ଗଲ କାଟି ଗଢୁଛି କଂକ୍ରିଟ ସହର, ଲୋପ ପାଉଛନ୍ତି ସମାଜକୁ ପ୍ରେରଣା ଯୋଗାଉଥିବା ଏହିପକ୍ଷୀ । ବାଇ ଚଢେଇ ଗୋଟିଏ ଛୋଟିଆ ପକ୍ଷୀ । ଯାହାର କାର୍ଯ୍ୟକଳାପକୁ ନେଇ ଆମ ପିଲାଦିନେ ସାହିତ୍ୟ ବହିରେ ପଢିଛେ । ପକ୍ଷୀଟି ଦେଖିବାକୁ ଯେତିକି ସୁନ୍ଦର ତାର ବସା ତିଆରି କରିବା କୌଶଳ ବି ସେତିକି ସୁନ୍ଦର । ସେ ତିଆରି କରିଥିବା ତଳମୁହାଁ 'ବାୟା ବସା' ଆଜିର ସମାଜକୁ ଅନେକ କିଛି ଶିଖାଏ । ତା ଜୀବନ ଶୈଳୀ ଲୋକଙ୍କୁ ବଂଚିବାର ବାଟ ଦେଖାଏ । ହେଲେ ଆଜିର ଏହି ଆଧୁନିକ ଚାକଚକ୍ୟ କଂକ୍ରିଟ ଦୁନିଆରେ ଲୋପ ପାଇବାକୁ ବସିଛନ୍ତି ମଣିଷ ସମାଜକୁ ପ୍ରେରଣା ବାଇ ଚଢେଇ ଭଳି ଅନେକ ଉତ୍ସ । ନାନାବାୟା ଗୀତ ଗାଇ ପିଲାକୁ ସୁଆଇ ଦିଏ ମାଆ । ବାଇ ଚଢେଇର ଉଦାହରଣ ଦେଇ ପିଲାଟି ଦିନରୁ ଜଣେ ଛୁଆକୁ ଜୀବନର ମୂଲ୍ୟ ବୁଝାଏ ମାଆ । କେବଳ ଏତିକି ନୁହେଁ ମଣିଷ ଜୀବନର ପ୍ରତିଟି ପାହାଚରେ ବାଇ ଚଢେଇର ଉଦାହରଣ ପରିଲକ୍ଷିତ ହୁଏ । ସେ ଘର ତୋଳିବା ହେଉ ବା ଭବିଷ୍ୟତ ପାଇଁ ପୁଂଜି ସଂଚୟ କରିବା, ସବୁ କ୍ଷେତ୍ରରେ ମଣିଷଠୁ ପାଦେ ଆଗରେ ଏହି ଛୋଟିଆ ପକ୍ଷୀ । କ୍ଷୁଦ୍ର ଏକ ପକ୍ଷୀ, ବାଇ ଚଢେଇ । ହେଲେ ଏହାର ଜ୍ଞାନ କୌଶଳ ଏବଂ ବସା ନିର୍ମାଣ କାରିଗରୀ, ମଣିଷ ଶିଖାଇ ଦିଏ ଜୀବନ ଜିଇଁବାର କୌଶଳ । ନିଜ ଛୁଆକୁ ସୁରକ୍ଷିତ ରଖିବା ସହ ନିଜେ ସୁରକ୍ଷିତ ରହିବା ପାଇଁ ଜନବସତି ଠାରୁ ଢ଼େର ଦୂରରେ, ଉଚ୍ଚ ଗଛରେ ନିଡଟିଏ ତିଆରି କରେ ମାଆ ବାଇ ଚଢେଇ । କୁନି ଥଂଟରେ କାଠି କୁଟା ସଂଗ୍ରହ କରି ଗଛ ଡାଳରେ ଏକ ସୁନ୍ଦର ବସାଟିଏ ଝୁଲେଇ ଦିଏ । ବସାର ମୁହଁକୁ ତଳମୁହାଁ କରେ । ଫଳରେ ବାୟା ବସା ପବନରେ ଦୋହଲେ ସିନା ହେଲେ ବର୍ଷା-ଖରାରୁ ତା ବାଇ ଚଢେଇକୁ ସୁରକ୍ଷା ଦିଏ ।

ପଲ୍ଲୀ କବି ନନ୍ଦକିଶୋର ବଳଙ୍କ ଧୋରେ ବାୟା ଧୋ, ସେହପରି ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ଗାଳ୍ପିକ କୈଳାସ ପଟ୍ଟନାୟକ ତାଙ୍କର ସ୍ଥାବର ଜଙ୍ଗମ ଉପନ୍ୟାସରେ ବାଇ ଚଢେଇକୁ ସ୍ଥାନ ଦେଇଛନ୍ତି । କୃଷକ ଟିଏ ହେଉ କି ବାଟରେ ଯାଉଥିବା ବାଟୋଇ ଟିଏ ହେଉ ଏଇ ମୂର୍ଚ୍ଛନା କୁଦେଖିଲେ ସବୁ ଦୁଃଖ କଷ୍ଟ ଭୁଲି ଯାଏ । ଟିକି ଚଢ଼େଇଟି ହେଲେ ମଧ୍ୟ ତାର ଛୋଟିଆ ଥଣ୍ଟରେ କାଠିକୁଟା ସଂଗ୍ରହ କରି ତାର ବସା ତିଆରି କରିଥାଏ । ଆଜିକାଲି ଆଉ ସେଇ ବାଇ ଚଢ଼େଇର ବାୟା ବସା ଆଉ ଦେଖିବାକୁ ମିଳୁନାହିଁ । ବାଇ ଚଢେଇରେ ବାଇ ଚଢେଇ ବା କଲେ ବସା ଦୋହଲୁ ଥାଇ । ବାଇ ଚଢେଇରେ ବାଇ ଚଢେଇ ତୋ ମା ଯାଇଛି ଗାଈ ଚରେଇ, ଗଭୀର ବିଲରୁ ଆଣିବ ବେଲ କୋଳରେ ବସେଇ ତତେ କରିବ ଗେଲ ଭଳି ପିଲା ଦିନେ ଏଭଳି ଅନେକ ଗୀତ ମାଆଙ୍କ ଠାରୁ ଶୁଣିଥିଲେ । ଗାଆଁ ହେଉ ଅବା ସହର ବାୟା ଚଢ଼େଇଙ୍କୁ ଲକ୍ଷ୍ୟ କରି ଅନେକ ଶିଶୁଗୀତ ରଚିତ ହୋଇଅଛି ଓ ଶୁଣିବାକୁ ମିଳେ । ଯଥା - ଧୋଓରେ ବାୟା ଧୋ ! ଯେଉଁ କିଆରିରେ ଗହଳ ମାଣ୍ଡିଆ ସେହି କିଆରିରେ ଶୋ । ବାୟାର କି ଯାଏ, ବାଆ କଲେ ବସା ଦୋହେଲୁ ଥାଏ । ବାୟା ମାଆ ଯେ ସରୁ କାଟେଣୀ, ଝିଅକୁ ପିନ୍ଧାଏ ପାଟ ପତନୀ, ପୁଅକୁ ପିନ୍ଧାଏ ନେତ, ଆପେ ପିନ୍ଧିଥାଏ କଳା ବୋଇତ ଲୋ, ଉଡ଼େଇ ନଉଛି ଭୂତ । ଗୋଟିଏ ପଟେ ଗାଁ ଅନ୍ୟପଟେ ବାଇ ଚଢ଼େଇର ବସାକୁ କବିଟିଏ କେତେ ଭାବେ ସୁନ୍ଦର କବିତା ଲେଖିବା ପାଇଁ । ପରିବେଶପ୍ରେମୀଙ୍କୁ ବେଶ ଆନନ୍ଦ ଦେଇଥାଏ ବାଇ ଚଢ଼େଇର ଏଇ କିଚିରିମିଚିରି ଶବ୍ଦ । ବର୍ତ୍ତମାନ ଦ୍ରୁତ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଜଙ୍ଗଲ ନଷ୍ଟ ଫଳରେ ଜୀବଜଗତ ଉପରେ ଏହାର କୁପ୍ରଭାବ ପଡିଛି । ଏହାରି ଭିତରେ ଲୋପ ପାଇବାକୁ ବସିଲାଣି ବାଇ ଚଢେଇ । ତେବ ପ୍ରକୃତିପ୍ରେମୀ ଓ ସାଧାରଣ ଲୋକେ ବାଇ ଚଢ଼େଇର ସୁରକ୍ଷା ପାଇଁ ପାଇଁ ଆଗେଇ ଆସିଲେ ଆଗପାରି ପୁଣି ଶୁଭିପାରନ୍ତ ବାଇ ଚଢ଼େଇର ସେଇ ଗୀତ । ବାୟା ଚଢ଼େଇରେ ବାୟା ଚଢ଼େଇ, ତୁ ଯାଆ ଯାଆ ବଣକୁ, କୁହୁଡ଼ି କାକର ମାଡ଼ି ଆସୁଛି ତୋ ଟାଙ୍ଗରା ମୁଣ୍ଡକୁ କ୍ଷ କୁନି ଚଢ଼େଇଟି ନିଜର ପରିବାର ସହ ରହିବା ପାଇଁ ବଡ଼ ବଡ଼ ଗଛରେ ବସା ବାନ୍ଧି ଥାଏ । ସେମାନେ ଏଭଳି ବସା ତିଆରି କରିଥାନ୍ତି ଯାହା ବର୍ଷା ହେଉ କି ଝଡ କୌଣସି କ୍ଷତି ପହଞ୍ଚି ନଥାଏ । ତଥାପି ଝଡ ବତାସକୁ ଖାତିର ନ କରି ବିଭିନ୍ନ ଗଛରେ ସୁଲୁସୁଲିଆ ପବନରେ ନିଜର ସ୍ୱର ବାହାର କରି ସଂଗୀତର ଅପୂର୍ବ ମୂର୍ଚ୍ଛନା ଗାନ କରିଥାଏ ।

ଏହି ଛୋଟ ସୁନ୍ଦର ବାଇ ଚଢେଇ ତାଳ, ନଡ଼ିଆ ଓ ଅନ୍ୟ ବଡ଼ ବଡ଼ ଗଛର ଅଗ ଡାଳରେ ପତ୍ରମାନଙ୍କ ସରୁ ତନ୍ତୁଦ୍ୱାରା ବୋତଲ ପରି ସରୁମୁହାଁ ବସା ବୁଣି ଝୁଲାଇ ଥାଆନ୍ତି ଓ ବସାର ତଳ ପାଖେ ବାଟ ରଖି ଥାଆନ୍ତି ଏମାନେ ଦଳ ଦଳ ଆସି ପାଚିଲା ଧାନ କ୍ଷେତରୁ ବହୁତ ଧାନ ଖାଇ ଯାଆନ୍ତି ଯାହା ଦେଖିବାକୁ ଭାରି ଭଲ ଲାଗେ । ସବୁଠାରୁ ବଡ କଥା ହେଉଛି ଆଜିର ଦୁନିଆରେ ମଣିଷ ଯୌଥ ପରିବାରରୁ ଦୂରେଇ ଯାଉଥିବା ବେଳେ ଏମାନେ ଗୋଷ୍ଠୀଗତ ଭାବେ ରହନ୍ତି । ଆଉ ଏ ମଣିଷ ସମାଜକୁ ବୁଝାଇ ଦିଅନ୍ତି, ଗୋଟିଏ ପରିବାରରେ ଏକାଠି ରହିବାର ମହତ୍ୱ କେତେ । ବାଇ ଚଢେଇର ଜୀବନ ଶୈଳୀ ଆଗକୁ ଆସୁଥିବା ଝଡଝଂଜାକୁ ସାମ୍ନା କରିବା ପାଇଁ ସାହସ ଯୋଗାଏ । ସବୁ ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପ୍ରେରଣା ଦିଏ । କେବଳ ବାଇ ଚଢେଇ ନୁହେଁ, ପ୍ରାକୃତିକ ପରିବେଶ ଓ ଜୀବଜଗତ ଲୋକଙ୍କୁ ଅନେକ କିଛି ଶିଖାଏ, ହେଲେ ଆଜିର ଏହି ଆଧୁନିକ ସମାଜରେ ମଣିଷ କଂକ୍ରିଟ୍ ସହର ତୋଳୁଥିବା ବେଳେ ବାଇ ଚଢେଇ ଭଳି ଅନେକ ପ୍ରେରଣାର ଉତ୍ସ ଲୋପ ପାଇବାରେ ଲାଗିଛି ।

ବାଇ ଚଢେଇର ବିଭିନ୍ନ ରୂପ ଅଛି । ବାୟା ଚଢ଼େଇଙ୍କୁ କେହି କେହି 'ତାଳବାୟା' କୁହଯାଏ । ଏମାନେ ତାଳ ଗଛ ଅଗରେ ବାୟା ଚଢ଼େଇଙ୍କ ପରି ବସା ବାନ୍ଧନ୍ତି କ୍ଷ ଏମାନଙ୍କ ଥଣ୍ଟ ବାପାଙ୍କଠାରୁ ଟିକେ ଛୋଟ ଓ ଥଣ୍ଟର ଅଗ ବଙ୍କା ଓ ଚଉଡ଼ା ଏମାନେ ଉଡ଼ି ଉଡ଼ି ପୋକ ଧରି ଖାଆନ୍ତି। ଜଙ୍ଗଲ କାଟି ଲୋକେ ଏବେ ଘର ତିଆରି କରୁଛନ୍ତି । ଯାହା ଫଳରେ ବାଇ ଚଢ଼େଇଟିଏ ରହିବାକୁ ଆଉ ଜାଗା ପାଉନି । ତେଣୁ ଜୀବ ଜଗତର ଏଇ ବିଚିତ୍ର ପକ୍ଷୀ ଏବେ ବିଲୁପ୍ତପ୍ରାୟ । ସାଧାରଣତଃ ମେ ମାସରୁ ସେପଟ୍ଟେମ୍ବର ମାସ ମଧ୍ୟରେ ବାଇ ଚଢ଼େଇ ତା'ର ବସା ବାନ୍ଧିଥାଏ । ଆଉ ଏ ବସା ଦେଖିବାକୁ ଖୁବ ସୁନ୍ଦର । ଯଦି ଝଡ଼ ଆସେ ଆଉ ବସାକୁ ଛିଡାଇ ଦିଏ ତଥାପି ବାଇ ଚଢ଼େଇ ହାର ମାନି ନଥାଏ । ଗାଁ, ଗଛ ଓ ବାଇ ଚଢ଼େଇ ଏମାନେ ଯେମିତି ପରସ୍ପର ଭିତରେ ଜଡ଼ିତ । ମଣିଷର ଆଧୁନିକ ଜୀବନଶୈଳୀ ପ୍ରକୃତିକୁ ଅନେକ ମାତ୍ରାରେ ପ୍ରଭାବିତ କରିଛି। ଝାଟିମାଟି ଚାଳଘର ଏବେ ପକ୍କାଘରରେ ପରିଣତ ହୋଇଛି। ଗାଁର କାଦୁଅ ମାଟି ରାସ୍ତା ସହରୀ ପକ୍କାରାସ୍ତା ଭଳି ଚିକ୍ ଚିକ୍ କରୁଛି। ଏଭଳି ଚାକଚକ୍ୟ ଜୀବନଶୈଳୀ ଭିତରେ ମଣିଷ ଅନେକ କିଛି ହରେଇସାରିଛି, ଯାହାସବୁ ଆଜିର ପିଲାଙ୍କ ପାଇଁ କାହାଣୀ ପାଲଟିଯାଇଛି। ଚାଳଘର ଲୋପପାଇବା କାରଣରୁ ଘର ଚଟିଆକୁ ଆଉ ଦେଖିବାକୁ ମିଳୁନାହିଁ। ରାସ୍ତାକଡ଼ରେ ଥିବା ବଡ ବଡ ତାଳଗଛ ଧ୍ୱଂସ ପାଇବା ଫଳରେ ଘର ଚଟିଆ ପରି ବାଇ ଚଢେଇ ବସା କି ବାଇ ଚଢେଇକୁ ଦେଖିବାକୁ ମିଳୁନାହିଁ। ଯାହାକି ବର୍ତମାନ ପିଲାଙ୍କ ପାଇଁ ବାଇ ଚଢେଇ ଏବଂ ତାର ବସା ଏକ କାହାଣୀ ପାଲଟିଯାଇଛି। ବାଇ ଚଢେଇ ଭଳି କ୍ଷୁଦ୍ର ପକ୍ଷୀର ବାୟା ବସା ମଣିଷ ପାଇଁ ଅନେକ ପ୍ରେରଣା ଯୋଗାଇଥାଏ। ବଡ ବଡ ତାଳଗଛରେ ଲମ୍ବା ଲମ୍ବା ସରୁ ଲହ ସାହାଯ୍ୟରେ ତାର କୁନି ଥଣ୍ଟରେ ତିଆରି କରିଥାଏ ତା'ର ବାୟା ବସା। ଏହା ଦେଖିବାକୁ ଯେମିତି ସୁନ୍ଦର ଲାଗେ। ସେପରି ଏତେଛୋଟ କ୍ଷୁଦ୍ରପକ୍ଷୀ ଏତେ ଉଚ୍ଚାରେ କୁନି ଥଣ୍ଟରେ ତିଆରିଥିବା ବାୟାବସା କଥା ମଣିଷ ମନରେ ଅନେକ ପ୍ରଶ୍ନ ଛିଡା କରିଥାଏ। ବାଇ ଚଢେଇ ବସା ବର୍ଷା, ଝଡ ପବନରେ ଝୁଲୁଥିବା ଦେଖିଲେ ବହୁତ ଆନନ୍ଦ ଲାଗେ। ତା'ର କିଚରି ମିଚରି ଶବ୍ଦ ପରିବେଶକୁ ଗୁଞ୍ଜରିତ କରିଥାଏ । ଏମାନଙ୍କ ସଂରକ୍ଷଣ ଓ ବଂଶ ବୃଦ୍ଧି ପାଇଁ ଆମେ ସଜାଗ ହେବା ସହିତ ସରକାର ସ୍ତରରେ ମଧ୍ୟ ପ୍ରଚେଷ୍ଟା ରହିବା ମଧ୍ୟ ନିତାନ୍ତ ଆବଶ୍ୟକ ।

+ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୮୨୪୯୫୦୨୭୭୬

## ବ୍ଲୁରିଙ୍ଗ ମେକଅପ

**ଅପର୍ଣ୍ଣା ନାୟକ**

ସମୟ ଅନୁସାରେ ମେକଅପ ଟ୍ରେଣ୍ଡରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଏବେ ବ୍ଲୁରିଙ୍ଗ ମେକଅପ ଲୋକପ୍ରିୟ ରହିଛି। ଏହା ତ୍ୱଚାର ଥିବା ଦାଗ, ବ୍ରଣ, ଲୋମଛିଦ୍ର ଦୂର କରି ସେଲଫି ଫିଲଟର ଭଳି କୋମଳ ଏବଂ ଦାଗବିହୀନ ତ୍ୱଚା ଦେଇଥାଏ।

ବ୍ଲୁରିଙ୍ଗ ମେକଅପ୍ କ'ଣ : ବ୍ଲୁରିଙ୍ଗ ମେକଅପ ତ୍ୱଚାକୁ ସୁନ୍ଦର ଓ ନିର୍ମଳ ରଖିଥାଏ। ଏହା ତ୍ୱଚାରେ ଥିବା ପୋର୍ସ, ଚର୍ମ କୁଞ୍ଚନ, ହାଲୁକା ଦାଗ ଆଦିକୁ ଲୁଚାଇ ଥାଏ। ଏଥିରେ ସିଲିକନ ତଥା ଫାଇନ ପାଉଡର ଯୁକ୍ତ ପ୍ରାଇମର ବ୍ୟବହାର କରାଯାଇଥାଏ। ଏହି ମେକଅପ ବିଶେଷ କରି ତେଲିଆ ଏବଂ କମ୍ବିନେସନ ସ୍କିନକୁ ଭଲ ଦିଶିଥାଏ।

ମେକଅପ ପ୍ରଣାଳୀ :

କ୍ଲିନ୍, ମଏଶ୍ଚରାଇଜ୍ : ଫ୍ଲୋଲେସ୍ ମେକଅପ ପାଇଁ ସର୍ବ ପ୍ରଥମେ ତ୍ୱଚାକୁ ସଫା କରିବା ଆବଶ୍ୟକ। କାରଣ ତ୍ୱଚା ଅପରିଷ୍କାର ଏବଂ ତେଲିଆ ଥିଲେ, ଏହି ମେକଅପ ଦୀର୍ଘ ସମୟ ରହିନଥାଏ। ଏଥିପାଇଁ ଫେସୱାସରେ ତ୍ୱଚାକୁ ଭଲ କରି ସଫା କରନ୍ତୁ। ଏହାପରେ ମୁହଁରେ ମଏଶ୍ଚରାଇଜର ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ।

ପ୍ରାଇମର : ମେକଅପ୍ ପ୍ରାଇମର ମୁଖ୍ୟ ହୋଇଥାଏ। ଏହା ତ୍ୱଚାକୁ କୋମଳ କରିବା ସହ ଫାଉଣ୍ଡେସନ ଏକ ଭଲ ବେଶ ଦେଇଥାଏ। ତେଲିଆ ତ୍ୱଚା ଥିବା ମହିଳାଙ୍କ ପାଇଁ ମ୍ୟାଟ ଫିନିଶ ପ୍ରାଇମର ସବୁଠୁ ଭଲ ହୋଇଥାଏ।

ଫାଉଣ୍ଡେସନ : ପ୍ରାଇମର ଲଗାଇବା ପରେ, ତ୍ୱଚାର ରଙ୍ଗ ସହ ମିଶୁଥିବା ହାଲୁକା ଫାଉଣ୍ଡେସନ ଲଗାନ୍ତୁ। ଏଥିରୁ ଏକ ମ୍ୟାଟ ଫିନିଶ ଲୁକ ମିଳିଥାଏ। ଫାଉଣ୍ଡେସନକୁ ବ୍ରଶ ଏବଂ ସ୍ପଞ୍ଜ ସହ ଭଲ ଭାବେ ମ୍ୟାଚ କରନ୍ତୁ। ସେହିପରି ତ୍ୱଚାରେ ଦାଗ, ବ୍ରଣ ତଥା ଆଖିତଳେ ସମସ୍ୟା ଥିଲେ, ସେହି ସ୍ଥାନରେ କନସିଲର ଲଗାଇପାରିବେ।

ଟ୍ରାନ୍ସଲୁସେଣ୍ଟ ପାଉଡର : ବ୍ଲୁରିଙ୍ଗର ମେକଅପର ସବୁଠୁ ମୁଖ୍ୟ ହେଲା, ଟ୍ରାନ୍ସଲୁସେଣ୍ଟ ପାଉଡର। ଏହାକୁ ଲଗାଇ ମେକଅପକୁ ସେଟ କରନ୍ତୁ। ଏହା ଚେହେରାର ଅତିରକ୍ତ ଚମକକୁ କମ କରିଥାଏ। ଏବଂ ମେକଅପକୁ ଦୀର୍ଘ ସମୟ ରଖିଥାଏ। ଏଥିପାଇଁ ବ୍ରଶରେ ହାଲୁକା ହାତରେ ମୁହଁରେ ଲଗାନ୍ତୁ। ଏହାପରେ ବ୍ଲଶ ଓ ହାଇଲାଇଟର ଲଗାଇପାରିବେ।

ମେନ ସାଗର ପାନ ରୋଡ୍, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬

# ଆମେରିକୀୟଙ୍କ କୁକୁର ପ୍ରେମ: ସାମାଜିକ ଅବକ୍ଷୟ ଓ ନିଃସଙ୍ଗତାର ଏକ କରୁଣ ପ୍ରତିଫଳନ

ସାମ୍ପ୍ରତିକ ସମୟରେ ଆମେରିକୀୟ ସମାଜରେ ଏକ ବିଚିତ୍ର ତଥା ଗଭୀର ପରିବର୍ତ୍ତନ ପରିଲକ୍ଷିତ ହେଉଛି, ଯାହା କେବଳ ପଶୁପ୍ରେମ ମଧ୍ୟରେ ସୀମିତ ନୁହେଁ ବରଂ ଏହା ଏକ ବୃହତ୍ତର ସାମାଜିକ ସଙ୍କଟର ଇଙ୍ଗିତ ଦେଉଛି । ଯଦି ଆମେ ଆମେରିକାର ସହରାଞ୍ଚଳଗୁଡ଼ିକୁ ଗଭୀର ଭାବରେ ପର୍ଯ୍ୟବେକ୍ଷଣ କରିବା, ତେବେ ରାସ୍ତାରେ ଶିଶୁଙ୍କୁ ଷ୍ଟ୍ରୋଲରରେ ବୁଲାଇବା ପରିବର୍ତ୍ତେ ଲୋକମାନେ ନିଜର ପୋଷା କୁକୁରମାନଙ୍କୁ ସେହି ସ୍ଥାନରେ ବସାଇ ବୁଲାଉଥିବାର ଦୃଶ୍ୟ ଆଉ ବିରଳ ହୋଇ ରହିନାହିଁ । ଏହି ଦୃଶ୍ୟ କେବଳ ଏକ ସୌଖୀନତା କିମ୍ବା ବିଳାସର ପ୍ରତୀକ ନୁହେଁ, ବରଂ ଏହା ପଛରେ ରହିଛି ମାନବିକ ସମ୍ପର୍କର କ୍ରମାଗତ ଅବକ୍ଷୟ, ବଢ଼ୁଥିବା ନିଃସଙ୍ଗତା ଏବଂ ସାମାଜିକ ସଂରଚନାରେ ଆସିଥିବା ବିରାଟ ଫାଟ । ଆମେରିକୀୟମାନଙ୍କର କୁକୁର ପ୍ରତି ଏହି ଅତ୍ୟଧିକ ଆସକ୍ତି ବାସ୍ତବରେ ସେମାନଙ୍କର କ୍ଷୟିଷ୍ଣୁ ସାମାଜିକ ଜୀବନରେ ଏକ ବିକଳ୍ପ ଭାବରେ ଉଭା ହୋଇଛି । ମଣିଷ ନିଜର ପ୍ରଜାତି ସହ ଯୋଡି ହେବାରେ ବିଫଳ ହୋଇ ଏବେ ଅନ୍ୟ ଏକ ପ୍ରଜାତି ମଧ୍ୟରେ ନିଜର ଭାବପ୍ରବଣତାର ଆଶ୍ରୟ ଖୋଜୁଛି, ଯାହା ଏକ ସୁସ୍ଥ ସମାଜ ପାଇଁ ଚିନ୍ତାର ବିଷୟ ।

ପରିସଂଖ୍ୟାନ ଉପରେ ନଜର ପକାଇଲେ ଏହି ପରିବର୍ତ୍ତନର ଚିତ୍ର ଅଧିକ ସ୍ପଷ୍ଟ ହୋଇଯାଏ । ଗତ କିଛି ଦଶନ୍ଧି ମଧ୍ୟରେ ଆମେରିକାରେ ବିବାହ ହାର ଏବଂ ଜନ୍ମ ହାରରେ ଉଲ୍ଲେଖନୀୟ ହ୍ରାସ ଘଟିଛି । ଯୁକ୍ତରାଷ୍ଟ୍ର ଆମେରିକାର ଜନଗଣନା ବ୍ୟୁରୋର ତଥ୍ୟ ଅନୁଯାୟୀ, ଆମେରିକାରେ ଏକକ ପରିବାର ବା ଏକାକୀ ରହୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଐତିହାସିକ ଭାବେ ବୃଦ୍ଧି ପାଇଛି । ଠିକ୍ ଏହି ସମୟରେ, ଆମେରିକାନ୍ ପେଟ୍ ପ୍ରଡକ୍ଟସ୍ ଆସୋସିଏସନ୍ (APPA) ର ରିପୋର୍ଟ ଅନୁସାରେ, ଆମେରିକାରେ ଗୃହପାଳିତ ପଶୁ, ବିଶେଷକରି କୁକୁର ପାଳନ କରୁଥିବା ପରିବାର ସଂଖ୍ୟା ୬୬% ରୁ ଅଧିକ ହୋଇଯାଇଛି । କେବଳ ସେତିକି ନୁହେଁ, ୨୦୨୩ ମସିହାରେ ଆମେରିକୀୟମାନେ ନିଜ ପୋଷା ଜନ୍ତୁଙ୍କ ପାଇଁ ପ୍ରାୟ ୧୪୭ ବିଲିୟନ ଡଲାର ଖର୍ଚ୍ଚ କରିଛନ୍ତି, ଯାହା ବିଶ୍ୱର ଅନେକ ଦେଶର ମୋଟ ଘରୋଇ ଉତ୍ପାଦ (GDP) ଠାରୁ ମଧ୍ୟ ଅଧିକ । ଏହି ବିପୁଳ ଅର୍ଥରାଶି କେବଳ କୁକୁରଙ୍କ ଖାଦ୍ୟ ପାଇଁ ନୁହେଁ, ବରଂ ସେମାନଙ୍କ ପାଇଁ ସ୍ପା, ଡେ-କେୟାର, ଚିକିତ୍ସା ବୀମା, ଦାମୀ ପୋଷାକ ଏବଂ ଜନ୍ମଦିନ ପାଳନ ଭଳି ବିଳାସପୂର୍ଣ୍ଣ କାର୍ଯ୍ୟରେ ବିନିଯୋଗ ହେଉଛି । ଏହି ତଥ୍ୟ ପ୍ରମାଣ କରୁଛି ଯେ, କୁକୁରମାନେ ଆଉ କେବଳ ଘର ଜଗୁଆଳି ବା ସାଧାରଣ ସାଥୀ ହୋଇ ରହିନାହାନ୍ତି, ବରଂ ସେମାନେ ପରିବାରର ସଦସ୍ୟ ବା 'ଫର୍ ବେବି' (ଲୋମଶ ଶିଶୁ) ର ମାନ୍ୟତା ପାଇସାରିଛନ୍ତି । କିନ୍ତୁ ପ୍ରଶ୍ନ ଉଠୁଛି, ମଣିଷ ନିଜ ପ୍ରଜାତିର ଶିଶୁଙ୍କ ପରିବର୍ତ୍ତେ ଅନ୍ୟ ଏକ ପ୍ରଜାତି ଉପରେ ଏତେ ମାତ୍ରାରେ ନିର୍ଭରଶୀଳ କାହିଁକି ହେଉଛି ?

ଏହାର ମୂଳ କାରଣ ଖୋଜିଲେ ଆମକୁ ଆମେରିକୀୟ ସମାଜର ଗଭୀର ନିଃସଙ୍ଗତା ବା 'ଲୋନଲିନେସ୍ ଏପିଡେମିକ୍' ନିକଟରେ ପହଞ୍ଚିବାକୁ ପଡିବ । ଆମେରିକାର ସର୍ଜନ ଜେନେରାଲ ନିକଟରେ ଏହାକୁ ଏକ ଜନସ୍ୱାସ୍ଥ୍ୟ ସଙ୍କଟ ବୋଲି ଘୋଷଣା କରିଛନ୍ତି । ଆଧୁନିକ ପୁଞ୍ଜିବାଦୀ ବ୍ୟବସ୍ଥା, ଅତ୍ୟଧିକ କର୍ମଚାପ, ଡିଜିଟାଲ୍ ବିଚ୍ଛିନ୍ନତା ଏବଂ ଦ୍ରୁତ ସହରୀକରଣ ମଣିଷକୁ ମଣିଷଠାରୁ ଦୂରେଇ ଦେଇଛି । ସମାଜବିଜ୍ଞାନୀ ରବର୍ଟ ପୁଟ୍‌ନାମ ତାଙ୍କର ପ୍ରସିଦ୍ଧ ପୁସ୍ତକ 'ବୋଲିଂ ଏଲୋନ୍'ରେ ଯେପରି ବର୍ଣ୍ଣନା କରିଥିଲେ, ଆମେରିକାରେ ସାମାଜିକ ପୁଞ୍ଜି ବା 'ସୋସିଆଲ୍ କ୍ୟାପିଟାଲ୍' ଦ୍ରୁତ ଗତିରେ ହ୍ରାସ ପାଉଛି । ମାନବିକ ସମ୍ପର୍କ ଗଢିବା ଏବଂ ତାକୁ ବଜାୟ ରଖିବା ପାଇଁ ପ୍ରଚୁର ଧୈର୍ଯ୍ୟ, ବୁଝାମଣା, ସମୟ ଏବଂ ତ୍ୟାଗର ଆବଶ୍ୟକତା ଥାଏ । ମଣିଷ ସହ ସମ୍ପର୍କରେ ମତାନ୍ତର ହୁଏ, ଯୁକ୍ତିତର୍କ ହୁଏ, ରାଜନୈତିକ ମତଭେଦ ଥାଏ ଏବଂ ସର୍ବୋପରି ପ୍ରତ୍ୟାଖ୍ୟାନର ଭୟ ସର୍ବଦା ଲାଗି ରହିଥାଏ । କିନ୍ତୁ ଏକ କୁକୁର ସହ ସମ୍ପର୍କରେ ଏହି ଜଟିଳତା ନଥାଏ । କୁକୁରର ପ୍ରେମ ସର୍ତ୍ତହୀନ ଏବଂ ସରଳ । ସେ କେବେ ପ୍ରଶ୍ନ କରେନାହିଁ, ଆପଣଙ୍କ ରୋଜଗାର କିମ୍ବା ଚେହେରାକୁ ନେଇ ବିଚାର କରେନାହିଁ କିମ୍ବା ରାଜନୈତିକ ମତଭେଦ ପାଇଁ ଝଗଡା କରେନାହିଁ । ତେଣୁ, ଏକ ଜଟିଳ ଓ ଚାପଗ୍ରସ୍ତ ମାନବିକ ସମ୍ପର୍କ ଅପେକ୍ଷା ଆମେରିକୀୟମାନେ କୁକୁରର ସରଳ, ନିରାପଦ ଏବଂ ନିୟନ୍ତ୍ରିତ ସାନ୍ନିଧ୍ୟକୁ ଅଧିକ ପସନ୍ଦ କରୁଛନ୍ତି । ଏହା ଏକ ପ୍ରକାରର ପଳାୟନବାଦୀ ମନୋବୃତ୍ତି, ଯେଉଁଠାରେ ମଣିଷ ସାମାଜିକ ଆହ୍ୱାନର ସାମ୍ନା କରିବା ବଦଳରେ ଏକ ଆନୁଗତ୍ୟପୂର୍ଣ୍ଣ ସମ୍ପର୍କ ଭିତରେ ନିଜକୁ ସୁରକ୍ଷିତ ମଣୁଛି ।

ଆର୍ଥିକ ଦୃଷ୍ଟିକୋଣରୁ ବିଚାର କଲେ, ଆମେରିକାର ଯୁବପିଢି, ବିଶେଷକରି 'ମିଲେନିଆଲ୍ସ' ଏବଂ 'ଜେନ୍-ଜି', ପିଲା ଜନ୍ମ କରିବାକୁ ଏକ ବଡ଼ ଆର୍ଥିକ ବୋଝ ବୋଲି ମନେ କରୁଛନ୍ତି । ଶିକ୍ଷା ଋଣ, ସ୍ୱାସ୍ଥ୍ୟସେବା ଏବଂ ବାସଗୃହର ଆକାଶଛୁଆଁ ଦର ଯୋଗୁଁ ଏକ ଶିଶୁକୁ ଲାଳନପାଳନ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି । ଏହି ପରିପ୍ରେକ୍ଷୀରେ, କୁକୁର ପାଳନ କରିବା ତୁଳନାତ୍ମକ ଭାବେ ଶସ୍ତା ଏବଂ କମ୍ ଦାୟିତ୍ୱପୂର୍ଣ୍ଣ ମନେହୁଏ । କିନ୍ତୁ ଏହି ଆର୍ଥିକ ଯୁକ୍ତି ପଛରେ ଏକ ଗଭୀର ମନସ୍ତାତ୍ତ୍ୱିକ ଶୂନ୍ୟତା ଲୁଚି ରହିଛି । ମଣିଷର ଯତ୍ନ ନେବା ଏବଂ ସ୍ନେହ ଦେବାର ଯେଉଁ ସହଜାତ ଜୈବିକ ପ୍ରବୃତ୍ତି ରହିଛି, ତାହା ପୂରଣ କରିବା ପାଇଁ ସେ କୁକୁରକୁ ମାଧ୍ୟମ କରୁଛି । କିନ୍ତୁ ବିଡମ୍ବନାର ବିଷୟ ହେଲା, କୁକୁରକୁ ମଣିଷ ଭଳି ବ୍ୟବହାର କରିବା (Anthropomorphism) ଦ୍ୱାରା ନା ମଣିଷର ପ୍ରକୃତ ସାମାଜିକ ଆବଶ୍ୟକତା ପୂରଣ ହେଉଛି, ନା କୁକୁରର ପ୍ରାକୃତିକ ଜୀବନଶୈଳୀ ବଜାୟ ରହୁଛି । କୁକୁରକୁ ମଣିଷ ପିଲାଙ୍କ ଭଳି ପୋଷାକ ପିନ୍ଧାଇବା, ତାକୁ ଟେବୁଲରେ ବସାଇ ଖାଇବାକୁ ଦେବା କିମ୍ବା ତାକୁ ଶିଶୁ ଭଳି ଷ୍ଟ୍ରୋଲରରେ ବୁଲାଇବା ଦ୍ୱାରା ମଣିଷ ନିଜର ଏକାକୀତ୍ୱକୁ କ୍ଷଣିକ ପାଇଁ ଭୁଲିପାରେ ସତ, କିନ୍ତୁ ଏହା ସମାଜରେ ମଣିଷ-ମଣିଷ ମଧ୍ୟରେ ଥିବା ଦୂରତ୍ୱକୁ କମାଇପାରେ ନାହିଁ । ଏହା ଏକ 'ସିନ୍ଥେଟିକ୍' ବା କୃତ୍ରିମ ପରିବାରର ଭ୍ରମ ସୃଷ୍ଟି କରେ, ଯାହା ବାସ୍ତବରେ ମଣିଷକୁ ଅଧିକ ନିଃସଙ୍ଗ କରିଦିଏ ।

ଏହି ପ୍ରବୃତ୍ତି ସାମାଜିକ ଗଣତନ୍ତ୍ର ଏବଂ ଗୋଷ୍ଠୀ ଜୀବନ ପାଇଁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ । ଯେତେବେଳେ ଲୋକମାନେ ନିଜର ସମସ୍ତ ଭାବପ୍ରବଣତା, ସମୟ ଏବଂ ଅର୍ଥ ଏକ ଗୃହପାଳିତ ପଶୁ ଉପରେ ବିନିଯୋଗ କରନ୍ତି, ସେତେବେଳେ ସେମାନଙ୍କର ସାମାଜିକ କାର୍ଯ୍ୟକଳାପ ସ୍ୱାଭାବିକ ଭାବେ କମିଯାଏ । କୁକୁରମାନେ ନିଶ୍ଚିତ ଭାବରେ ଚମତ୍କାର ସାଥୀ ଏବଂ ସେମାନେ ମାନସିକ ଚାପ କମାଇବାରେ ସାହାଯ୍ୟ କରନ୍ତି, କିନ୍ତୁ ସେମାନେ ମାନବିକ ସମ୍ପର୍କର ବିକଳ୍ପ ହୋଇପାରିବେ ନାହିଁ। ମଣିଷର ବୌଦ୍ଧିକ ଏବଂ ଭାବଗତ ବିକାଶ ପାଇଁ ଅନ୍ୟ ମଣିଷ ସହ ସମ୍ପର୍କ, ସଂଘର୍ଷ, ବୁଝାମଣା ଏବଂ ସହଯୋଗର ଆବଶ୍ୟକତା ରହିଛି । ଗୋଟିଏ କୁକୁର ଆପଣଙ୍କୁ ସାନ୍ତ୍ୱନା ଦେଇପାରେ, କିନ୍ତୁ ସେ ଆପଣଙ୍କ ସହ ସାହିତ୍ୟ, ଦର୍ଶନ କିମ୍ବା ସମାଜର ଭବିଷ୍ୟତ ବିଷୟରେ ଆଲୋଚନା କରିପାରିବ ନାହିଁ କିମ୍ବା ବୃଦ୍ଧାବସ୍ଥାରେ ଆପଣଙ୍କର ସେବା କରିପାରିବ ନାହିଁ ।

ପରିଶେଷରେ, ଆମେରିକୀୟଙ୍କ ଏହି ଅତ୍ୟଧିକ କୁକୁର ପ୍ରେମକୁ କେବଳ ପଶୁପ୍ରେମର ଏକ ଉଦାହରଣ ଭାବେ ନ ଦେଖି ଏହାକୁ ଏକ ସାମାଜିକ ସତର୍କ ଘଣ୍ଟି ଭାବେ ଗ୍ରହଣ କରିବା ଉଚିତ୍ । ଏହା ଦର୍ଶାଉଛି ଯେ ଆମେ ଏପରି ଏକ ସମାଜ ଗଠନ କରିଛୁ ଯେଉଁଠି ମଣିଷ ମଣିଷକୁ ଭରସା କରିବା କଷ୍ଟକର ହୋଇପଡୁଛି ଏବଂ ସେଥିପାଇଁ ସେ ପଶୁର ନିରବ ଆନୁଗତ୍ୟରେ ଶାନ୍ତି ଖୋଜୁଛି । ଏହା ମାନବ ସଭ୍ୟତାର ଭବିଷ୍ୟତ ପାଇଁ ଏକ ବିପଦଜନକ ସଙ୍କେତ, କାରଣ ଯଦି ଆମେ ପରବର୍ତ୍ତୀ ପିଢିର ମଣିଷ ତିଆରି କରିବା ବଦଳରେ କୁକୁର ପାଳିବାରେ ବ୍ୟସ୍ତ ରହିବା, ତେବେ ସମାଜର ଧାରା ବଜାୟ ରହିବ କିପରି ? ଯଦିଓ ଭାରତ ଭଳି ଦେଶରେ ଏହି ପ୍ରବୃତ୍ତି କିଛି ମାତ୍ରାରେ ସୀମିତ ରହିଛି, ତଥାପି ବିଶ୍ୱାୟନର ପ୍ରଭାବରେ ଏହା ଆମ ସମାଜକୁ ମଧ୍ୟ ସଂକ୍ରମିତ କରିବାର ଆଶଙ୍କା ରହିଛି । ସମାଧାନ କୁକୁର ପାଳନ ବନ୍ଦ କରିବାରେ ନାହିଁ, ବରଂ ସମାଧାନ ରହିଛି ସେହି କାରଣଗୁଡିକର ନିରାକରଣରେ ଯାହା ମଣିଷକୁ ଏକାକୀ କରୁଛି । କର୍ମକ୍ଷେତ୍ରରେ ସନ୍ତୁଳନ, ସାମାଜିକ ସୁରକ୍ଷା, ଏବଂ ଗୋଷ୍ଠୀଗତ ଜୀବନକୁ ପୁନରୁଦ୍ଧାର କରିବା ଦ୍ୱାରା ହିଁ ଏହି ସମସ୍ୟାର ସମାଧାନ ହୋଇପାରିବ । କୁକୁର ମଣିଷର 'ସର୍ବୋତ୍ତମ ବନ୍ଧୁ' ହୋଇପାରେ, କିନ୍ତୁ ସେ କଦାପି ମଣିଷର 'ପରିବାର' କିମ୍ବା 'ସମାଜ'ର ସ୍ଥାନ ନେଇପାରିବ ନାହିଁ । ସୁସ୍ଥ ସମାଜ ପାଇଁ ମଣିଷକୁ ପୁଣିଥରେ ମଣିଷ ସହ ଯୋଡିହେବାକୁ ପଡିବ, କେବଳ ପଟ୍ଟା ଧରି ପାର୍କରେ ବୁଲିବା ଯଥେଷ୍ଟ ନୁହେଁ ।

## ଧ୍ୱନି ପ୍ରତିଧ୍ୱନି

# ରାଜ୍ୟସଭା ନିର୍ବାଚନର ଛକାପଞ୍ଝା

**ବୁଦ୍ଧରାମ ସାହୁ**

ନିକଟରେ ଦ୍ୱିବାର୍ଷିକ ରାଜ୍ୟସଭା ନିର୍ବାଚନ ଆସନ୍ନ ପ୍ରାୟ। ଏଥର ରାଜ୍ୟସଭାକୁ ବିଜୟୀ ହେବାକୁ ହେଲେ ସମୁଦାୟ ଚାରିଜଣ ପ୍ରାର୍ଥୀ ପାଇଁ ବିଧାନସଭା ସଭ୍ୟଙ୍କ ଏକ ପଞ୍ଚମାଂଶ ଅର୍ଥାତ୍ ଅତିକମ୍‌ରେ ୩୦ଟି ସଭ୍ୟଙ୍କ ଭୋଟ ପାଇବା ଆବଶ୍ୟକ। ବିଧାନସଭାରେ ବିରୋଧୀ ଦଳରେ ବି.ଜ.ଦ-୫୦, କଂଗ୍ରେସ-୧୪ ଓ ବାମପନ୍ଥୀ କମ୍ୟୁନିଷ୍ଟ ଦଳ-୧କୁ ମିଶାଇଲେ ସେମାନେ ୬୫ ବିଧାୟକ ହେବେ ଏବଂ ସୁରୁଖୁରୁରେ ୨ଟି ଆସନରେ ବିଜୟୀ ହୋଇପାରିବେ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଉଭୟଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ସମସ୍ୟା ଯୋଗୁ ମେଣ୍ଟ ହେବା ସମ୍ଭାବନା କ୍ଷୀଣ। ଏପରି ସ୍ଥିତିରେ ବୃହତ୍ତର ଦଳ ହିସାବରେ ବି.ଜେ.ଡି ଦଳର ସୁପ୍ରିମୋ କଂଗ୍ରେସ ଦଳର କେନ୍ଦ୍ର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ନିର୍ଦ୍ଦିଷ୍ଟ ନିର୍ଯ୍ୟାସରେ ଉପନୀତ ହେବା ନିହାତି ଆବଶ୍ୟକ।

ନୂଆପଡ଼ା ଉପନିର୍ବାଚନରେ ବିଜୟୀ ବିଧାୟକଙ୍କୁ ମିଶାଇଲେ ବି.ଜେ.ପି.ର ୭୯ ଏବଂ ୩ଜଣ ସ୍ୱାଧୀନ ସଭ୍ୟଙ୍କ ସମର୍ଥନ ଦେଲେ ସେମାନେ ୮୨ରେ ପରିଣତ ହେବେ। ରାଜ୍ୟସଭା ଭୋଟ ଜିତିବାକୁ ହେଲେ ବି.ଜେ.ପି.ର ୨ଟି ଏବଂ ବି.ଜେ.ଡି.ର ଗୋଟିଏ ଆସନ ସହଜରେ ହାସଲ ହୋଇପାରିବ। ତାପର ସଂଖ୍ୟା ହିସାବ କଲେ ବି.ଜେ.ପି.ର ୨୨ଟି ଏବଂ ବି.ଜେ.ଡି.ର ୨୦ଟି ଭୋଟ ବଳକା ରହିବ। ବି.ଜେ.ପି.ର ଆଉ ୮ଟି ଭୋଟ ଆବଶ୍ୟକ ହେଲେ ସେ ତାର ୪ର୍ଥ ପ୍ରାର୍ଥୀଙ୍କୁ ମଧ୍ୟ ବିଜୟୀ କରିପାରିବ। ତେଣୁ ଶାସକ ଦଳ ଅନ୍ୟ ଦଳୀୟ ଭୋଟ ପାଇ ଘୋଡ଼ା ବେପାର ନିଶ୍ଚୟ କରିପାରେ। ଅପର ପକ୍ଷରେ ଯଦି ବି.ଜେ.ଡି. ଓ କଂଗ୍ରେସ ମିଶିଯାଆନ୍ତି ତେବେ ୬୪ ଭୋଟ ପାଇ ଚତୁର୍ଥ ପ୍ରାର୍ଥୀ ନିଶ୍ଚୟ ବିଜୟୀ ହେବେ, ଏଥିରେ ସନ୍ଦେହ ନାହିଁ।

ଏଠାରେ ସୂଚାଇ ଦେବାକୁ ଚାହେଁ ଯେ, ଗତ ବି.ଜେ.ଡି. ଶାସନ ସମୟରେ କେନ୍ଦ୍ରରେ ବି.ଜେ.ପି. ସରକାର ଥିବା ଯୋଗୁ ପରିସ୍ଥିତିରେ ପଡ଼ି ବାଧ୍ୟ ହୋଇ ବି.ଜେ.ପି. ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ବି.ଜେ.ଡି. ସମର୍ଥନ ଦେଇଥିଲା। କିନ୍ତୁ ବର୍ତ୍ତମାନ ବି.ଜେ.ଡି. ବିରୋଧୀ ଦଳରେ ଥିବାରୁ ସେଭଳି ସମର୍ଥନ ଦେବାର କୌଣସି ଆବଶ୍ୟକତା ନାହିଁ। ଅପରନ୍ତୁ ବି.ଜେ.ପି. ଦଳ ଦୀର୍ଘ ୧୮ ମାସରୁ ଊର୍ଦ୍ଧ୍ୱ ସମୟ ଶାସନରେ ଥିଲେ ମଧ୍ୟ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ କିମ୍ବା ନିଗମ କର୍ମକର୍ତ୍ତା ପ୍ରଦାନ ନ କରିବା ଯୋଗୁ, ସେମାନଙ୍କର ଅନ୍ତର୍ନିହିତ ବିଦ୍ରୋହ ଯେ ଚରମ ସୀମାରେ ପହଞ୍ଚିଲାଣି । ଏହା କାହାକୁ ଅଛପା ନାହିଁ। ତେଣୁ ବି.ଜେ.ପି ଦଳ ଯେ ଆବଶ୍ୟକ ପଡ଼ିଲେ ଘୋଡ଼ା ବେପାରରେ ସାମିଲ୍ ନହେବେ ତାହା କୁହାଯାଇ ନପାରେ।

ବି.ଜେ.ପି ଦଳର ପ୍ରାର୍ଥୀ ସମସ୍ୟା ଅପେକ୍ଷା ବି.ଜେ.ଡି. ଦଳରେ ସେ ସମସ୍ୟା ନାହିଁ ତାହା କୁହାଯାଇ ନପାରେ। ଗତ ୩/୪ଟି ଦ୍ୱିବାର୍ଷିକ ରାଜ୍ୟସଭା ନିର୍ବାଚନରେ ଦଳୀୟ ସଂଗଠନରେ ଏବଂ ଦଳୀୟ ଅନୁଗତ୍ୟ ନଥିବା ଶ୍ରୀ ପ୍ରଶାନ୍ତ ନନ୍ଦ, ଅମର ପଟ୍ଟନାୟକ ଏବଂ ଅଚ୍ୟୁତ ସାମନ୍ତ ସମେତ ଶ୍ରୀ ସୁଜିତ କୁମାର ଓ ମମତା ମହନ୍ତ ପ୍ରମୁଖ ଦଳ ସଂଗଠନରେ ସାମିଲ୍ ନଥିଲେ। ତେଣୁ ନିର୍ଭିକ ଭାବେ ଦଳ ପରିତ୍ୟାଗ କଲେ। ଶୁଣାଯାଏ ଯେ, ସେମାନେ ସମସ୍ତେ ଦଳର ଚର୍ଚ୍ଚିତ ନେତାଙ୍କ ସମର୍ଥକ ଥିଲେ ତେଣୁ ଦଳକୁ ବିଶ୍ୱାସଘାତକତା କରିବାକୁ ପଶ୍ଚାତପଦ ହେଲେନାହିଁ।

ରାଜ୍ୟସଭାଟି ପାର୍ଲାମେଣ୍ଟର ଉଚ୍ଚ ସାମ୍ବିଧାନିକ ସଦନ। କୌଣସି ପରିସ୍ଥିତିରେ ମଧ୍ୟ ରାଜ୍ୟସଭାଟି ଭଙ୍ଗ କରାଯାଇ ନପାରେ। ଦେଶରେ ନିର୍ବାଚନ ହେଲେ କିମ୍ବା ଜରୁରୀ ପରିସ୍ଥିତି ଜାରି ହେଲେ ମଧ୍ୟ ରାଜ୍ୟସଭା ସଦସ୍ୟ ମାନଙ୍କ ସ୍ଥିତି ଜାହିର ଥାଏ। ବିଧାନସଭାରୁ ନିର୍ବାଚିତ ସଭ୍ୟମାନେ ନିର୍ବାଚନ ପରେ ବିଧାୟକ ରହିଁଲେ ମଧ୍ୟ ତାଙ୍କୁ ଫେରେଇ ଆଣିପାରିବେ ନାହିଁ। ଏ କ୍ଷେତ୍ରରେ ତାଙ୍କର ଇସ୍ତଫା ଦେବା ଜରୁରୀ। ତେଣୁ ରାଜ୍ୟସଭାକୁ ଥଇଥାନ କେନ୍ଦ୍ର କରାଯିବାଟା ଭାରତୀୟ ସମ୍ବିଧାନ ପ୍ରତି ଅସମାନ୍ୟ କରାଯିବା ସଙ୍ଗେ ସମାନ। ବିଗତ ଦିନରେ ରାଜ୍ୟ ବିଧାନସଭାରୁ ନିର୍ବାଚିତ ହୋଇଥିବା ସର୍ବଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ, ଅଚ୍ୟୁତ ସାମନ୍ତ, ବିଷ୍ଣୁ ଦାସ, କିଶୋର ମହାନ୍ତି, ପ୍ରତାପ କେଶରୀ ଦେବ, ଅନୁଭବ ମହାନ୍ତି ଓ ସୁବାସ ସିଂହ ପ୍ରମୁଖଙ୍କୁ ବିନା କାରଣରେ ଫେରାଇ ଅଣା ଯାଇଥିଲା। ଏହା କେତେଦୂର ସାମ୍ବିଧାନିକ ନିଷ୍ପତ୍ତି ନା ଥଇଥାନ କେନ୍ଦ୍ର ତାହା ବୁଝିହୁଏନା। ବିଗତ ୧୯୯୦ରେ ଯେତେବେଳେ ଜନତା ଦଳ ସରକାରରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିଲେ, ସେତେବେଳେ ସେ ରାଜ୍ୟସଭା ନିର୍ବାଚନରେ ପ୍ରାର୍ଥୀମାନଙ୍କୁ ଦଳୀୟ ସଂଗଠନରୁ ହିଁ ଆବିଷ୍କାର କରିଥିଲେ। ଯେଉଁମାନେ କେବେ ବି ଦଳୀୟ ପ୍ରାର୍ଥୀ ହୋଇନାହାଁନ୍ତି କି କୌଣସି ନିର୍ବାଚନରେ ପରାଜୟ ହେବାର ନଜିର ନାହିଁ। ସେମାନେ ହେଲେ ସର୍ବଶ୍ରୀ ଶାରଦା ପ୍ରସାଦ ମହାନ୍ତି, ନରେନ୍ଦ୍ର ପ୍ରଧାନ, ରାହାସ ବାରିକ, ସନାତନ ବିଶି, ବସନ୍ତ ଦାସ, ପ୍ରଭାତ ସାମନ୍ତରାୟ, ସୁଶ୍ରୀ ଦେବୀ ଓ ମୀରା ଦାସ ପ୍ରମୁଖ। ଏମାନେ ବିଜୁବାବୁଙ୍କ ସାଂଗଠନିକ କ୍ଷେତ୍ରରେ ବହୁ ଭାବରେ ଜଡ଼ିତ ଥିଲେ। ତାଙ୍କର ଦକ୍ଷତା ଓ ଆନୁଗତ୍ୟ ପାଇ ହିଁ ସେମାନେ ରାଜ୍ୟସଭା ପାଇଁ ମନୋନୀତ ହେଲେ ଓ କେନ୍ଦ୍ରରେ ବିଜୁବାବୁଙ୍କ ଦଳର ସ୍ଥିତାବସ୍ଥାକୁ ସୁଦୃଢ ଓ ସହଯୋଗ କରିବାର ଦାୟିତ୍ୱ ତୁଲାଉଥିଲେ।

ରାଜ୍ୟସଭା ନିର୍ବାଚନରେ ଗୋଟି ଚାଳନାରେ ଫେଲ୍ ମାରିବା ବି.ଜେ.ଡି. ସୁପ୍ରିମୋ ନବୀନ ବାବୁଙ୍କ ପାଇଁ ନୂଆ ନୁହେଁ, ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ଭଳି ଉଭୟ ପଦରେ ଥାଇ ମଧ୍ୟ ୨୦୦୨ ମସିହା ଦ୍ୱିବାର୍ଷିକ ନିର୍ବାଚନରେ ପୂର୍ବତନ ମନ୍ତ୍ରୀ ଦିଲ୍ଲୀପ ରାୟ ମେଣ୍ଟ ଦଳ ଓ କଂଗ୍ରେସ ଦଳକୁ ବିଭାଜନ କରି ଶତ ତାଗିଦ ସତ୍ତ୍ୱେ ନବୀନଙ୍କୁ ଚକ୍‌ମା ଦେଇ ବିଜୟୀ ହୋଇପାରିଥିଲେ। ପୁନର୍ବାର ୨୦୧୪ରେ ନବୀନ ମନୋନୀତ ପ୍ରାର୍ଥୀ ପଦ୍ମଶ୍ରୀ ରଘୁନାଥ ମହାପାତ୍ର ବି.ଜେ.ଡି. ସହଯୋଗ ଦଳଠାରୁ ସମର୍ଥନ ଆଶା ରଖିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ବି.ଜେ.ପି. ଦଳ ନବୀନଙ୍କୁ ସମର୍ଥନ ପତ୍ର ପ୍ରତ୍ୟାହାର କରି କଂଗ୍ରେସ ସପକ୍ଷରେ ଭୋଟ ଦେବାରୁ କଂଗ୍ରେସ ପ୍ରାର୍ଥୀ ଶ୍ରୀ ରଞ୍ଜୀବ ବିଶ୍ୱାଳ ବିଜୟୀ ହେଲେ ଓ ଶିଳ୍ପୀ ରଘୁନାଥ ମହାପାତ୍ର ପରାଜୟ ବରଣ କରିଥିଲେ।

୨୦୨୪ ନିର୍ବାଚନରେ ବି.ଜେ.ପି. ୪୦.୭% ଭୋଟ ପାଇଥିବା ସ୍ଥଳେ ବି.ଜେ.ଡି ୪୦.୨୨% ଭୋଟ ଅର୍ଥାତ୍ ୦.୧୫% ଭୋଟ ଅଧିକ ପାଇଥିଲା। କିନ୍ତୁ ୨୦୨୫ ନୂଆପଡ଼ା ଉପନିର୍ବାଚନରେ ଦଳ ୩ ସ୍ଥାନକୁ ଖସି ଆସିଲା। ଏହା କେବଳ ଦଳୀୟ ପ୍ରାର୍ଥୀ ଚୟନ ଏବଂ ନିର୍ବାଚନ ପରିଚାଳନାରେ ତ୍ରୁଟି ଯୋଗୁ ଏଭଳି ପରିସ୍ଥିତି ଦଳକୁ ଭୋଗିବାକୁ ପଡ଼ିଲା। ତା ପରବର୍ଷ ଅର୍ଥାତ୍ ୨୦୨୬ ରାଜ୍ୟସଭା ନିର୍ବାଚନରେ ଏଭଳି ଘଟଣାର ପୁନରାବୃତ୍ତି ନକରି ବିଧାୟକମାନଙ୍କ ମହମତି ସହ ଆନୁଗତ୍ୟ ଭିତ୍ତିରେ ପ୍ରାର୍ଥୀ ଚୟନ ପ୍ରତି ବିଚାର କରି ସୁପ୍ରିମୋ ପଦକ୍ଷେପ ନେବା ଉଚିତ୍। ଯଦ୍ୱାରାକି ଦଳରେ ବିଭାଜନକୁ ଏହାଦ୍ୱାରା ରୋକାଯାଇ ପାରିବ। ନୂଆପଡ଼ା ଉପନିର୍ବାଚନ ପରେ ଯଦି ରାଜ୍ୟସଭାରେ ଗୋଟି ଚାଳନା ଠିକ୍ ଭାବରେ ନ କରି ପରାଜୟର ସମ୍ମୁଖୀନ ହୁଅନ୍ତି, ତେବେ ଏହାର କୁପରିଣତି ଆସନ୍ତା ପଞ୍ଚାୟତ ନିର୍ବାଚନରେ ନିଶ୍ଚୟ ଭୋଗିବାକୁ ପଡ଼ିବ ତାହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ।

+ଖାରବେଳ ନଗର,
ମୋ: ୯୪୩୭୧୭୯୦୪୭

# ଆମ ସଂସ୍କାର ଓ ସଂସ୍କୃତି ଆମ ପରିଚୟ



**ଧ୍ରୁବ ଚରଣ ବେହେରା**

ସଂସ୍କୃତି ଓ ସଂସ୍କାର ଦେଶ ଭାରତ ବର୍ଷ । ସେଥି ମଧ୍ୟରୁ ଓଡିଶାର ସଂସ୍କୃତି ଯାହାର ନାମ ଜଗନ୍ନାଥ ସଂସ୍କୃତି ଅନ୍ୟତମ ଅଟେ । ଏହି ମାଟିର ପ୍ରତିଟି ରେଣୁ ତା'ର ଶାନ୍ତ, ସରଳ ଓ ସଂସ୍କାରର ପରିଚୟ ଦେଇ ଯୁଗେ ଯୁଗେ ଅମ୍ଳାନ ହୋଇଅଛି । ଏହି ମାଟି ବୀରତ୍ୱର ଇତିହାସ ମାଟି । ଯାହାର ଗନ୍ଧ ସବୁବେଳେ ବୀରତାର କାହାଣୀକୁ ବଖାଣି ବସେ ଓ ସମୟର କଷଟି ପଥରେ ପୂର୍ଣ୍ଣ ଜୀବିତ କରି ଆଗାମୀ ପିଢିକୁ ଏକ ନୂଆ ଦିଗ୍ ଦର୍ଶନ ଦେଇଥାଏ। ଏହାର ପ୍ରାକୃତିକ ପରିବେଶ ଯେତିକି ସୁନ୍ଦର ତା'ର କୋଳରେ ସବୁଜ ଓ ଶ୍ୟାମଳ ବନାନୀ, କୁଳୁ କୁଳୁ ନାଦ ଦେଇ ବହି ଯାଉଥିବା ସୁନ୍ଦର ତଟନୀ ଓ ଅମାନିଆ ଝରଣାର ମଧୁମୟ ଶୋଭା ମାନସ ଚକ୍ଷୁରେ ପଡିଲେ ହଠାତ୍ ମନ ଲାଖିଯାଏ। ଭିନ୍ନ ଭିନ୍ନ ବିହଙ୍ଗ ମେଳିର କଳରବ ବସନ୍ତର ଆଗମନରେ କୋଇଲିର କୁହୁତାନ ଲାଗେ ଯେମିତି ପ୍ରକୃତି ରାଣୀର ଛନ୍ଦମୟ ବୀଣା ବାଦନ । ସତରେ ଏମିତି ମାଟି କୋଳରେ ଜନ୍ମ ହୋଇ ନିଜକୁ ଓଡିଆର ପରିଚୟ ଦେଇ ଗର୍ବର ସହିତ ନିଜକୁ ଓଡିଆ ବୋଲି କହିବା ଏକ ଗୌରବ ବିଷୟ ନିଶ୍ଚିତ ଭାବେ । ସମୟର ପ୍ରବାହନ ତରଙ୍ଗରେ ମଣିଷ ହଜି ଯାଇଥିବା ମୃଦୁ ମଳୟର ଆହାଟକୁ ସାଉଁଟି ଆଣି କେତେ ଯେ ସ୍ମୃତି ଓ ଅନୁଭୂତିର କାହାଣୀକୁ ଲେଖନୀ ମୁନରେ ଲେଖି ଦିଏ ତାହା ହିଁ ଜଣେ ଲେଖକ/ଲେଖିକା, କବି/କବୀ ଓ ଭାବୁକ ହିଁ ବୁଝିପାରେ । ଆଜି ଏମିତି ଏକ ଅନୁଭୂତି ଆପଣମାନଙ୍କ ସମ୍ମୁଖରେ ବର୍ଣ୍ଣନା କରିବାକୁ ଯାଉଛି ଯାହା ଆମର ସଂସ୍କାର ସଂସ୍କୃତି ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ। ତା- ୧୪/୦୨/୨୦୨୬ ପ୍ରାତ ଭ୍ରମ୍ରଣର ଛୋଟିଆ କାହାଣୀ ହେଲେ ବି ସତ । ଯାହା ଆମକୁ ନିଜ ସଂସ୍କାର ସଂସ୍କୃତି ସହିତ ପରିଚୟ କରାଇ ଦେଲାଭଳି ଅନେକ ସ୍ମୃତି ଓ ଅନୁଭୂତିକୁ ସାଉଁଟି ଆଣି ନିଜ ଭାବର ମୁଣିରେ ଗଚ୍ଛିତ ଶବ୍ଦକୁ ଏକାଠି କରି ଏକ କାହାଣୀର କୁଟୀର ଗଢି ଦିଏ । ପ୍ରଭାତ ସମୟର କଥା ମୁଁ ସକାଳୁ ସକାଳୁ ବାହାରି ଯାଇଥାଏ ଭ୍ରମଣ ପାଇଁ ବାଟରେ ଗଲାବେଳେ ପ୍ରକୃତିର ଅନେକ ମନୋରମ ପରିବେଶ ସହିତ ହଜି ମଜି ଯାଇଥାଏ । ଏଇ ଯେମିତି ଆମର ଓଡିଆରେ ଗୋଟେ ସୁନ୍ଦର ପ୍ରେମ ବା ଭାବ ଗର୍ଭକ ଗୀତଟିଏ ଅଛି 'ବାଟରେ ଚାଲୁ ଚାଲୁ କେବେ କିଏ ଦେଖା ହୁଏ ସବୁ ମନେ ରହେନା' । ହେଲେ ଏମିତି କିଛି ଘଟଣା ବା ଦୂର୍ଘଟଣା ବା କାହାଣୀ ଜୀବନ ଭିତରେ ମନେ ରହି ଯାଏ ତାହାକୁ ଭୁଲି ହୁଏନା । ସମୟ ଆସେ ଆଉ ଚାଲିଯାଏ । ଯୌବନ ବି ଆସେ ଆଉ ଚାଲିଯାଏ । ପିଲାଦିନ ଆସେ ଓ ଫେରି ଯାଏ । ବାଲ୍ୟ କାଳର ଧୂଳି ଧୂସର ହୋଇ ଖେଳ ବି ଦିନେ ଅତୀତ ହୋଇଯାଏ । ନିଆରା ସେ ସମୟ, କେତେ ଅଭୁଲା ତା'ର ମିଠାପଣ । ଗିଲି ଦଣ୍ଡା ଖେଳ ହେଉ, କି ବାଲିଘର ଖେଳ, କଙ୍କି ଧରିବାର ମଜା ହେଉ କି ପୋଖରୀ ବୁଡା, ଗୁଡି ଉଡା ଓ ବାଲ୍ୟ ଜୀବନର ବନ୍ଧୁ ମାନେ ସବୁବେଳେ ମନେ ପଡନ୍ତି । ସମୟକୁ ତ ଆମେ ବାନ୍ଧି ପାରିବା ନାହିଁ । ଆମେ ସମସ୍ତେ ସମୟ ହାତରେ ବନ୍ଧା । ତେଣୁ କହୁ କହୁ ଅନେକ କଥା କହି ସାରିଲିଣି ବିଷୟ ବସ୍ତୁକୁ ବହୁତ ପଛରେ ଛାଡି ଦେଲେଣି । ଉପକୂଳ ଅଞ୍ଚଳରେ ମୋର ଜନ୍ମ । ତେଣୁ ନଇ କୂଳିଆ ହିସାବରେ ସେଇ ଚିଲିକା, ଶାଳିଆ ନଦୀ, ଭାଲେରୀ ପାହାଡ ଓ ଜଟିଆ ନାଶି, ମାମୁଁ ଭଣଜା ପାହାଡ କୋଳ, ବାଲୁଗାଁ ଘାଟ, ଆମ ମାନଙ୍କର ଅତି ନିଜର ଯାହାର କୋଳରେ ଆମର ଜୀବନ ଗଢି ଉଠିଛି । ସେଇ ମାଟିର ପାଣି ପବନରେ ମୋ ଜୀବନ ଗଢା। ମାଆ କରୁଣାମୟୀ ଜଗତ ଜନନୀ କାଳିଜାଇ, ନାରାୟଣୀ, ଭାଗବତୀ, ଉତ୍ତରାୟଣୀଙ୍କର ଅପାର କରୁଣା ବଳରେ ଏଭଳି ପୁଣ୍ୟମାଟିରେ ମୋର ଜନ୍ମ। ଜୀବନ ପ୍ରତି ଦିନ ଭଳି ମୁଁ ପ୍ରାତ ଭ୍ରମଣରେ ଘରୁ ବାହାରି ବଡକୁଳ ପାନ୍ଥ ନିବାସ ପର୍ଯ୍ୟନ୍ତ ଯିବା ଆସିବା ପ୍ରାୟତଃ ୬ କି:ମି ଯାଇଥାଏ। ହିନ୍ଦିରେ ସଂଦେଶ ମୂଳକ ବାର୍ତ୍ତାଟିଏ ଅଛି 'ଜାନ୍ ହେତୋ ଜାହାନ୍ ହେ' ବା ସ୍ୱାସ୍ଥ୍ୟ ହିଁ ସଂପଦ' । ଓଡିଶାର ପବିତ୍ର ଗ୍ରନ୍ଥରେ ବର୍ଣ୍ଣିତ ଅଛି କୋଟି ଜନ୍ମର ପୁଣ୍ୟ ବଳେ, ମଣିଷ ଜନ୍ମ ମହୀ ତଳେ'। ଉକ୍ତିର ଯଥାର୍ଥତା ବହୁତ ହୃଦୟଗ୍ରାହୀ ଓ ଅମୂଲ୍ୟ ଆମ ସମସ୍ତଙ୍କ ପାଇଁ ।ଏତେ ବଡ ସୁନ୍ଦର ଦୁନିଆରେ ଆମର ଜନ୍ମ ତେଣୁ ଏ ସୁନ୍ଦର ଜୀବନକୁ ହସ ଖୁସିରେ ଉପୋଭୋଗ କରିବା ପାଇଁ ହେଲେ ଆମେ ନିଜର ଯତ୍ନ ନିଜେ ନେଲେ ନିଶ୍ଚିତ ଭାବେ ଜୀବନର ମିଠାପଣକୁ ଚାଖି ପାରିବା। ତେଣୁ ଏଠି ଆପଣ ମାନଙ୍କୁ କହିବାକୁ ଚାହେଁ ବା ଅନୁରୋଧଟିଏ ରହିଲା । ଦୈନନ୍ଦିନ ଜୀବନରୁ ମାତ୍ର ଅଧ ଘଣ୍ଟାଏ ପ୍ରାତ ଭ୍ରମଣ ହେଉ ବା ଖେଳ କସରତ କରି ନିଜ ଶରୀରକୁ ସୁସ୍ଥ ଓ ସୁନ୍ଦର ରଖନ୍ତୁ । ଟିକେ ଟିକେ ଅବହେଳା ପାଇଁ ଆଜି କାଲିର ବିଷାକ୍ତ ଖାଦ୍ୟ ଖାଇ ଆମେମାନେ ଏନେକ ଦୁଷାଧ୍ୟ ରୋଗରେ ଆକ୍ରାନ୍ତ ହେଉଛେ । ଉପଚାର ବା ଚିକିତ୍ସା କରିଲା ବେଳକୁ ନେଡିଗୋଡ କହୁଣି କୁ ବୋହି ଯାଇଥାଏ। ଅକ୍ଳାନ୍ତ ପରିଶ୍ରମ କରି ଧନ, ଉପାର୍ଜନରେ ଆମେ ସମୟ ଦେଇ ଦେଉଥାଉ। ହେଲେ ନିଜ ଶରୀର ପାଇଁ ମାତ୍ର ଅଧ ଘଣ୍ଟା ସମୟ ଦେଇ ପାରୁନେ । ଏହା ମୋ ମତର ଆମର ମାନସିକ ଦାଇତ୍ୱ ହୀନତା କହିଲେ ଅତ୍ୟୁକ୍ତି ହେବ ନାହିଁ । ତେଣୁ ବ୍ୟକ୍ତିଗତ ସଚେତନତା ହିଁ ସୁସ୍ଥ ସମାଜର ମୂଳମନ୍ତ୍ର । ନିଜେ ଆମେ ଯତ୍ନବାନ୍ ବା ସ୍ୱାସ୍ଥ୍ୟବାନ୍ ହୋଇ ପାରିଲେ ପୂରା ସମାଜକୁ ସ୍ୱାସ୍ଥ୍ୟ ବାନ୍ କରି ପାରିବା। ତେଣୁ ସଂସ୍କୃତରେ ଶ୍ଳୋକଟିଏ ଅଛି । 'ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟ । ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖବା ଭବେଃ' । ଅଟକି ଯାଇଥିବା କାହାଣୀ ଟିକୁ ଉପସ୍ଥାପିତ କରିବାକୁ ଚାହେଁ । ପ୍ରାତଃ ଭ୍ରମଣରୁ ଫେରୁଥିବା ସମୟରେ ରାସ୍ତାରେ ପଡେ ବଡ଼କୁଳ ପଞ୍ଚାୟତର ଗୋଟିଏ ଛୋଟିଆ ସାହିଟେ । ଦେଖିବାକୁ ବହୁତ ସୁନ୍ଦର ପରିଷ୍କାର ଓ ପରିଚ୍ଛନ ଓ ଅଣ ଓସାରିଆ ରାସ୍ତା ସାହିର ଦୁଇ କଡରେ ପକାଘର ଓ କିଛି ଚାଳ ଘର ପଲ୍ଲୀର ସୌନ୍ଦର୍ଯ୍ୟକୁ ଦିଗୁଣିତ କରୁଥାଏ । ସକାଳ ସମୟ ହୋଇଥିବାରୁ ସମସ୍ତେ ନିଜ ନିଜର ଘରେ ଥାନ୍ତି । ହେଲେ ମୁଁ ସେହି ରାସ୍ତା ଦେଇ ଫେରୁଥିବା ବେଳେ ଦୁଇଟି କୁନି ଶିଶୁ ସକାଳର ପହିଲି କିରଣରେ ଦାଣ୍ଡରେ ଖେଳୁଥାନ୍ତି । ଗୋଟିଏ ଶିଶୁର ବୟସ ମାତ୍ର ତିନି ବର୍ଷ ଆଉ ଗୋଟିଏ ଶିଶୁର ବୟସ ମାତ୍ର ଅଢେଇ ବର୍ଷ ମଧ୍ୟରେ ହୋଇ ପାରେ ଆନୁମାନିକ । ଜଣେ ଭଗବାନ୍ ଶ୍ରୀକୃଷ୍ଣଙ୍କ ପରି ଶ୍ୟାମଳ ବର୍ଣ୍ଣ ଓ ଅନ୍ୟ ଜଣେ ଦେଖିବାକୁ ପ୍ରଭୁ ରାମଚନ୍ଦ୍ରଙ୍କ ପରି ଗୌର ବର୍ଣ୍ଣ । ଶ୍ୟାମଳ ବର୍ଣ୍ଣ କୁନି ଛୁଆର ହାତରେ ଥାଏ ଗୋଟିଏ ପ୍ଲାଷ୍ଟିକ୍ ବଲ୍ ଓ ଗୌର ବର୍ଣ୍ଣର ଶିଶୁର ହାତରେ ଥାଏ ବ୍ୟାଟ୍ । ଦୁହେଁ ଦେଖିବାକୁ ରାମ ଲକ୍ଷ୍ମଣ ପରି ହସ ହସ ଚେହେରା । ସତେ ଯେମିତି ସକାଳର ବାଳ ଅରୁଣଙ୍କର ସ୍ୱର୍ଣ୍ଣିମ ଖିଲି ଖିଲି ହସ ସେମାଙ୍କ ଓଠରେ ନୂଆ ଦିଗନ୍ତର ଖୁସିକୁ ଭରି ଦେଇଛି । ଅପୂର୍ବ ସମନ୍ୱୟର ଭାବାବେଗ ବଡ ଭାଇଟି ହାପ୍ ପେଣ୍ଟ ଓ ଟି-ସାର୍ଟଟିଏ ପିନ୍ଧିଥିଲା ଯେ ବୋଲିଂ କରିବା ପାଇଁ ହସ ହସ ବଦନରେ ଗୋଟିଏ ପାଶ୍ୱକୁ ଯାଉଥିଲା ଓ ଗୌର ବର୍ଣ୍ଣର କନିଷ୍ଠ ଭାଇଟି ଫୁଲ ପେଣ୍ଟ ସାର୍ଟ ପିନ୍ଧି ବ୍ୟାଟିଂ କରିବା ଅପେକ୍ଷାରେ । ହଠାତ୍ ବୋଲିଂ କରୁଥିବା କୁନି ପିଲାଟିର ନଜର ମୋ ଉପରେ ପଡିବା ମାତ୍ରେ ସେ ମୋତେ ଚାହିଁ ରହିଲା ତା'ର ସମୀପ ହେବା ପର୍ଯ୍ୟନ୍ତ । କାରଣ ସେମାନଙ୍କ ଆଖିରେ ମୁଁ ଥିଲି ଅଚିହ୍ନା ଓ ଅଜଣା ଅତିଥିଟିଏ । ଯେତେବେଳେ ସେହି କୁନି ପିଲା ଦୁଇଟିଙ୍କ ପାଖା ପାଖି ମୁଁ ପହଁଞ୍ଚି ଗଲି । ଶ୍ୟାମଳ ପିଲାଟି (ବୋଲର) ଅଚାନକ୍ ଦୁଇ ହାତକୁ ଯୋଡି ନମସ୍କାର କଲା ଓ ପାଟିରେ କହିଲା ନମସ୍କାର । ତାକୁ ଦେଖି ଅଢେଇ ବର୍ଷର କୁନି ଭାଇଟି ମଧ୍ୟ କହିଲା ନମଛକାର କାରଣ ତା' ଓଠର ସେହି ଖନି କୁନି ଭାବ ଓ ଭାଷା ବିନିମୟ ମତେ ବହୁତ ଖୁସି ଲାଗୁଥିଲା । ସେମାନଙ୍କୁ ପ୍ରତି ନମସ୍କାର ଜଣାଇ ମୁଁ ମଧ୍ୟ ସେଠାରୁ ଆଗକୁ ଅଗ୍ରସର ହେଲି । ଭାବୁଥିଲି ଆଉ କିଛି ସମୟ ସେମାନଙ୍କ ସହିତ କଥା ହୋଇଥାନ୍ତି । ହେଲେ ଆଜି କାଲିର ପରିସ୍ଥିତି ଜାଣି ସେଠାରୁ ମୁଁ ବିଦାୟ ନେଲି। ସାହିଟି ପୂରା ନିଛାଟିଆ ଲାଗୁଥିଲା । ସମସ୍ତେ ଘରେ ଥିଲାବେଳେ ଦୁଇଟି ଛୁଆ କେବଳ ସାହିରେ ଖେଳୁଥିଲେ ।କାରଣ ଆଜି କାଲିର ସମୟ ଅଲଗା ପିଲା ଚୋରି ଏବଂ ଅପହରଣ ଇତ୍ୟାଦି ଅନେକ ଘଟଣା ଘଟି ଯାଉଛି । ସବୁଠୁ ବେଶୀ ଖୁସି ଲାଗିଲା ଏଥିପାଇଁ ଯେ ପିଲା ଦୁଇଟିର ସୁନ୍ଦର ସଂସ୍କାର ମୋତେ ବହୁତ ଖୁସି ଦେଇଥିଲା। ରାସ୍ତାରେ ଫେରିଲା ବେଳେ ଦୁଇ କୁନି ପୁଅଙ୍କ ପ୍ରତି ଜଗତର ନାଥ ଜଗନ୍ନାଥ ନିକଟରେ ସେମାନଙ୍କ ଦୀର୍ଘାୟୁ ପାଇଁ ପ୍ରାର୍ଥନା କଲି। ସେମାନଙ୍କ ବାପା ମାଆଙ୍କ ପ୍ରତି ହୃଦୟରୁ ସାଧୁବାଦ୍ ଜଣାଇଲି । ସତରେ କହିବାକୁ ଗଲେ ଏ ହେଉଛି ଭାରତୀୟ ସଂସ୍କୃତି । ସେଥି ମଧ୍ୟରୁ ନିଆରା ହେଲା ଆମ ଜଗନ୍ନାଥ ସଂସ୍କୃତି। ଯାହାର ଜ୍ୱଳନ୍ତ ଉଦାହରଣ କୁନି କ୍ରିକେଟର ଶିଶୁ । କଥାରେ ଅଛି 'ଗାଆଁ ପରିମଳ ଧୋବା ତୁଠରୁ' । 'ତୁଳସୀ ବାସେ ଦୁଇ ପତ୍ରରୁ' । ଉତ୍କଳୀୟ ସଂସ୍କୃତି ଯୁଗେ ଯୁଗେ ମହାନ୍। ଖେଳ କସରତ ହେଉଛି ମାନସିକ ଅବସାଦକୁ ଦୂରେଇ ଦେବାର ଅଭିନବ ପନ୍ଥା ଓ ଗୁରୁଜନଙ୍କୁ ସମ୍ମାନ କରିବା ହେଉଛି ଆମ ପରମ୍ପରାର ନିଆରା ସଂସ୍କାର । ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦୁଇ କୁନି କ୍ରିକେଟର । ଇଛାଥିଲା ଦୁଇ କୁନି କ୍ରିକେଟରଙ୍କ ସହ ଗୋଟେ ସେଲଫି ନେବା ପାଇଁ ହେଲେ ସମୟ ଓ ପରିସ୍ଥିତି ମୋତେ ବୋଧ ହୁଏ ମନା କରୁଥିଲା। କାହାଣୀ ଆମ ସଂସ୍କାର ଓ ସଂସ୍କୃତିର ପରିଚୟ । ଜୟ ହିନ୍ଦ୍ ।

+ଅବସର ପ୍ରାପ୍ତ ଭାରତୀୟ ସାମରିକ ସେବା ।
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## କବିତା କୋଣାର୍କ

### ଦୃଢ଼ ମନ

**ସଦାଶିବ ବିଶ୍ୱାଳ**



ଭବ ସଂସାରରେ ଜୀବନ ସମସ୍ୟାମୟ
ସମସ୍ୟାର ଅନ୍ତ ନାହିଁ
ଗୋଟେର ଅନ୍ତରେ
ଆଉ ଗୋଟେ ଠିଆ ହୁଏ
ତାଠାରୁ ନିସ୍ତାର କାହିଁ ?

କିନ୍ତୁ...
ସାହସ ଓ ଦୃଢ଼ତା ରଖିଥିବା ମନୁଷ୍ୟ
କେବେ ମୁଣ୍ଡ ନୂଆଏଁ ନାହିଁ
ଲକ୍ଷ୍ୟ ବଡ଼ ରଖି ଦୃଢ଼ ପଦକ୍ଷେପ ନେଲେ
ଲକ୍ଷ୍ୟ ଧୀରେ ଆସେ ପାଖେଇ

ସମୟ ବଦଳିବ, ପରିସ୍ଥିତି ସୁଧୁରିବ
କିନ୍ତୁ ପ୍ରୟାସ ଜାରି ରହିଥିବ
ପରିଶ୍ରମ ଉପରେ ଭରସା କଲେ
ଦୃଢ଼ମନା ମଣିଷ ଅସାଧ୍ୟ ସାଧନ କରିବ

ଦୃଢ଼ ମନ, ସଚେତନ ଚିନ୍ତାଧାରା
ସାଥେ ଅବିରତ ପ୍ରୟାସ
ଆଣେ ପ୍ରକୃତ ଜୀବନ ବିଜୟ
ଲକ୍ଷ୍ୟ ହାସଲ କରି
ସାଉଣ୍ଟେ ଦୃଢ଼ ଆତ୍ମବିଶ୍ୱାସ ।

+କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ଅଙ୍ଗରୁଆ, ଜିଲ୍ଲା - କେଉଁଝର

### ହେ ବସନ୍ତ ତୁମେ

**ବେଣୁଧର ସୂତାର**



ଶାନ୍ତ ପ୍ରକୃତିର ମନୋରମ
ଶୀତଳ ବୁକୁରେ
ରମଣୀୟ ରୂପ ବିନ୍ୟାସର
ଏ ଅଜ୍ଞାତ ରହସ୍ୟ
ବସୁଧାର ପବିତ୍ର ଅଙ୍ଗନେ
ମଧୁମୟ ଉପସ୍ଥାନ
ଶ୍ରୀମନ୍ତ ବସନ୍ତର ପ୍ରୀତିସ୍ୱଦ
ଅମିୟ ପରଶ ।।

ପରିବ୍ୟାପ୍ତ ଫଗୁଣର
ପରିପୂର୍ଣ୍ଣ ହସରେ
ତାରୁଣ୍ୟ ମୟ ଋତୁ
ଚଇତାଳି ଭାଷା
ଶ୍ୟାମଳ ବାସରେ ଫଗୁଣର
ନବ ଅଭିସାର
ସ୍ୱପ୍ନ ବିଥିକାର ରମଣୀୟ କୁଞ୍ଜେ
ମଧୁଝରା ମଧୁର ପିପାସା ।।

ଫୁଲସଜ୍ଞ ବନାନୀ ବୀଣାରେ
ଉଲ୍ଲାସର ଉତ୍ତାଳ ତରଙ୍ଗ
ଗୋଧୂଳିର ଅରୁଣିମା ରାଗେ
ସୁଷମାର ଲଳିତ ଚମକ
ମଳୟର ମୃଦୁ ପରଶରେ
ଆମ୍ର କୁଞ୍ଜ ମୁକୁଳ ସୁରଭି
ଖୋଲିଦିଏ ତାରୁଣ୍ୟ ସ୍ୱପ୍ନର
ରସମୟ କୁହୁକ ସିନ୍ଦୁକ ।

ଭରା ବଉଳର ପୁଞ୍ଜେ
ବଲ୍ଲରୀର କୁଞ୍ଜେ କୁଞ୍ଜେ
ସତେ ଅବା ଲାବଣ୍ୟର ଢେଉ
ନହୂଲି ନବନୀତା ସେଇ

ପ୍ରକୃତି ସୁତାର ରଙ୍ଗର ରୋଶଣି
ଫୁଲ ଫଗୁଣର ଦିବ୍ୟ ବିଥିକାରେ
ନୈସର୍ଗିକ ସୁଷମା ମାଧୁରୀ
ଚିତ୍ତଚୋରା ମଧୁ ମୂର୍ଚ୍ଛନାରେ
କୋକିଳର ଅପୂର୍ବ ରାଗିଣୀ ।

ଋତୁ ଚକ୍ର ଆବର୍ତ୍ତନେ ଋତୁରାଜ
ଆଗମନ ଭବ୍ୟ ଅବଦାନ
ଉଦ୍ଭାସିତ ଉନ୍ମାଦିତ ପ୍ରକୃତିର
କୋଣ ଅନୁକୋଣେ ବାସନ୍ତିକ ରଙ୍ଗଭରା
ରୂପର ପାର୍ବଣ
ଲାବଣ୍ୟର ଲଳିତ ବିସ୍ତାରେ
ଅଙ୍ଗେ ଭରେ ରୋମାଞ୍ଚ ସିହ୍ଵାର
ମହକର ମାଧୁର୍ଯ୍ୟ ପ୍ଲାବନ
ହେ ବସନ୍ତ, ତୁମେ ସୌମ୍ୟକାନ୍ତ
ପୁଣ୍ୟ ଧରିତ୍ରୀର ଦିବ୍ୟ ଆଭରଣ
ବିଶ୍ୱ ପ୍ରକୃତିର ଶାଶ୍ୱତ ପରାଣ ।

+କେଶଦୁରାପାଳ କେନ୍ଦୁଝର
ମୋ:୯୧୭୮୫୬୮୨୪୬




ଆଜିର ବ୍ୟସ୍ତବହୁଳ ଜୀବନରେ ଲୋକେ ଏକୁଟିଆ ରହୁଛନ୍ତି ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହେଉଥିବେ ନିଶ୍ଚିତ । କିନ୍ତୁ ହଁ ଆଜ୍ଞା !ଏକଥାଟା ସତ । ଜୀବନ ଏବେ ଭାରି ବ୍ୟସ୍ତ ସିନା କିନ୍ତୁ ଏ ବ୍ୟସ୍ତବହୁଳ ଜୀବନରେ ବି ଏକଲାପଣ ଅନେକଙ୍କୁ ମାଡ଼ିବସୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ପ୍ରକାଶ ପାଇଥିବା ରିପୋର୍ଟରେ ଏକଲାପଣକୁ ନେଇ ସାମ୍ନାକୁ ଆସିଛି ସାଂଘାତିକ ତଥ୍ୟ । ପୃଥିବୀର ଜନସଂଖ୍ୟା ୮୦୦ କୋଟିରେ ପହଞ୍ଚିଲାଣି ସତ ତଥାପି ଆପଣ ବିଶ୍ୱାସ କରୁଛନ୍ତି କି, ପ୍ରତି ୬ ଜଣରେ ଜଣେ ଏକୁଟିଆପଣ ପାଇଁ ମୃତ୍ୟୁ ମୁଖରେ ପଡୁଛନ୍ତି ବୋଲି । କିନ୍ତୁ ଆପଣଙ୍କୁ ବିଶ୍ୱାସ କରିବାକୁ ପଡିବ ଯେ ପ୍ରତି ୬ ଜଣରେ ଜଣେ ଭୋଗୁଛନ୍ତି ଏହି ଏକଲାପଣର ସମସ୍ୟା ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏଭଳି ଚିନ୍ତାଜନକ ତଥ୍ୟ ଦେଇଥିବା ବେଳେ ବିଶ୍ୱର ଏତେ ଜନସଂଖ୍ୟାରେ ବି କିଛି ମଣିଷ ଆଜି ଏକୁଟିଆ ରହୁଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ରିପୋର୍ଟ ଅନୁଯାୟୀ ପ୍ରତି ଏକ ଘଣ୍ଟାରେ ୧୦୦ ଜଣଙ୍କ ଜୀବନ ନେଉଛି ଏହି ଲୋନ୍ ?ଲିନେସ୍ ବା ଏକୁଟିଆପଣ । ଏହି ସମସ୍ୟା ସବୁ ବୟସର ଲୋକଙ୍କୁ ପ୍ରଭାବିତ କରିଥାଏ । ବିଶେଷ କରି ଯୁବବର୍ଗ ଏବଂ ନିମ୍ନ ମଧ୍ୟମ ଆୟ ଦେଶରେ ଏଭଳି ସମସ୍ୟା ଅଧିକ ଦେଖିବାକୁ ମିଳେ । ୩ ଜଣ ବୟସ୍କଙ୍କ ମଧ୍ୟରୁ ଜଣଙ୍କୁ ଏବଂ ୪ ଜଣ କିଶୋରଙ୍କ ମଧ୍ୟରୁ ଜଣଙ୍କୁ ପ୍ରଭାବିତ କରୁଛି ଏକୁଟିଆପଣ । ୧୩ରୁ ୨୯ ବର୍ଷ ବୟସର ପ୍ରାୟ ୧୭ ପ୍ରତିଶତରୁ ୨୧ ପ୍ରତିଶତ ଲୋକ ଏକୁଟିଆ ଅନୁଭବ କରୁଥିବା ରିପୋର୍ଟରେ ଉଲ୍ଲେଖ ରହିଛି । କିଶୋରଙ୍କ ମଧ୍ୟରେ ଏହି ହାର ସର୍ବାଧିକ ରହିଛି । କମ୍ ଆୟ କରୁଥିବା ଦେଶରେ ପ୍ରାୟ ୨୪ ପ୍ରତିଶତ ଲୋକ ଏକୁଟିଆ ଅନୁଭବ କରୁଛନ୍ତି ।

### ତେବେ ଏହି ଏକଲାପଣରୁ କେମିତି ପାଇବେ ମୁକ୍ତି ? ଜାଣନ୍ତୁ କିଛି ଉପାୟ...

-ଏକାଠି ରହିବାକୁ ଚେଷ୍ଟା କରନ୍ତୁ
-ସାଙ୍ଗ ହୋଇ ସିନେମା ଦେଖନ୍ତୁ, ଭୋଜନ କରନ୍ତୁ, ବହି ପଢି ବହି ଉପରେ ଆଲୋଚନା କରନ୍ତୁ
-ପୋଷା ପ୍ରାଣୀଙ୍କ ଯତ୍ନ ନିଅନ୍ତୁ କିମ୍ବା ଗଛର ଯତ୍ନ ନେବା ପରି କିଛି କାମ କରନ୍ତୁ, ଯାହା ଏକାକୀପଣରୁ ମୁକ୍ତି ଦେବ
-କୌଣସି କାମରେ ନିଜକୁ ସବୁବେଳେ ନିୟୋଜିତ କରି ରଖନ୍ତୁ
-ଫୋନ କଲ୍, ମେସେଜ୍ କିମ୍ବା ସୋସିଆଲ ମିଡିଆ ମାଧ୍ୟମରେ ନିୟମିତ ଭାବରେ ବନ୍ଧୁ ଏବଂ ପରିବାର ସହିତ ଯୋଗାଯୋଗରେ ରହିବାକୁ ଚେଷ୍ଟା କରନ୍ତୁ
-ଖଟିରେ ବେଶି ସମୟ ବିତାନ୍ତୁ
-ନିଜ ସ୍ୱଭାବର ଲୋକଙ୍କ ସହ କଥାବାର୍ତ୍ତା ହୁଅନ୍ତୁ, ସମାନ ଆଗ୍ରହ ଥିବା ଲୋକଙ୍କୁ ଭେଟନ୍ତୁ
-କ୍ଲବ୍ ଯାଆନ୍ତୁ,ଯଦି ସଙ୍ଗୀତ କିମ୍ବା ଅନ୍ୟ ବାଦ୍ୟଯନ୍ତ୍ରରେ ଆଗ୍ରହ ତେବେ ଶିଖିବାକୁ ଯାଆନ୍ତୁ
-ନିଜକୁ ସୁସ୍ଥ ରଖିବାକୁ ଫିଟନେସ୍ କେନ୍ଦ୍ର ବା ଜିମ୍ ଯାଆନ୍ତୁ
-ସ୍ୱେଚ୍ଛାକୃତ ଭାବେ କୌଣସି ସେବା କାମରେ ଯଦି ଆଗ୍ରହ ଥାଏ, ସେହି ସଙ୍ଗଠନ ସହ ସମୟ ବିତାନ୍ତୁ, ଅଧିକ ଜଡିତ ରୁହନ୍ତୁ
-ଅପରିଚିତ ଲୋକଙ୍କ ସହିତ କଥାବାର୍ତ୍ତା କରନ୍ତୁ, ଭାବର ଆଦାନପ୍ରଦାନ ମଧ୍ୟ ସାମାଜିକ ସମ୍ପର୍କକୁ ସୁଦୃଢ କରେ ଏବଂ ନିଜ ଭିତରର ଏକାକୀପଣକୁ ଦୂର କରେ
-ଆପଣଙ୍କୁ ଯାହା କରିବାକୁ ଇଚ୍ଛା ହେଉଛି ସେୟା କରନ୍ତୁ, ଯେମିତି କି ଆପଣ ଯଦି ରୋଷେଇ ପ୍ରିୟ ତେବେ ରୋଷେଇ କରନ୍ତୁ
-ନିଜ ରୁଚିକୁ ଅଗ୍ରାଧିକାର ଦିଅନ୍ତୁ,ପଢିବା କିମ୍ବା ସୃଜନଶୀଳ କାର୍ଯ୍ୟରେ ଜଡିତ ରୁହନ୍ତୁ
-ନିୟମିତ ବ୍ୟାୟାମ ଆପଣଙ୍କ ମନୋଭାବକୁ ଉନ୍ନତ କରିପାରିବ ଏବଂ ଏକାକୀପଣର ଭାବନାକୁ ହ୍ରାସ କରିପାରିବ
-ନିଜ ପ୍ରତି ଦୟାଳୁ ମନୋଭାବ ଏବଂ ନିଜ ସହ ବୁଝାମଣା କରନ୍ତୁ, ଯାହା ଏକଲାପଣ ଦୂର କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ
-ଆପଣଙ୍କ ବିଶ୍ୱାସଯୋଗ୍ୟ ବ୍ୟକ୍ତିଙ୍କ ସହ କଥା ହୁଅନ୍ତୁ
-ପରିବାର ସହ ସମୟ ବିତାନ୍ତୁ
-ପର୍ବପର୍ବାଣୀରେ ଘରେ ସମୟ ବିତାନ୍ତୁ, ଭୋଜି କରନ୍ତୁ, ସାଙ୍ଗରେ ସମସ୍ତେ ଖାଆନ୍ତୁ
-ଜଣେ ବିଶ୍ୱସ୍ତ ବନ୍ଧୁ, ପରିବାର ସଦସ୍ୟ କିମ୍ବା ଜଣେ ଚିକିତ୍ସକଙ୍କ ସହିତ ଆପଣଙ୍କର ଭାବନା ବାଣ୍ଟନ୍ତୁ
-ସବୁ ପରେ ନିଜେ କେମିତି ଖୁସି ରହିବେ ସେଥିପାଇଁ ନିଜେ ସଚେତନ ରୁହନ୍ତୁ




ଯେତେପ୍ରକାର ମାନସିକ ରୋଗ ରହିଛି ସେଥିମଧ୍ୟରୁ ସ୍କିଜୋଫ୍ରେନିଆ ହେଉଛି ଏକ ଗମ୍ଭୀର ମାନସିକ ସମସ୍ୟା । ଏହା ମଣିଷର ଭାବନା ଆବେଗ , ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷଭାବରେ ପ୍ରଭାବିତ କରିଥାଏ । ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ । ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍‌ଭାବରେ କରିପାରେ ନାହିଁ । ନିଦ କମିଯାଏ । ରୋଗୀ ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖାଯାଇଥାଏ । କାରଣ ନ ଥାଇ କଥା ଶୁଭୁଛି, ଶୂନ୍ୟବାଣୀ ହେଉଛି ବୋଲି ମଧ୍ୟ କହିଥାଏ । ନ ଥିବା ବସ୍ତୁ, ବ୍ୟକ୍ତିଙ୍କୁ ଦେଖିପାରୁଛି ବୋଲି କହିଥାଏ । ରୋଗୀ ବେଳେବେଳେ ଏସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରେ । ଏହି ପ୍ରତିକ୍ରିୟାରେ ରୋଗୀ ନିଜେ ମନେମନେ କଥାହୁଏ, ଶୂନ୍ୟରେ ଜବାବ ଦିଏ, ମନକୁ ମନ ହସେ ଓ କାନ୍ଦେ । ଭ୍ରାନ୍ତବିଶ୍ୱାସ ଏକ ଅସତ୍ୟ ବା ଭୁଲ ଧାରଣା,

ଯାହାକୁ ରୋଗୀମାନେ ନିଜ ମନରେ ଗଣ୍ଠି ବାନ୍ଧି ଧରିବସନ୍ତି ଏବଂ ଏହା ଅନ୍ୟମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନ ଥାଏ । ମସ୍ତିଷ୍କରେ ମୁଖ୍ୟତଃ 'ଡୋପାମିନ' ନାମକ ଏକ ରାସାୟନିକ ତତ୍ତ୍ୱର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ । ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ମାନସିକ ଚାପ କାରଣରୁ ହୋଇପାରେ । ଏହି ରୋଗ ଅନେକାଂଶରେ ବଂଶାନୁଗତ ହୋଇଥାଏ । ଏକ ସର୍ଭେରୁ ଜଣାପଡ଼ିଛି ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିଆ ହୋଇଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୪୦ରୁ ୫୦ ପ୍ରତିଶତ ଆଶଙ୍କା ଥାଏ ।

# ଓଭରଥିଙ୍କିଂରେ ଆଗୁଆ ଭାରତୀୟ !

'ସେ ମତେ ଏମିତି କେମିତି କହିଦେଲେ । ମୁଁ ସେଇଠି ଏ କଥାଟା କହିଥିଲେ ଭଲ ହୋଇଥା'ନ୍ତା । ଭୁଲ୍ କରିଦେଲି ଚୁପ୍ ରହିଗଲି । ଆଗକୁ କ'ଣ ହେବ । ଅମକ ଘରର ଲୋକେ ମୋ ବିଷୟରେ କ'ଣ ଭାବୁଥିବେ । ମୋ ସାଙ୍ଗରେ ହିଁ କାହିଁକି ଏମିତି ହେଉଛି ... ଯଦି ମୁଁ ତାଙ୍କୁ ଏ କଥାଟି କହିବି ତା'ହେଲେ ସେ ମତେ ଖରାପ ଭାବିବେନି ତ ? ସମାଜ କ'ଣ କହିବ ? ପରିବାର କ'ଣ କହିବେ ? ସାହିପଡ଼ିଶା , ସମ୍ପର୍କୀୟ ଇତ୍ୟାଦି ଇତ୍ୟାଦି ... '




ଗୁଡ଼ାଏ ଅନାବନା ଭାବନାକୁ ମସ୍ତିଷ୍କରେ ଘାଣ୍ଟି ଚକଡ଼ି ବାରମ୍ବାର ଭାବିବାର ମାରାତ୍ମକ ଶବ୍ଦକୁ କୁହାଯାଏ ଓଭରଥିଙ୍କିଂ । ପ୍ରାୟତଃ ଅଧିକାଂଶ ଲୋକ ଯେକୌଣସି କଥାକୁ ନେଇ ବହୁତ ଚିନ୍ତା କରନ୍ତି । ଦୂରଦୃଷ୍ଟି ରଖିବା ଭଲ କିନ୍ତୁ ବାରମ୍ବାର ଗୋଟିଏ କଥାକୁ ଭାବି କଥାର ଅନର୍ଥ କଲେ ଦୁଃଚିନ୍ତା ମନରେ ଘର କରିବ ନିଶ୍ଚୟ । ଖାଲି ଦୁଃଚିନ୍ତା କାହିଁକି ଏହାଦ୍ୱାରା ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଉଭୟକୁ କ୍ଷତି ପହଞ୍ଚିଥାଏ । ନିକଟରେ ଏକ ଷ୍ଟଡିରୁ ଜଣାପଡ଼ିଛି କି ଭାରତୀୟମାନଙ୍କୁ ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବାର ଅଭ୍ୟାସ ଅଛି । ସେଣ୍ଟର ଫ୍ରେଶ ଏବଂ ୟୁଗୋଭଙ୍କ ମିଳିତ ରିପୋର୍ଟ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି କି ଭାରତରେ ପ୍ରାୟ ୮୧ ପ୍ରତିଶତ ଲୋକ ବିନା କାରଣରେ ଚିନ୍ତା କରିବାରେ ଅଧିକ ସମୟ ନଷ୍ଟ କରନ୍ତି । ଏପରିକି କିଛି ଲୋକ ତ ଛୋଟରୁ ଛୋଟ କଥା ବିଷୟରେ ମଧ୍ୟ ବହୁତ ଅଧିକ ଚିନ୍ତା କରନ୍ତି । ସର୍ଭେରେ ଜଣାପଡ଼ିଛି କି ୮୧ ପ୍ରତିଶତ ଭାରତୀୟ ପ୍ରତିଦିନ ତିନି ଘଣ୍ଟାରୁ ଅଧିକ ସମୟ ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବାରେ ନଷ୍ଟ କରନ୍ତି । ଏହା ବ୍ୟତୀତ ତିନି ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଓଭରଥିଙ୍କିଂ କିମ୍ବା ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବାର ଅଭ୍ୟାସରୁ ବାହାରିବା ପାଇଁ ଗୁଗଲ କିମ୍ବା ଚାଟଜିପିଟିର ସାହାଯ୍ୟ ନେଉଛନ୍ତି । କାହାକୁ ଗିଫ୍ଟ ଦେବା, କ୍ୟାରିୟରର ଚୟନ କରିବାଠାରୁ ଆରମ୍ଭ କରି କୌଣସି ମେସେଜକୁ ବୁଝିବା ପାଇଁ ଲୋକେ ଚାଟଜିପିଟି ଭଳି ଇଓର ପରାମର୍ଶ ନେଉଛନ୍ତି । ସର୍ଭେରୁ ଜଣାପଡ଼ିଛି କି ଭାରତରେ ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବା ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଗଲାଣି । ଏହି ସମସ୍ୟା କେବଳ ବଡ଼ ସହରରେ ନୁହେଁ ବରଂ ଛୋଟ ସହରର ଲୋକମାନଙ୍କ ମଧ୍ୟରେ ମଧ୍ୟ ଦେଖାଯାଉଛି । ଅଧିକାଂଶ ଲୋକ ସୋସିଆଲ ମିଡିଆରେ ପୋଷ୍ଟ ଦେଖିବା, ଅଫିସରେ ମାଲିକଙ୍କ ଓକେ ମେସେଜର ଅର୍ଥ ଖୋଜିବା, ରେଷ୍ଟୁରାଣ୍ଟରେ କ'ଣ ଅର୍ଡର କରାଯିବ ଏବଂ ସେଲ୍ଫି କିମ୍ବା କୌଣସି ଫଟୋକୁ ନିଜ ଷ୍ଟୋରୀରେ ଲଗାଇବା କି ନାହିଁ ଏହି କଥାଗୁଡ଼ିକ ବିଷୟରେ ଚିନ୍ତା କରିବାରେ ହିଁ ବିନା କାରଣରେ ନିଜର ସମୟ ନଷ୍ଟ କରୁଛନ୍ତି । କିଛି ଲୋକ ତ ପୋଷ୍ଟ ପକାଇବା ପୂର୍ବରୁ ବହୁତ ଥର ଚିନ୍ତା କରନ୍ତି । ଏହି ଅଧ୍ୟୟନ ୟୁ ଗୋଆ ନାମକ ଆନ୍ତର୍ଜାତୀୟ ରିସର୍ଚ୍ଚ ଏଜେନ୍ସି କରିଛି । ଏହା ସହିତ ଜଡ଼ିତ ସୂଚନା ସେଣ୍ଟର ଫ୍ରେଶ ଇଣ୍ଡିଆ ଓଭରଥିଙ୍କିଂର ରିପୋର୍ଟରେ ସାମ୍ନାକୁ ଆସିଛି । ତେବେ ଓଭରଥିଙ୍କିଂକୁ ଦୂରେଇବା ପାଇଁ



ପ୍ରଥମେ ନିଜ ଉପରେ ଭରସା କରନ୍ତୁ ଏବଂ ଆତ୍ମପ୍ରେମ କରନ୍ତୁ । ଯାହା ଅନୁଭବ କରୁଛନ୍ତି ତାହା ବାରମ୍ବାର ଭାବିବା ବଦଳରେ କହିବା ଶିଖନ୍ତୁ । ଏଥିରେ ମନ ବି ହାଲୁକା ଲାଗିବ ଏବଂ କିଏ ଜାଣେ ଆପଣ ଯେଉଁ କଥାକୁ ବାରମ୍ବାର ଭାବୁଥିବେ ସେହି କଥାର କିଛି ମୂଲ୍ୟ ହିଁ ନଥିବ । ନକାରାତ୍ମକ ବଦଳରେ ସକାରାତ୍ମକ କଥା ଆଡ଼କୁ ଧ୍ୟାନ ଦିଅନ୍ତୁ ଏବଂ ଆଗକୁ ବଢ଼ନ୍ତୁ । ଯାହା ପସନ୍ଦ କରୁଛନ୍ତି ତାହା ପିନ୍ଧନ୍ତୁ ଏବଂ ଯାହା ଭଲ ଲାଗୁଛି ତାହା ପୋଷ୍ଟ କରନ୍ତୁ ।

# ମଧୁମେହ ରୋଗୀ ଏସବୁ ଦିଗପ୍ରତି ସାମାନ୍ୟ ଧ୍ୟାନ ଦେଲେ ଶର୍କରା ସ୍ତର ନିୟନ୍ତ୍ରଣରେ ରହିବ !

ଦିନକୁଦିନ ଦେଶରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏପରି ପରିସ୍ଥିତିରେ ଖାଦ୍ୟରେ ରୁଟି ଓ ଭାତକୁ କେତେ ପରିମାଣରେ କିପରି ଭାବେ ସାମିଲ କରାଯିବ ସେ ନେଇ ଲୋକେ ଦ୍ୱନ୍ଦ୍ୱରେ ପଡ଼ି ଯାଇଥାଆନ୍ତି ।



ପ୍ରତିଦିନ ଖାଇବା ଅଭ୍ୟାସ ଆମର ଅନ୍ତନଳୀ ସ୍ୱାସ୍ଥ୍ୟକୁ କିପରି ପ୍ରଭାବିତ କରୁଛି ଆସନ୍ତୁ ସେ ବିଷୟରେ ଜାଣିବା ।

ଭାରତୀୟ ଖାଦ୍ୟଗୁଡ଼ିକରେ ପ୍ରାୟତଃ କାର୍ବୋହାଇଡ୍ରେଟ୍ ଅଧିକ ରହିଥାଏ । ଧଳା ଭାତ, ରିଫାଇନ୍ ମଇଦା ରୁଟି, ଭଜା ପନିପରିବା ଏବଂ ମିଠା ଚା'ରେ କାର୍ବୋହାଇଡ୍ରେଟ୍ ଅଧିକ ରହିଥାଏ । ଏହି ସାଧାରଣ ଦେଖାଯାଉଥିବା ଖାଦ୍ୟରେ ଫାଇବର ଏବଂ ପ୍ରୋଟିନ୍ ଅଭାବ ରହିଥାଏ ଯାହା ରକ୍ତରେ ଶର୍କରା ବୃଦ୍ଧି କରିପାରେ । ମଧୁମେହ ରୋଗୀଙ୍କୁ ରୁଟି ଏବଂ ପନିବାରିବା ଖାଇବା ବାରଣ ନୁହେଁ । କିନ୍ତୁ ପାର୍ଥକ୍ୟ ଆପଣ କିପରି ଖାଉଛନ୍ତି ତାହା ଉପରେ ନିର୍ଭର କରିଥାଏ । ଯଦି ଆପଣଙ୍କ ଖାଦ୍ୟ ସନ୍ତୁଳିତ ଅର୍ଥାତ୍, ଦୁଇଟି ରୁଟି ସହିତ ଡାଲି, ପର୍ଯ୍ୟାପ୍ତ ପନିପରିବା ଏବଂ ଟିକେ ଦହି କିମ୍ବା ପନିର ରହିଛି ତେବେ ଏହା ଏକ ସୁସ୍ଥ ମିଶ୍ରଣ ଖାଦ୍ୟ ଥାଳି । ସେହିପରି ଯଦି ପରିଷ୍କୃତ ଗହମ ବଦଳରେ ବାଜରା, ମଲ୍ଟିଗ୍ରେନ୍ ଅଟା ବ୍ୟବହାର କରିବା ତେବେ ଏହା ଶରୀରରେ ଶର୍କରା ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ । ଡାକ୍ତରଙ୍କ ମତରେ ଆମର ପାକସ୍ଥଳୀ (ଯାହାକୁ ଦ୍ୱିତୀୟ ମସ୍ତିଷ୍କ ଭାବରେ ମଧ୍ୟ ଜଣାଯାଏ) ଶର୍କରା ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏଥିରେ ଥିବା ଜୀବାଣୁ




କାର୍ବୋହାଇଡ୍ରେଟ୍ ଭାଙ୍ଗିବା, ପ୍ରଦାହ କମାଇବା ଏବଂ ମେଟାବୋଲିଜିମ୍ ଉନ୍ନତ କରିବାରେ ସାହାଯ୍ୟ କରେ । ଶର୍କରା ନିୟନ୍ତ୍ରଣ କରିବା ପାଇଁ ମଧୁମେହ ରୋଗୀମାନେ ଉଷୁମ ପାଣି ଏବଂ ଭିଜା ବାଦାମ ସହିତ ନିଜର ସକାଳ ଆରମ୍ଭ କରିପାରିବେ । ଏହା ସହିତ ମଧୁମେହ ରୋଗୀମାନେ ଖାଦ୍ୟ ଖାଇବାପରେ ୧ ମିନିଟ୍ ଚାଲିବା ଉଚିତ୍ ଯାହା ଦ୍ୱାରା ସେମାନଙ୍କର ଶର୍କରା ସ୍ତର ନିୟନ୍ତ୍ରଣରେ ରହିବ । ଏହା ବ୍ୟତୀତ, ମଧୁମେହ ରୋଗୀମାନେ ଚାପ କମାଇବାକୁ ଚେଷ୍ଟା କରିବା ଉଚିତ, କାରଣ ଚାପ ସିଧାସଳଖ ରକ୍ତ ଶର୍କରାକୁ ପ୍ରଭାବିତ କରିପାରେ ।

# ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି

ଚମ୍ପୁଆ, ୧୭/୨ (ନି.ପ୍ର): ଚମ୍ପୁଆ ବ୍ଲକ ସଭାକକ୍ଷଠାରେ କେନ୍ଦୁଝର ଜିଲାପାଳ ବିଶାଲ ସିଂ ଓ ଆରକ୍ଷୀ ଅଧୀକ୍ଷକ ନିତୀନ କୁଶଲକର ଦାଗଡୁଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ହନୁମନ୍ତ, ଜିଲାମୁଖ୍ୟ ଚିକିତ୍ସା ଅଧିକାରୀ ବିନୋଦ ବିହାରୀ ମିଶ୍ର, ସମ୍ମନିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ, ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ, ଉପଖଣ୍ଡ ପୁଲିସ ଆରକ୍ଷୀ ଅଧିକାରୀ ରଶ୍ମିରଞ୍ଜନ ସାହୁ, ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ସ୍ଥାନୀୟ ତହସିଲଦାର ରାଜେଶ ପଣ୍ଡା, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଚୁନୁ ହାଁସଦା ତଥା ଜିଲା ସ୍ତରୀୟ, ଉପଖଣ୍ଡ ସ୍ତରୀୟ ଓ ବ୍ଲକ ସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶୁଣାଣିରେ ମୋଟ ୧୦୪ ଗୋଟି ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା । ଅଭିଯୋଗ ଗୁଡିକ ମଧ୍ୟରେ ରବିରତୁରେ ଜଳସେଚନ ସୁବିଧା, ଗଭୀର ଜଳକୂପ, ରାସ୍ତାଘାଟ, ଭତା, ଖାଉଟି କାର୍ଡ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ ପଦାଧିକାରୀଙ୍କୁ ଜିଲାପାଳ ତାର ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଟ୍ରୋମାକେୟାର ଖୋଲିବା ନିମନ୍ତେ ଜମି ଅଧିଗ୍ରହଣ ସମସ୍ୟା ସମ୍ପର୍କରେ ସମାଜସେବୀ ତଥା ବିଜେପି କାର୍ଯ୍ୟକର୍ତା ପ୍ରଦୀପ ରାଜ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲାପାଳ ଶ୍ରୀ ସିଂ ଏକ ମାସ ମଧ୍ୟରେ ଜାଗା ଚିହ୍ନଟ କରି ତାର ସମାଧାନ କରିବାକୁ ଚମ୍ପୁଆ ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀଙ୍କୁ ପରାମର୍ଶ ଦେଇଥିଲେ । ଏତଦ ବ୍ୟତୀତ ଗତ ୪ମାସ ଧରି ବିଭିନ୍ନ ଗ୍ରାମପଂଚାୟତର ହିତାଧିକାରୀଙ୍କୁ କେୱାଇସୀ ଜନିତ ସମସ୍ୟା କାରଣରୁ ଭତା ପ୍ରଦାନ କରାଯାଇ ନଥିବାରୁ ତୁରନ୍ତ ଏହାର ଫଇସଲା କରିବା ନିମନ୍ତେ କରଞ୍ଜିଆ ସରପଂଚ ସୁପ୍ରିୟା ମୁଣ୍ଡା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ସମସ୍ୟା ପ୍ରାୟ ସମସ୍ତ ଗ୍ରାମ ପଞ୍ଚାୟତରେ ହୋଇଥିବା କଥା ବିଭିନ୍ନ ସରପଂଚ ଦୋହରାଇ ଥିଲେ ।

# ବୀରମହାରାଜପୁର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର

ସୁବର୍ଣ୍ଣପୁର, ୧୭/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋମବାର ବୀରମହାରାଜପୁର ପଂଚାୟତ ସମିତି ସଭା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଡ଼ଃ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ, ନାରାୟଣ ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ସର୍ବମୋଟ ୭୭ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୬୦ଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୭ଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା । ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୀରମହାରାଜପୁର, ରାଜୀବ କୁମାର ହାଁସଦାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ବୀରମହାରାଜପୁର, ଡ଼ଃ. ସୁରେନ୍ଦ୍ର କୁମାର ମେହେର ତଥା ଡେପୁଟି କଲେକ୍ଟର, ଅଭିଯୋଗ ଶୁଣାଣୀ, ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସମେତ ଅତିରିକ୍ତ ତହସିଲଦାର, ବୀରମହାରାଜପୁର ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍ଯାପିତ

ବଲାଙ୍ଗୀର, ୧୭/୨ (ନି.ପ୍ର): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ, ବଲାଙ୍ଗିର ପରିସରରେ 'ଆତ୍ମସୁରକ୍ଷା ତାଲିମ ଶିବିର' ଉଦ୍ ?ଯାପିତ ହୋଇଯାଇଛି ଓ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଅରବିନ୍ଦ କୁମାର ଓଝାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏବଂ ଆତ୍ମସୁରକ୍ଷା ତାଲିମ ଶିବିରର ସଂଯୋଜିକା ଡ଼ଃ ଅର୍ପିତା ବେହେରାଙ୍କ ଆହ୍ୱାନକ୍ରମେ ତା-୦୪/୦୨/୨୦୨୬ ରୁ ତା-୧୪/୦୨/୨୦୨୬ ରିଖ ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହୋଇଥିଲା ଓ ଏଥିରେ ମୋଟ ୫ ଜଣ ତାଲିମ ପ୍ରଦାନକାରିଣୀ ଯଥା ଯଶୋବନ୍ତୀ ବେହେରା, ସସ୍ମିତାରାଣୀ ମିଶ୍ର, ସୁଶୀଳା ବିଶ୍ୱାଳ, ସ୍ନେହଲତା ପାଣ୍ଡେ ଓ କମଳିନୀ ମହାଲିଙ୍ଗ) ଦୁଇଟି ପର୍ଯ୍ୟାୟରେ(ସକାଳ ଘ.୭.୩୦-୮.୩୦ ଏବଂ ୮.୩୦-୯.୩୦) ମୋଟ ୫୮୧ ଜଣ ଛାତ୍ରୀଙ୍କୁ ଅତ୍ୟନ୍ତ ସୁନ୍ଦର ଭାବରେ ତାଲିମ ପ୍ରଦାନ କରିଥିଲେ ଓ ଏହି ଶିବିରର ଉଦ୍ ?ଯାପନୀ ଉତ୍ସବ ତା-୧୪/୦୨/୨୦୨୬ ରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଅରବିନ୍ଦ କୁମାର ଓଝା ସଭାପତିତ୍ୱ କରିଥିବାବେଳେ ସଂଯୋଜିକା ଡ଼ଃ ଅର୍ପିତା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଏ ଅବକାଶରେ ଡ଼ଃ ସଦାଶିବ ମଲ୍ଲିକ, ବିଭୂତି ଭୂଷଣ ସାହୁ, ଅଜିତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ ଓ ତାଲିମ ପ୍ରାପ୍ତ ସମସ୍ତ ଛାତ୍ରୀମାନଙ୍କୁ ସାର୍ଟିଫିକେଟ ମଧ ପ୍ରଦାନ କରାଯାଇଥିଲା ଓ ଶେଷରେ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଉପେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ଉକ୍ତ ଶିବିରରେ ସମସ୍ତ ଅଧାପକ, ଅଧାପିକା ତଥା କର୍ମଚାରୀମାନେ ସହଯୋଗ କରିଥିଲେ ।

# ୧୭୦ବୋତଲ କଫ ସିରପ ଜବତ: ଶଶୁର ବୋହୂ ସମେତ ୩ ଗିରଫ, ସ୍ୱାମୀ ଫେରାର

ଖୋର୍ଦ୍ଧା, ୧୭/୨ (ନି.ପ୍ର): ଆଦର୍ଶ ଥାନା ଅନ୍ତର୍ଗତ ପଲ୍ଲା ଗାଁରୁ ଅବକାରୀ ବିଭାଗ ପୋଲିସ ୩ଜଣଙ୍କୁ ଗିରଫ କରିଛି । ଗିରଫ ମାନେ ହେଲେ ପଲ୍ଲା ଗାଁ ମଝି ସାହିର ବିଜୟ ସାହୁ, ତାଙ୍କ ବୋହୂ ମୋନାଲିସା ସାହୁ ଏବଂ ସହଯୋଗୀ ସେହି ମଝି ସାହିର ତ୍ରିନାଥ ସାହୁଙ୍କୁ ଗିରଫ କରିଥିବା ବେଳେ ବିଜୟଙ୍କ ପୁଅ ରଞ୍ଜିତ ସାହୁ ଫେରାର ହୋଇଯାଇଛି ।ତେବେ ଅବକାରୀ ପୋଲିସ ଏମାନଙ୍କ ଠାରୁ ୧୭୦ବୋତଲ କଫ ସିରପ, ଗୋଟିଏ ବାଇକ୍, ଗୋଟିଏ ମୋବାଇଲ ଓ ୧ହଜାର ଟଙ୍କା ଜବତ ହୋଇଛି । ଅବକାରୀ ପୋଲିସ ସୂଚନା ମୁତାବକ ସୋମବାର ଏକ ବିଶେଷ ସୁତ୍ରରୁ ଖବର ପାଇ ଅବକାରୀ ଇନ୍ସପେକ୍ଟର ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ରଞ୍ଜିତର ନିଜ ଘର ପଲ୍ଲା ଗାଁ ମଝି ସାହିରେ ଚଢ଼ାଉ କରି ରଞ୍ଜିତର ସ୍ତ୍ରୀ ମୋନାଲିସା ବାରିପଟେ ୫୦ବୋତଲ କଫ ସିରପ ଲୁଚାଇବାକୁ ଯାଉଥିବା ସମୟରେ ତାକୁ ଅବକାରୀ ପୋଲିସ ଗିରଫ କରିବା ସହ ୫୦ବୋତଲ କଫ ସିରପ ଜବତ କରିଛି । ସେହିପରି ମୋନାଲିସା ଠାରୁ ଖବର କଂଟା ଛକରେ ଥିବା ତାର ଶଶୁରର ଜଳଖିଆ ଦୋକାନରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ଦୋକାନ ପଛ ପଟରୁ ୧୨୦ବୋତଲ କଫ ସିରପ ଜବତ କରିବା ସହ ଶଶୁର ବିଜୟ ଓ ତ୍ରିନାଥକୁ ଗିରଫ କରିଥିଲେ । ଅନୁରୂପ ଭାବେ ମୋନାଲିସା ର ସ୍ୱାମୀ ରଞ୍ଜିତ କଂଟା ଛକ ଦୋକାନ ଠାରେ ଏକ ବାଇକ ରେ କଫ ସିରପ ଭର୍ତି କରୁଥିବା ବେଳେ ଅବକାରୀ ପୋଲିସକୁ ଦେଖି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଅବକାରୀ ଏସପି ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି ।

## ଡେରାବିଶ ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର

କେନ୍ଦ୍ରାପଡ଼ା, ୧୭/୨ (ନି.ପ୍ର): ଡେରାବିଶ ବ୍ଲକ୍ ଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଶିବିରରେ ମୋଟ ୭୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା, ସେଥିମଧ୍ୟରୁ ୬୬ଟି ବ୍ୟକ୍ତିଗତ ଏବଂ ୧୨ଟି ସାମୁହିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ୨ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା । ପଞ୍ଜିକୃତ ଅଭିଯୋଗଗୁଡ଼ିକରେ ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରେ ଜିଲ୍ଲାପାଳ, ପୂର୍ବରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ପଞ୍ଜିକୃତ ହୋଇଥିବା ଅଭିଯୋଗଗୁଡ଼ିକ ସମୀକ୍ଷା କରିଥିଲେ । ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେରାବିଶ ବିଡ଼ିଓ ନମିତା ବାରିକ, ତହସିଲଦାର ସରୋଜ ନାୟକ, ଡେପୁଟି କଲେକ୍ଟର ସରୋଜ କୁମାର ବେହେରା ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିଧାୟକ ବାଂଟିଲେ ଦିବ୍ୟାଙ୍ଗଙ୍କୁ ସାଇକଲ ସହ ଉପକରଣ

ଜୟପୁର, ୧୭/୨ (ନି.ପ୍ର): ଜୟପୁର ଜିଲ୍ଲା ଚିକିତ୍ସାଳୟ ପରିସରରେ ପ୍ରଧାନମନ୍ତ୍ରୀ ଦିବ୍ୟାଙ୍ଗ କେନ୍ଦ୍ର ପରିସରରେ ଦିବ୍ୟାଙ୍ଗ ମାନଙ୍କୁ ବିଧାୟକ ଟ୍ରାଇ ସାଇକଲ ସହ ଦିବ୍ୟାଙ୍ଗ ଉପକରଣ ପ୍ରଦାନ କରିଛନ୍ତି । ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଏବଂ ବିଦ୍ୟାଙ୍ଗଜନ ସଶକ୍ତିକରଣ ମନ୍ତ୍ରଣାଳୟ ଭାରତ ସରକାରଙ୍କ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗଜନଙ୍କୁ ବିଭିନ୍ନ ସହାୟତା ଉପକରଣ ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ୩୭ଜଣ ଦିବ୍ୟାଙ୍ଗ ଓ ୨୬ ଜଣ ବରିଷ୍ଠ ନାଗରିକ ଯୋଗଦାନ କରି ବିଭିନ୍ନ ଉପକରଣ ନେଇଥିଲେ । ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ ପକ୍ଷରୁ ସିଏସଆର ଫଣ୍ଡରୁ ଦିବ୍ୟଙ୍ଗଙ୍କୁ ଦିଆଯାଇଥିବା ଉପକରଣ ପ୍ରଦାନ ଉତ୍ସବରେ ଜୁନିଅର ମ୍ୟାନେଜର ବିକାଶ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମେଡିକାଲ ଅଧିକାରୀ ବି.ଜୟବାବୁ, ଓଏଚପିସି ଏଚଆର ବିଭାଗର ସୁଲଖାନ ସୁଚତ୍ରା, ଓଏଚପିସି ଡିଜିଏମ ପିକେ ରଥ, ଡିଜିଏମ ନିର୍ମଳ କୁମାର ଷଡଙ୍ଗୀ, ଏସଜିଏମ ଚିତରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ । ଉପସ୍ଥିତ ବକ୍ତା ମାନେ ଏଲିମକୋ ହେଉଛି ଭାରତ ସରକାରଙ୍କ ଅଧୀନରେ ଥିବା ଏକ ପ୍ରତିଷ୍ଠାନ, ଯାହା ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ କୃତିମ ଅଙ୍ଗ ଏବଂ ସହାୟକ ଉପକରଣ ପ୍ରସ୍ତୁତ କରେ । ଏହା ବ୍ୟାଟେରୀ ଚାଳିତ ସାଇକଲ, ହ୍ୱିଲଚେୟାର ଏବଂ ଅନ୍ୟାନ୍ୟ ସହାୟକ ଉପକରଣ ଯୋଗାଇ ଦିବ୍ୟାଙ୍ଗ ମାନଙ୍କୁ ସ୍ୱାବଲମ୍ବୀ କରିବାରେ ସାହାଯ୍ୟ କରିଥାଏ । ଦିବ୍ୟାଙ୍ଗ ମାନଙ୍କ ପଇଁ ଉନ୍ନତମାନର ସହାୟକ ଉପକରଣ ନିର୍ମାଣ ଓ ବିତରଣ, ଦିବ୍ୟାଙ୍ଗମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ଏବଂ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି କାର୍ଯ୍ୟକ୍ରମରେ ମୂଳ ଲକ୍ଷ ବୋଲି ବିଧାୟକ ଶ୍ରୀ ବାହିନୀପତି ପ୍ରକାଶ କରିଛନ୍ତି । ଶେଷରେ ଏଲିମକୋର ଅପରାଜିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କାମରେ ଲାଗୁ ନାହିଁ ଶିକ୍ଷକଙ୍କୁ ଦିଆଯାଇଥିବା ଟ୍ୟାବ୍

ଜୟପୁର, ୧୭/୨ (ନି.ପ୍ର): କୋରାପୁଟ ଜିଲା କାମରେ ଲାଗୁନି ସରକାରୀ ବିଦ୍ୟାଳୟକୁ ଦିଆଯାଇଥିବା ଟ୍ୟାବ୍ । କିଏ ଘରେ ପକାଇ ରଖିଛନ୍ତି ତ ଆଉ କିଏ ବିଦ୍ୟାଳୟ ଆଲମାରିରେ । ୩ ବର୍ଷ ତଳେ ଡିଜିଟାଲ ଶିକ୍ଷଣ ପ୍ରଣାଳୀରେ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟକୁ ଗୋଟିଏ ଲେଖାଏଁ ଟ୍ୟାବ୍ ଦିଆଯାଇଥିଲା । ଏହି ଯୋଜନା ତ୍ୱରାନ୍ୱିତ କରାଯାଇନଥିବାରୁ ଟ୍ୟାବ ଏବେ ଖେଳନା ଭଳି ପଡିରହିଛି । ତତ୍କାଳୀନ ସରକାର ନୂଆ ଯୋଜନା ଆରମ୍ଭ କରିଥିଲେ । ପ୍ରାଥମିକ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ କିପରି ଡିଜିଟାଲ ଶିକ୍ଷଣ ପ୍ରଣାଳୀରେ ଗଣିତ, ଭାଷା ଓ ୟୁଟ୍ୟୁବରୁ ବିଭିନ୍ନ ଶିକ୍ଷାଲାଭ କରିବେ, ତାହାର ଏହାର ମୂଳ ଲକ୍ଷ୍ୟ ଥିଲା । ଏଥିଲାଗି ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟକୁ ଗୋଟିଏ ଲେଖାଏଁ ଟ୍ୟାବ୍ ଦିଆଯାଇଥିଲା । ଯେଉଁ ସ୍କୁଲରେ ଟିଭି ରହିଛି, ସେଥିରେ ଟ୍ୟାବ୍ ସଂଯୋଗ କରି ପିଲାଙ୍କୁ ଶିକ୍ଷା ଦେବାକୁ କୁହାଯାଇଥିଲା । ଟ୍ୟାବ୍ ମିଳିବାରୁ ଶିକ୍ଷକ ମାନେ ଖୁସି ହୋଇଯାଇଥିଲେ । ହେଲେ ଏଥିରେ ଏଭଳି ବ୍ୟବସ୍ଥା ଥିଲା ଯେ ଅନ୍ୟ ଟ୍ୟାବ୍ ଭଳି ହ୍ୱାଟ୍ସଆପ ଓ ଫେସବୁକ ବ୍ୟବହାର କରାଯାଇପାରିବ ନାହିଁ । ଏକ ସ୍ୱତନ୍ତ୍ର ଆପ ଦିଆଯାଇଥିଲା । ସେଥିରୁ ହିଁ ଗଣିତ ଓ ଭାଷା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପଢାଯାଇପାରିବ । ଟ୍ୟାବ ପାଇବାର କିଛି ଦିନ ଏହାକୁ କୋରାପୁଟ ଜିଲାର ୧୪ଟି ବ୍ଲକରେ ଅଂଚଳର କିଛି ଶିକ୍ଷକ ବ୍ୟବହାର କଲେ । ପରେ ବିଭିନ୍ନ କାରଣରୁ ଏହା ପଡି ରହିଲା । ଜଣେ ଶିକ୍ଷକ ନିଜ ନାମ ଗୋପନ ରଖିବା ସର୍ତରେ କହିଛନ୍ତି, ଏହାକୁ ବ୍ୟବହାର କରିବା ସମ୍ପର୍କରେ ଶିକ୍ଷକ ମାନଙ୍କୁ ତାଲିମ୍ ଦିଆଯାଇନଥିଲା । ଘରକୁ ନେବା ଆଣିବାରେ ସମସ୍ୟା ହେଲା । ସୁରକ୍ଷା ନଥିବାରୁ ବିଦ୍ୟାଳୟରେ ରଖି ପାରିଲେନି । ସବୁଠୁ ବଡ଼ ସମସ୍ୟା ହେଲା, ଗୋଟିଏ ଛୋଟିଆ ଟ୍ୟାବ୍ ରେ ପିଲାଙ୍କୁ କିପରି ଶିକ୍ଷା ଦେବେ । ଦୂରରେ ରଖି ପିଲାଙ୍କୁ ଶିକ୍ଷା ଦେଇପାରିଲେନିକି ନିକଟରେ ୫ରୁ ଅଧିକ ପିଲାଙ୍କୁ ଠିଆ କରିପାରିଲେନି । ସେହିପରି ଅଧିକାଂଶ ବିଦ୍ୟାଳୟରେ ବିଦ୍ୟୁତ ନଥିବାରୁ ଚାର୍ଜିଙ୍ଗ ସମସ୍ୟା ହେଲା । ଏହାସହ ନେଟ୍ ପ୍ୟାକ୍ ର ବ୍ୟବସ୍ଥା ମଧ ନାହିଁ । ଏ ସବୁ କାରଣରୁ ଶିକ୍ଷକ ମାନେ ଏହାକୁ ବ୍ୟବହାର କଲେନି । ଯାହାକି ଏବେ ରହି ରହି ନଷ୍ଟ ହୋଇଗଲାଣି ।

# ୨୬ତମ ରାଜ୍ୟ ଆର୍ଚେରୀ ଚାମ୍ପିଅନସିପ୍: ୧୨ଟି ପଦକ ଜିତିଲା ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫର୍ମାନ୍ସ ସେଂଟର

କେନ୍ଦୁଝର, ୧୭/୨ (ନି.ପ୍ର): ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ୨୬ତମ ରାଜ୍ୟ ଆର୍ଚେରୀ ଚାମ୍ପିଅନସିପ୍-୨୦୨୬ ରେ କେନ୍ଦୁଝର ସ୍ଥିତ ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫର୍ମାନ୍ସ ସେଂଟର (ଓଟିଏପିଏଚ୍ସି)ର କ୍ୟାଡେଟ୍ମାନେ ଉତମ ଖେଳ ପ୍ରଦର୍ଶନ କରଛନ୍ତି । ଏହି ପ୍ରତିଯୋଗିତାରେ ଏକାଡେମୀର କ୍ୟାଡେଟମାନେ ରିକର୍ଭ ଏବଂ କମ୍ପାଉଣ୍ଡ ବିଭାଗରେ ୬ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଏବଂ ୩ଟି କାଂସ୍ୟ ପଦକ ଜିତି ସଫଳତା ହାସଲ କରିଛନ୍ତି । ଫେବୃଆରୀ ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଚାମ୍ପିୟନସିପରେ ସବ-ଜୁନିୟର, ଜୁନିୟର ଏବଂ ସିନିୟର ବର୍ଗରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରେଷ୍ଠ ତୀରନ୍ଦାଜ ମାନେ ଅଂଶଗ୍ରହଣ କରିଥିଲେ । ଦକ୍ଷତା ଏବଂ କଠିନ ପରିଶ୍ରମ ଯୋଗୁଁ ଓଟିଏପିଏଚ୍ସି କ୍ୟାଡେଟମାନେ ଏହି ସଫଳତା ପାଇପାରିଛନ୍ତି । ରିକର୍ଭ ରାଉଣ୍ଡ (ସବ-ଜୁନିୟର ବାଳିକା)ରେ ସାବିତ୍ରୀ ପାତ୍ର ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସୁନିତା ନାୟକ ରୌପ୍ୟ ଏବଂ ଲିପସାମୟୀ ନାୟକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ରିକର୍ଭ ରାଉଣ୍ଡର ସିନିୟର ବାଳକ ବର୍ଗରେ ଅର୍ଜୁନ ଖରା ଚମତ୍କାର ଖେଳ ପ୍ରଦର୍ଶନ କରିବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । କମ୍ପାଉଣ୍ଡ ରାଉଣ୍ଡ ସବ୍ ଜୁନିୟର ଓ ଜୁନିୟର ବାଳିକା ବର୍ଗରେ ସ୍ୱପ୍ନାରାଣୀ ବେହେରା ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିବା ବେଳେ ସୀତା ହେମ୍ବ୍ରମ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଏବଂ ଚନ୍ଦ୍ରିକା ମହାପାତ୍ର ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି । କମ୍ପାଉଣ୍ଡ ରାଉଣ୍ଡ ଉଭୟ ଜୁନିୟର ଏବଂ ସବ-ଜୁନିୟର ବାଳକ ବର୍ଗରେ ଦୈନେଶ୍ୱର ବେହେରା ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଓଡ଼ିଶା ସରକାର ଏବଂ ଟାଟା ଷ୍ଟିଲର ମିଳିତ ସହଯୋଗରେ କେନ୍ଦୁଝରଠାରେ ପ୍ରତିଷ୍ଠିତ ଓଟିଏପିଏଚ୍ସି (ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫର୍ମାନ୍ସ ସେଂଟର), ରାଜ୍ୟର ପ୍ରତିଭାବାନ ତୀରନ୍ଦାଜମାନଙ୍କୁ ବିଶ୍ୱସ୍ତରୀୟ ଭିତିଭୂମି, ଆଧୁନିକ ଉପକରଣ ଏବଂ ପ୍ରଶିକ୍ଷଣ ପ୍ରଦାନ କରିବା ଲକ୍ଷ୍ୟରେ କାର୍ଯ୍ୟ କରୁଛି । ମାତ୍ର ୨୪ ଜଣ କ୍ୟାଡେଟଙ୍କୁ ନେଇ ଆରମ୍ଭ ହୋଇଥିବା ଏହି କେନ୍ଦ୍ର ଆଜି ତୃଣମୂଳସ୍ତରର ପ୍ରତିଭାଙ୍କୁ ପ୍ରଶିକ୍ଷଣ ଦେବା ସହ ଜାତୀୟ ଆନ୍ତର୍ଜାତୀୟସ୍ତରର ତୀରନ୍ଦାଜଙ୍କ ସହ ପ୍ରତିଯୋଗିତା କରିବା ପାଇଁ ସଫଳ ଉଦ୍ୟମ ଚଳାଇଛି । ଏହି ସଫଳତା ଆଗାମୀ ଦିନରେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ପଦକ ଜିତିବା ପାଇଁ କ୍ୟାଡେଟମାନଙ୍କୁ ଅଧିକ ଉତ୍ସାହିତ କରିବ ।

# ବିଜେପିରେ ସାମିଲ ହେଲେ ବିଜେଡି ଦଳର ନେତା ଓ କର୍ମୀ

କେନ୍ଦୁଝର, ୧୭/୨ (ନି.ପ୍ର): କେନ୍ଦୁଝର ଜିଲ୍ଲା କାର୍ଯ୍ୟାଳୟ ଠାରେ ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ଆନନ୍ଦପୁର ମ୍ୟୁନିସିପାଲଟିର ପୂର୍ବତନ ଚେୟାରମ୍ୟାନ ତଥା ବିଜେଡି ନେତା ଶାନ୍ତନୁ ସେଠୀ ଏବଂ ପୂର୍ବତନ କାଉନସିଲରମାନେ ଭାରତୀ ଜନତା ପାର୍ଟିର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେପି ଦଳରେ ଯୋଗଦେଇଛନ୍ତି । ସେହିଭଳି ସମାଜସେବୀ ବିଶ୍ୱନାଥପ୍ରତାପ ଜେନା ଏବଂ ତାଙ୍କର ଶତାଧିକ ସହଯୋଗୀ ଏହି ମିଶ୍ରଣ ପର୍ବରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ,ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ,ଆନନ୍ଦପୁର ବିଧାନସଭା ନେତା ଆଲୋକ ସେଠୀ, ଘସିପୁରା ବିଧାନସଭା ନେତା ଡ଼ଃ. ଶମ୍ଭୁନାଥ ରାଉତ,ଜିଲ୍ଲା ଉପସଭାନେତ୍ରୀ ଅସୀମା ମିଶ୍ର, ସିଦ୍ଧାର୍ଥ ସିଂ, ଜିଲ୍ଲା ସଂଗଠନର ସାଧାରଣ ସମ୍ପାଦକ ଅଗନୁ ଚରଣ ମହାନ୍ତ, ଯଶସ୍ୱୀନି ବଳ, ଜିଲ୍ଲା ସମ୍ପାଦକ ବିଶ୍ୱଜିତ ତ୍ରିପାଠୀ ଏବଂ ଦୀପକ କୁମାର ଜେନା ପ୍ରମୁଖ ଉତରୀୟ ଏବଂ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ଏହି ଦୁଇ ନେତାଙ୍କ ଯୋଗଦାନ ନିଶ୍ଚିତ ଭାବରେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ରେ ବିଜେପି ଦଳ ସଂଗଠନକୁ ଆହୁରି ମଜବୁତ କରିବ ବୋଲି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଏବଂ ସାଂସଦ ଅନନ୍ତ ନାୟକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଜିଲ୍ଲା ସମ୍ପାଦକ ଦୁଷ୍ମନ୍ତ କୁମାର ମହାନ୍ତ କାର୍ଯ୍ୟକ୍ରମ ସେସରେ ଉପସ୍ଥିତ ନେତୃତ୍ୱ ମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ଧନପୁରରେ ଅଭିଯୋଗ ଓ ଜନ ଶୁଣାଣି ଶିବିର

ଜୟପୁର, ୧୭/୨ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଧନପୁର ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ବିଡିଓ ଶକ୍ତି ମହାପାତ୍ର , ସହକାରି ନିବାହୀ ଯନ୍ତ୍ରୀ ବିଜୟ ନନ୍ଦ, ଜିପିଓ ସୁବାସ ଖିଲ, ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ଅଙ୍ଗନବାଡୀ ରେ ପାନୀୟ ଜଳ ସହ ବିଦ୍ୟୁତ ସଂଯୋଗି କରଣ ହାଇସ୍କୁଲ ମରାମତି ଏବଂ ନୁତନ ଶ୍ରେଣି ଗୃହର ଦାବି କରିବାକୁ ଦାବି କରାଯାଇଛି । ଏହା ସହ ଉପସ୍ଥିତ ଅଧିକାରି ମାନେ ବିଭିନ୍ନ ସରକାରୀ ଯୋଜନା ର ଲାଭ କିପରି ପାଇବେ ସେ ନେଇ ସଚେତନ କରିଥିଲେ ।

## ସାଧାରଣ ଲୋକଙ୍କ ସହ ପୋଲିସର ବନ୍ଧୁତ୍ୱ ସଂପର୍କ ବୃଦ୍ଧି

କେନ୍ଦ୍ରାପଡ଼ା, ୧୭/୨ (ନି.ପ୍ର): କେନ୍ଦ୍ରାପଡ଼ା ପୋଲିସ୍ ଓ ସାଧାରଣ ଲୋକଙ୍କ ପାଇଁ ଶୁଭଙ୍କର ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ତନ୍ତିଆପାଳ ମେରାଇନ ଥାନା ତରଫରୁ ଯୁବକ ମାନଙ୍କୁ ଆଇନ ବିଷୟରେ ସଚେତନ କରିବା ସହ ପୋଲିସ ସହ ସେମାନଙ୍କ ବନ୍ଧୁତ୍ୱ ସମ୍ପର୍କ ବୃଦ୍ଧି ପାଇଁ ଏକ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରା ଯାଇଥିଲା ।ସେଥିରେ ଚାରୋଟି ଟିମ ଭାଗ ନେଇଥିଲେ ଓ ଶେଷରେ ବଡିହି ପଞ୍ଚାୟତକୁ କଂସାର ଟିମ ପରାଜିତ କରି ଚାମ୍ପିୟନ ହୋଇଛି ।ଏଥିରେ କେନ୍ଦ୍ରାପଡ଼ା ଏସପି ମହୋଦୟ ମୁଖ୍ୟ ଅତିଥି ଭାବେ ବିଜୟୀ ଟିମଙ୍କୁ ଟ୍ରଫି ଦେବା ସହ ଶୁଭେଚ୍ଛା ଜଣାଇଥିଲେ । ଏହି କାର୍ଯ୍ୟକ୍ରମ ସଚେତନତା ହେବା ସହିତ ସାଧାରଣ ଲୋକଙ୍କୁ ସଚେତନ କରାଇବା ମୂଳ ଲକ୍ଷ୍ୟ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ଓ କେନ୍ଦ୍ରାପଡ଼ା ଏସପିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ବଲପୁରର ବିକାଶମୂଳକ କାର୍ଯ୍ୟକ୍ରମର ସମନ୍ୱୟ ଓ କାର୍ଯ୍ୟକାରିତା ନେଇ ଦିଶା କମିଟିର ସମୀକ୍ଷା ବୈଠକ

ସମ୍ବଲପୁର, ୧୬, ଫେବ୍ରୁଆରୀ (ହି.ସ.) - ଆଜି ପୂର୍ବାହ୍ନରେ ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବଲପୁର ଜିଲ୍ଲାର ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମର ସମନ୍ୱୟ ଓ କାର୍ଯ୍ୟକାରିତା ଉପରେ ଦିଶା କମିଟିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ, ରବିନରାୟଣ ନାୟକ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଜିଲ୍ଲାପରିଷଦ ଅଧକ୍ଷା କୁମୁଦିନୀ ନାୟକ, ଉତରାଂଚଳ ରାଜସ୍ୱ ବିଭାଗୀୟ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଉତରାଂଚଳ ଆଇଜି ହିଂମାଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ ଭାମ୍ରୂ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ୍ କ୍ଷତ୍ରୀ, ଜିଲ୍ଲା ଉନ୍ନୟନ ଅଧିକାରୀ (ସିଡ଼ିଓ-କମ-ଇଓ) ପ୍ରସନ୍ନ କୁମାର ପାତ୍ରଙ୍କ ସମେତ ସମ୍ବଲପୁର, କୁଚିଣ୍ଡା ଓ ରେଢାଖୋଲ ବନଖଣ୍ଡ ଅଧିକାରୀମାନେ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଯୋଜନାର କାର ?ୟକାରିତା ଉପରେ ସମୀକ୍ଷା କରାଯାଇଥିଲା । ସଭାରେ ସମ୍ବଲପୁର ଜିଲ୍ଲାରେ ବିଦ୍ୟୁତୀକରଣ, କୃଷି, ମତ୍ସ୍ୟଚାଷ, ଉଦ୍ୟାନଚାଷ, ସଡ଼କ ଓ ସେତୁ ନିର୍ମାଣ ବିଭିନ୍ନ ବିଭାଗର କାର୍ଯ୍ୟକାରୀତା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଦ୍ୟୁତ ବିଭାଗ ପକ୍ଷରୁ ଗୃହସ୍ଥ ବିଦ୍ୟୁତୀକରଣ ଓ ବିଦ୍ୟୁତ ଢାଂଚା ଉନ୍ନୟନ କାର୍ଯ୍ୟ ସମ୍ବନ୍ଧରେ ବର୍ଷ ଅନୁସାରେ ଲାଭାନ୍ୱିତଙ୍କ ବିବରଣୀ ପ୍ରଦାନ କରାଯାଇଥିଲା । ସଭାରେ ଉପସ୍ଥିତ ସଦସ୍ୟମାନେ ବିଭିନ୍ନ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଅନ୍ୟୋନ୍ୟ ସମନ୍ୱୟ ବୃଦ୍ଧି କରିବାକୁ ଉଲ୍ଲେଖ କରିଥିଲେ । ଅଧକ୍ଷଙ୍କ ଦ୍ୱାରା ବିଭାଗମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାମ ସମ୍ପୂର୍ଣ୍ଣ କରିବାକୁ ଓ ଜନ ହିତକାରୀ ଯୋଜନାଗୁଡ଼ିକୁ ସଠିକ ଭାବେ ପ୍ରଣୟନ କରିବାକୁ କୁହାଯାଇଥିଲା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ବୈଠକରେ ଯୋଗ ଦେଇ ସମସ୍ତ ସରକାରୀ କର୍ମଚାରୀଙ୍କୁ ଏଆଇ' ର ଉପକାରିତାକୁ ଜାଣିବାକୁ ପରାମର୍ଶ ଦେବା ସହ ତାହାର ସଠିକ ବ୍ୟବହାର କରିବାକୁ କହିଥିଲେ । ନିଜର ସାମାଜିକ, କର୍ମ କ୍ଷେତ୍ରରେ ଦକ୍ଷତା ଓ ନିଜର ଆତ୍ମ ବିଶ୍ୱାସକୁ ବଢାଇବା ପାଇଁ ପ୍ରତ୍ୟେକ ବୈଷୟିକ ତଥ୍ୟ ଜାଣିବା ସହ ନୂଆ ଢାଂଚାକୁ ଭଲ ଭାବରେ ବୁଝି ନୂଆ ପଦ୍ଧତିକୁ ଆପଣାଇବା ଆବଶ୍ୟକ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ । ସଭାର ଆରମ୍ଭରେ ଜିଲ୍ଲାପାଳ ତଥା ଥିବା କମିଟିର ସଦସ୍ୟ ସଚିବ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଜିଲ୍ଲା ପରିଷଦ ର ଜିଲ୍ଲା ଉନ୍ନୟନ ଅଧିକାରୀ(ସିଡ଼ିଓ-କମ-ଇଓ) ଶ୍ରୀ ପାତ୍ର ଧନ୍ୟବାଦ ଭାଷଣ ପ୍ରଦାନ କରିଥିଲେ ।

# ରାଜନଗର ଘଡିଆମାଳ ନୂଆଗାଁର ବନ୍ଦ ଥିବା ଅଙ୍ଗନବାଡି ଖୋଲିଲା, ପଢିବାକୁ ଆସିଲେ କୁନି କୁନି ପିଲା

ପଟ୍ଟାମୁଣ୍ଡାଇ, ୧୭/୨ (ନି.ପ୍ର): ଖୋଲିଲା ବହୁ ଚର୍ଚିତ ରାଜନଗର ଘଡିଆମାଳ ନୂଆଗାଁର ବନ୍ଦ ଥିବା ଅଙ୍ଗନବାଡି କେନ୍ଦ୍ର । ପଢିବାକୁ ଆସିଲେ କୁନି କୁନି ପିଲା । ଅଭିଭାବକ ମାନଙ୍କ ସହଯୋଗରେ ପୁଣି ଆରମ୍ଭ ହେଲା ପାଠପଢା । ପିଲା ଖାଇଲେ ରନ୍ଧା ଖାଦ୍ୟ । ଗାଁ ରେ ଦେଖାଦେଲା ଖୁସିର ଲହରି । ରାଜନଗର ବିଧାୟକ ଧ୍ରୁବ ସାହୁ ସ୍ୱୀକାର କରିଥିଲେ ରାଜନଗର ଅଙ୍ଗନବାଡି ସମସ୍ୟା ଜାତିପ୍ରଥା ପାଇଁ ନୁହେଁ । କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଘଡିଆମାଳ ନୂଆଗାଁ ଅଙ୍ଗନବାଡି କେନ୍ଦ୍ର ଆଜିକୁ ୮୬ ଦିନ ହେବା ବନ୍ଦ ରହିଥିଲା । ଗଣମାଧ୍ୟମରେ ଖବର ପ୍ରକାଶ ପରେ ରାଜନଗର ଜାତିଆଣ ଘଟଣା ସଂସଦରେ ବି ଚର୍ଚ୍ଚା ହେଲା । ଅନ୍ୟପଟେ ଅଭିଭାବକ ଜାତିପ୍ରଥାକୁ ଅସ୍ୱୀକାର କରିବା ସହ ଅଙ୍ଗନବାଡି ଘର ନ ଥିବାରୁ ବିପଦପୂର୍ଣ୍ଣ କୁମ୍ଭୀରିଆ ସ୍ଥାନରେ ପାଠ ପଢ଼ା ଯାଉଥିବାରୁ ସେମାନେ ଛୁଆଙ୍କୁ ଛାଡୁ ନାହାନ୍ତି ବୋଲି କହିଥିଲେ । ଦୀର୍ଘ ସମୟ ଧରି ଜିଲ୍ଲା ପ୍ରଶାସନ, ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା, ମହିଳା କମିଶନର ସଦସ୍ୟା, ବିଜେପିର ଏକ ଟିମ୍ ପହଂଚି ଗ୍ରାମବାସୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ କ୍ଷ ଗ୍ରାମର ଥିବା ବିଭିନ୍ନ ସମସ୍ୟା, ଯେମିତିକି ଅଙ୍ଗନବାଡି ଘର, ବାର୍ଦ୍ଧକ୍ୟ ଭତା, ରାସ୍ତା ଘାଟ ମରାମତି ଆଦି ବିଷୟରେ ଆଲୋଚନା କରିବା ସହ ଜାତିପ୍ରଥା କଥାକୁ ଅସ୍ୱୀକାର କରିଥିଲେ । ପ୍ରଶାସନ ସହମତି ଦେବା ପରେ ଆଜି ଗ୍ରାମବାସୀ ଛୁଆଙ୍କୁ ଅଙ୍ଗନବାଡି ଛାଡିଛନ୍ତି । ଆଜି କେନ୍ଦ୍ରାପଡ଼ା ସାଂସଦ ଓ ବିଜେପିର ଏକ ଟିମ୍ ପହଂଚି ଘଟଣାର ସମୀକ୍ଷା କରିବା ସହିତ ଆସନ୍ତାକାଲି ଠାରୁ ସ୍ୱାଭାବିକ ଭାବେ ଅଙ୍ଗନବାଡି ଚାଲିବ ବୋଲି ପ୍ରତିଶୃତି ଦେଇଥିଲେ ।

# ‘ପ୍ରିୟପତ୍ର’ର ୩୯ତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ

## ରାଧାଶ୍ୟାମ ରାଉଳ ପାଇଲେ ରସରାଜ ଏମାର କେଆର ସ୍ମୃତି ସମ୍ମାନ ୨୦୨୬



ପୁରୀ, ୧୭/୨ (ନି.ପ୍ର): ୧୪ ଫେବୃଆରୀ ୨୦୨୬ ଅପରାହ୍ଣ ୩ଟା ସମୟରେ ସ୍ଥାନୀୟ ଓଡ଼ିଶା ସଂଗୀତ ପରିଷଦ ପରିସରରେ ପ୍ରିୟପତ୍ର ର ୩୯ତମ ସ୍ୱନକ୍ଷତ୍ର ଉତ୍ସବ ଡକ୍ଟର ହେମନ୍ତ କୁମାର ଛୋଟରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଓଡ଼ିଆ ଭାଷା ପ୍ରତିଷ୍ଠାନ,ଓଡ଼ିଶାର ପ୍ରଥମ ନିର୍ଦ୍ଦେଶକ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟ ଅତିଥି, ଶ୍ରୀଯୁକ୍ତ ବିଶ୍ୱପ୍ରକାଶ ପଟ୍ଟନାୟକ, ଶ୍ରୀମତୀ ବିଜୟଲକ୍ଷ୍ମୀ ଦାଶ ମିଶ୍ର, ଶ୍ରୀଯୁକ୍ତ ଗୌରାଙ୍ଗ ପରିଡ଼ା,ଶ୍ରୀଯୁକ୍ତ ସନ୍ତୋଷ କୁମାର ସେଠୀ, ଉପନିର୍ଦ୍ଦେଶକ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ସାହିତ୍ୟ ସେବା କ୍ଷେତ୍ରରେ ପ୍ରିୟପତ୍ରର ଅବଦାନ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରତିବର୍ଷ ପରି ଚଳିତବର୍ଷ ଶ୍ରୀମତୀ ରେଣୁକା ମିଶ୍ର ଏବଂ ଶ୍ରୀଯୁକ୍ତ ଅବନୀଶ ରଥଙ୍କୁ ପ୍ରିୟପତ୍ର ଯୁଗଳବନ୍ଦୀ ସମ୍ମାନ, ଶ୍ରୀମତୀ ରଶ୍ମିରଞ୍ଜିତା ସିଂହଙ୍କୁ ପ୍ରିୟପତ୍ର ସମ୍ମାନ,ଡାକ୍ତର କ୍ଷୀରାବ୍ଧିତନୟା ସାହୁଙ୍କୁ ଅଧ୍ୟାପକ ସରୋଜକାନ୍ତ ତ୍ରିପାଠୀ ସ୍ମୃତି ସମ୍ମାନ, ଶ୍ରୀଯୁକ୍ତ ପୀତାମ୍ବର ମହାପାତ୍ରଙ୍କୁ ବୀର ବଳଭଦ୍ରପୁର ନିବାସୀ ରଘୁନାଥ ମହାପାତ୍ର ସ୍ମୃତି ସମ୍ମାନ, ଶ୍ରୀମତୀ ପ୍ରତିଭା ଦାଶଙ୍କୁ ଶକୁନ୍ତଳା ଦଳାଇ ସ୍ମୃତି ସମ୍ମାନ, ଶ୍ରୀଯୁକ୍ତ ରାଧାଶ୍ୟାମ ରାଉଳଙ୍କୁ ରସରାଜ ଏମାର କେଆର ସ୍ମୃତି ସମ୍ମାନ, ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ପାଣିଗ୍ରାହୀଙ୍କୁ ଶତ୍ରୁଘ୍ନ ମହାନ୍ତି ସ୍ମୃତି ସମ୍ମାନ,ଶ୍ରୀଯୁକ୍ତ ମହେଶ୍ୱର ଜେନାଙ୍କୁ ରାମଚନ୍ଦ୍ର ଦଳାଇ ସ୍ମୃତି ସମ୍ମାନ, ଶ୍ରୀଯୁକ୍ତ ଲିଙ୍ଗରାଜ ଦାସଙ୍କୁ ବିଶିଷ୍ଟ ଅଭିନେତା ସୁବଳ ଦାସ ସ୍ମୃତି ସମ୍ମାନ, ଶ୍ରୀଯୁକ୍ତ ପ୍ରଭାକର ରଥ ଏବଂ ଶ୍ରୀଯୁକ୍ତ ଗଣେଶ୍ୱର ପ୍ରହରାଜଙ୍କୁ ବିଶିଷ୍ଟ ଅନୁବାଦକ ବଳଭଦ୍ର ଦାସ ସ୍ମୃତି ସମ୍ମାନ, ଶ୍ରୀଯୁକ୍ତ ଯୋଗେଶ୍ୱର ନାୟକଙ୍କୁ ମାନବବାଦୀ ପ୍ରଗତିଶୀଳ ଲେଖକ ଗଙ୍ଗାଧର ମିଶ୍ର ସ୍ମୃତି ସମ୍ମାନ: ୨୦୨୬ରେ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଶ୍ରୀଯୁକ୍ତ ପୀତାମ୍ବର ମହାପାତ୍ରଙ୍କ ରଚିତ ପୁସ୍ତକ ’ଗଣିତ ତରଙ୍ଗ ’ ଏବଂ ବିପିନ ବିହାରୀ ଦଳାଇଙ୍କ ରଚିତ କବିତା ସଙ୍କଳନ ’ଭାବବୋଧିନୀ’ ନୀଳକଣ୍ଠ ମିଶ୍ରଙ୍କ ’କୁସୁମାଞ୍ଜଳି’ ପୁସ୍ତକମାନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପ୍ରାରମ୍ଭରେ ସଂପାଦକ ବିପିନ ବିହାରୀ ଦଳାଇ ଅତିଥି ମାନଙ୍କୁ ମଞ୍ଚକୁ ସ୍ୱାଗତ କରିବା ସହ ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ସବର ପ୍ରାରମ୍ଭିକ ପର୍ଯ୍ୟାୟରେ ଆୟୋଜିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ ଲକ୍ଷ୍ମୀପ୍ରିୟା ଦାଶ, ପ୍ରବାସିନୀ ମିଶ୍ର,ମଧୁସ୍ମିତା ମିଶ୍ର । ପଚାଶରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ ।ଶେଷରେ ସୁଶ୍ରୀ କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବକୁ ପରିଚାଳନା କରିଥିଲେ ମାଧବ ଶ୍ରୀନନ୍ଦନ ସାହୁ, ଅବିନାଶ ଦଳାଇ, ରଜତ ମହାନ୍ତି, ବିମଳକୃଷ୍ଣ ଦାସ, ଶ୍ରୀମାନ୍ ସ୍ୱର୍ଗିଳା ,ଦେବଦତ୍ତ ବିଶ୍ୱରଂଜନ ମିଶ୍ର ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସରକାରଙ୍କ ସଫଳତାର....

ସୁଭଦ୍ରା ଯୋଜନାରେ ମହିଳାଙ୍କୁ ସହାୟତା କ୍ଷେତ୍ରରେ ସରକାର ଅଶେଷ ସଫଳତା ପାଇଛନ୍ତି । ସୁଭଦ୍ରାରେ ଏପର୍ଯ୍ୟନ୍ତ ଆବେଦନ କଲେଣି ୧ କୋଟି ୧୨ ଲକ୍ଷରୁ ଅଧିକ ମହିଳା । ତିନୋଟି କିସ୍ତିରେ ଏକ କୋଟିରୁ ଅଧିକ ହିତାଧିକାରୀଙ୍କୁ ସୁଭଦ୍ରା ସହାୟତା ରାଶି ବାବଦରେ ୧୫ ଶହ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ସମୃଦ୍ଧ କୃଷକ ଯୋଜନାରେ ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ପାଇଁ ୬ ହଜାର କୋଟି ଟଙ୍କା ଏବଂ ସିଏମ୍ କିଶାନ ଯୋଜନାରେ ଆୟବୃଦ୍ଧି ପାଇଁ ୨୦୨୦ କୋଟି ଟଙ୍କା ବ୍ୟୟ କରାଯାଇଛି । ଫଳରେ ଚାଷୀ ପରିବାରର ମୁଣ୍ଡପିଛା ଆୟ ଯଥେଷ୍ଟ ବୃଦ୍ଧି ପାଇଛି ବୋଲି କହିଛନ୍ତି ରାଜ୍ୟପାଳ । ମେକ୍ ଇନ୍ ଓଡ଼ିଶାରେ ମଧ ରାଜ୍ୟ ସରକାରଙ୍କୁ ମିଳିଛି ଅଭୁତ ପୂର୍ବ ସଫଳତା । ୮୫ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିସାରିଲେଣି ସରକାର । ଦୁଇ ଲକ୍ଷ କୋଟିର ନିବେଶ ସହ ଏକ ଲକ୍ଷ ୬୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ମେକ ଇନ ଓଡ଼ିଶା ୨୦୨୫ ରେ ମୋଟ ୭.୧ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସମ୍ଭାବନା ସୃଷ୍ଟି ହୋଇଥିବା ବେଳେ ୪ ଲକ୍ଷ ୬୫ ହଜାର ନିଯୁକ୍ତି ସୃଷ୍ଟି ହେବ । ଏହା ସହ ୩୪୩ ଟି ବୃହତ ଶିଳ୍ପକୁ ଅନୁମୋଦିତ କରାଯାଇଛି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ରାଜ୍ୟ ମାସିକ ୧.୮୮ ଲକ୍ଷ ମେଟ୍ରିକ ଟନ୍ ଚାଉଳ କେନ୍ଦ୍ରରୁ ପାଉଛି ।

### ଆଜି+୨, ଗୁରୁବାରଠୁ ...

ଯାହାର ନିୟନ୍ତ୍ରଣ ସିଧାସଳଖ ପ୍ଲସ ଟୁ କାଉନସିଲରେ ହିଁ ରହିବ । ପରୀକ୍ଷାକୁ ସ୍ୱଚ୍ଛ ଏବଂ ନିରପକ୍ଷ ଭାବେ କରିବା ପାଇଁ ଲକ୍ଷ୍ୟ ରଖିଛି ସିଏଚଏସଇ। ଏଥିପାଇଁ ପାଞ୍ଚଟି ସ୍ତରରେ ୧୦୨ଟି ସ୍କ୍ୱାଡ୍ ଗଠନ କରାଯାଇଛି । ଆସନ୍ତାକାଲି ସକାଳ ୯ଟା ୩୦ ସୁଦ୍ଧା ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିପାଇଁ ପରାମର୍ଶ ଦେଇଛନ୍ତି ପରୀକ୍ଷା ନିୟନ୍ତ୍ରକ। ଚଳିତ ବର୍ଷ ରାଜ୍ୟରେ ୪ ଲକ୍ଷ ୧ ହଜାର ୬୨୩ ପରୀକ୍ଷାର୍ଥୀ ପ୍ଲସ୍ ଟୁ ପରୀକ୍ଷା ଦେବାକୁ ଯାଉଛନ୍ତି । ସେହିପରି ଦିନକ ପରେ ଅର୍ଥାତ୍ ୧୯ ତାରିଖରୁ ଆରମ୍ଭ ହେଉଛି ମାଟ୍ରିକ ପରୀକ୍ଷା । ଚଳିତବର୍ଷ ରାଜ୍ୟରେ ୫ ଲକ୍ଷ ୬୧ ହଜାର ୯୭୯ ଜଣ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ବେଳେ ଏଥିପାଇଁ ୩ ହଜାର ୮୨ଟି ପରିକ୍ଷା କେନ୍ଦ୍ର କରାଯାଇଛି। ବୋର୍ଡ ପକ୍ଷରୁ ୩୨୨ଟି ନୋଡାଲ ସେଣ୍ଟରକୁ ପ୍ରଶ୍ନପତ୍ର ପଠାଯାଇଛି । ସକାଳ ୯ଟାରେ ଆରମ୍ଭ ହେବ ପରୀକ୍ଷା । ସକାଳ ୮ଟା ୧୫ରୁ ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପାଇଁ ଅନୁମତି ଦିଆଯିବ । ୮ଟା ୪୫ ସୁଦ୍ଧା ହଲରେ ଓଏମଆର ସିଟ୍ ପିଲାଙ୍କୁ ଦିଆଯିବ । ୯ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ । ବୋର୍ଡ ମୁଖ୍ୟାଳୟରେ କମାଣ୍ଡ କଣ୍ଟ୍ରୋଲ ରୁମ ଖୋଲାଯାଇ ପ୍ରତି ପରୀକ୍ଷା କେନ୍ଦ୍ର ଓ ନୋଡାଲ ସେଣ୍ଟର ଉପରେ ୨୪ ଘଣ୍ଟିଆ ନଜର ରଖାଯାଇଛି। ନୋଡାଲ ସେଣ୍ଟରକୁ କଣ୍ଟ୍ରୋଲ ରୁମ ସହିତ ସିଧାସଳକ ଯୋଡାଯାଇଛି। କିଛି ପରୀକ୍ଷାକେନ୍ଦ୍ରରେ ଲାଇଭ ଷ୍ଟ୍ରିମିଂ ବ୍ୟବସ୍ଥା କରାଯାଇଛି ।

## ପାତତାଳେଶ୍ୱର ମନ୍ଦିରରେ ଜାଗର ଉତ୍ସବ ପାଳନ



ବାରିପଦା , ୧୭/୨ (ନି.ପ୍ର): ସ୍ଥାନୀୟ ତକତପୁର ସ୍ଥିତ ପାତାଳେଶ୍ୱର ମହାଦେବ ପରିସରରେ ୩୯ ତମ ମହାଶିବରାତ୍ରି ଅବସରରେ ଜାଗର ଉତ୍ସବ ପାଳିତ ହୋଇଯାଇଛି ଓ ସ୍ଥାନୀୟ ଅଂଚଳ ସମେତ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ସହସ୍ରାଧିକ ଭକ୍ତ ଜାଗର ଦୀପ ଜାଳି ନିଜ ପରିବାର ପାଇଁ ଶୁଭ ମନାସି ଥିଲେ ଓ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଦିନବେଳେ ବାବାଙ୍କ ନିକଟରେ ପୂଜା ଅର୍ଚ୍ଚନା କରିଥିଲେ ଓ ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ଗଣିତ କଷା, ମ୍ୟୁଜିକ ଚେୟାର, ନୃତ୍ୟ, ସଂଗୀତ ତଥା ମା ମାଉସୀଙ୍କ ମଧ୍ୟରେ ଶଙ୍ଖଫୁଙ୍କା ପ୍ରତିଯୋଗିତା କରାଯାଇ ସନ୍ଧ୍ୟାରେ ଅତିଥିଙ୍କ ହାତରେ ପୁରସ୍କୃତ କରାଯାଇଥିଲା ଓ ସନ୍ଧ୍ୟାରେ ଭଜନ କୀର୍ତ୍ତନ ପରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ମନ୍ଦିର ପରିଚାଳନା କମିଟିର ସଭାପତି ସୋମନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାମ୍ବାଦିକ କବି ବିଷ୍ଣୁ ଶତପଥି ଓ ପି ଆର ଏମ ମେଡିକାଲ କଲେଜର ସହ ପ୍ରାଧ୍ୟାପିକା ଡଃ ସୁମିତ୍ରା ସୋରେନ ପ୍ରମୁଖ ଯୋଗ ଦେଇ ପୁରସ୍କାର ବିତରଣ କରିବା ସହ ସମସ୍ତଙ୍କର ଶୁଭ ମନାସି ଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ପୂଜକ ଶ୍ରୀନିବାସ ପ୍ରସାଦ, ସାଧାରଣ ସମ୍ପାଦକ ବଳରାମ ନାଥ, ଉପ ସଭାପତି ଡଃ ନିରୋଜ କୁମାର ପୋଥାଳ ଓ ସୁଜିତ କୁମାର ସାହୁ, କାର୍ଯ୍ୟାଳୟ ସମ୍ପାଦକ ଗଦାଧର ଭଦ୍ର, କୋଷାଧ୍ୟକ୍ଷ ସୁସ୍ମିତା ପ୍ରସାଦ, ସହ କୋଷାଧ୍ୟକ୍ଷ ଅମ୍ବିକା ମହାନ୍ତ, ମହିଳା ସମ୍ପାଦିକା ଛବିରାଣୀ ଧଳ ତଥା ଡଃ ଅସୀମ କୁମାର ଚକ୍ରବର୍ତ୍ତୀ, ଚିତ୍ତରଞ୍ଜନ ସ୍ୱାଇଁ, ଅଟଳ କୁମାର ମହାନ୍ତ, ସଂଯୁକ୍ତା ରାଣୀ ସୁର ତଥା ସାମ୍ବାଦିକ ସୁକାନ୍ତ ଜୀଉ, ଗୌର ଦାସ ଗିରି, ଅଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ଓ ଦୀପ ଜାଳୁଥିବା ଭକ୍ତ ମାନଙ୍କୁ ଆଧାତ୍ମିକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ଉପହାର ପ୍ରଦାନ କରାଯାଇଥିଲା । ଭୋରରେ ମହାଦୀପ ଉଠିବା ପରେ ସମସ୍ତଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା ଓ ବାରିପଦା ମହାବିଦ୍ୟାଳୟର ରେଡକ୍ରସ ଛାତ୍ରଛାତ୍ରୀ ମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲେ ।

## ଚତୁର୍ଦ୍ଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ଜଳେଶ୍ୱର, ୧୭/୨ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ,ବାଲେଶ୍ୱରଙ୍କ ସହଯୋଗରେ ଜଳେଶ୍ୱର ପଞ୍ଚାୟତ ସମିତି ଆୟୋଜନରେ ଜଳେଶ୍ୱର ଶାନ୍ତିଆ ସରକାରି ଉ.ପ୍ରା.ବିଦ୍ୟାଳୟ ପରିସରରେ ଚତୁର୍ଦ୍ଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ,ବ୍ଲକ ଅଧକ୍ଷ ମାନସ କୁମାର ଜେନା,ସାଂସଦ ପ୍ରତିନିଧି ବ୍ରଜମୋହନ ପ୍ରଧାନ,ବ୍ଲକ ଉପାଧକ୍ଷା ସଞ୍ଚିତା ସେନାପତି,ଶିଶୁ ବିକାଶ ଅଧିକାରିଣୀ ମିନତି ରାଣୀ ସିଂ, ଆଇଆଇସି ଅଶୋକ କୁମାର ବାରିକ ଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିବା ସହିତ ଅସ୍ଥିଶଲ୍ୟ,ରକ୍ତ ହୀନତା,ସ୍ନାୟୁ ଆଘାତ,ଦୃଷ୍ଟିବାଧିତ,ମାନସିକ ଅଗ୍ରସର, ବିଭାଗର ଡ଼ାକ୍ତର ମାନେ ଉପସ୍ଥିତ ରହି ସବୁ ବିଭାଗର ହିତାଧୀକାରୀ ମାନଙ୍କୁ ପରୀକ୍ଷା କରି ଚିହ୍ନଟ କରାଯାଇ ଥିଲା ।ସମସ୍ତ ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟ ସଭ୍ୟା,ଅଙ୍ଗନବାଡ଼ି,ଆଶାକର୍ମୀ,ଶାନ୍ତିଆ ସରକାରି ଉ.ପ୍ରା.ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଏହି ଚତୁର୍ଦ୍ଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ସହଯୋଗ କରିଥିଲେ ।ଏହି ଶିବିରରେ ଅସ୍ଥିଶଲ୍ୟ,ରକ୍ତ ହୀନତା,ସ୍ନାୟୁ ଆଘାତ ବିଭାଗ ପକ୍ଷରୁ-୨୫୩,ଦୃଷ୍ଟିବାଧିତ ବିଭାଗପକ୍ଷରୁ ୬୧,ମାନସିକ ଅଗ୍ରସର ପକ୍ଷରୁ ୬୮ ଜଣ ମୋଟ ୩୮୨ ଜଣ ଏହି ସବୁ ବିଭାଗରେ ପଞ୍ଜିକରଣ କରି ଡ଼ାକ୍ତର ମାନଙ୍କ ଠାରୁ ପରୀକ୍ଷା କରେଇ ଥିଲେ ।

## ମଦର୍ଶ କେୟାର ଇଣ୍ଡସ ଇଣ୍ଟରନେସନାଲ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ




ଜଳେଶ୍ୱର, ୧୭/୨ (ନି.ପ୍ର): ମଦର୍ସ କେୟାର ଇଣ୍ଡାସ ଇଣ୍ଟାରନେସନାଲ ସ୍କୁଲ ଓଲମରାର ଦ୍ୱିତୀୟ ବାର୍ଷିକ ଉତ୍ସବ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେଇଯାଇଛି ।ସ୍କୁଲର ଅଧକ୍ଷା ତପସ୍ୱିନୀ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଶ୍ରୀମତୀ ଅଞ୍ଜଳି ପ୍ରଧାନ, ମୁଖ୍ୟବକ୍ତା ଓଡ଼ିଆ ଅଧାପକ ରମାକାନ୍ତ ଦେ, ସମ୍ମାନିତ ଅତିଥି କାଞ୍ଚନବାଳା ଚାନ୍ଦ, ପ୍ରତିଷ୍ଠାତା ଅବଦୁଲ ଉସମାନ ଖାନ ଏବଂ ସମ୍ପାଦିକା ସବିନା ଖାନନ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ବନ୍ଦନା ବାରିକ ମଞ୍ଚ ଆହ୍ୱାନ କରିଥିବା ବେଳେ ସୁଶ୍ରୀ କଳ୍ପନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ଲିପ୍ସିତା ଦେ, ବିଧାନ କୁମାର ଦାସ, ଅଞ୍ଜନ କୁମାର ସିଂ, କ୍ରିଷ୍ଣା ରାଣୀ ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।କୃତି ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିଥିଲେ ।

## ଭେଡା ସହଯୋଗ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାସୁଦେବପୁର, ୧୭/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲିମେଦ ପଞ୍ଚାୟତର ଭେଡ଼ା ସହଯୋଗ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ପାଢ଼ୀ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଶିକ୍ଷାବିତ୍ ଓ ସାହିତ୍ୟିକ ମଥୁରା ମୋହନ ବେହେରା। ଏହି ଉତ୍ସବରେ ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ବିଷ୍ଣୁ ମୋହନ ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଶିକ୍ଷାବିତ୍ ଶ୍ୟାମ ସୁନ୍ଦର ପଳିତା ଆଲୁ ମୁନି ପ୍ରେସିଡେଣ୍ଟ ରଶ୍ମି ରଂଜନ ମହାନ୍ତି, ଉପ ସଭାପତି ଭାସ୍କର ଚନ୍ଦ୍ର ଭୋଇ ଓ ଦୁଃଶାସନ ମିଶ୍ର । ସମସ୍ତ ଅତିଥି ଶିକ୍ଷା ସାହିତ୍ୟ କଳା ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ ଓ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଶିକ୍ଷୟତ୍ରୀ କ୍ଷୀରାବ୍ଧି ତନୟା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶିକ୍ଷକ ପ୍ରଣବ କିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସଂସ୍କୃତିକ କାର୍ଯକ୍ରମ ପରିବେଷଣ ହୋଇଥିଲା। ଏହି ଉତ୍ସବକୁ ପରିଚାଳନା କରିବାରେ ଅନ୍ନପୂର୍ଣ୍ଣା ବେହେରା, ମିନା ମିଶ୍ର, ସୋନାଲି ଦାସ, ବୈଲୋଚନ ଦାସ, ସୁକାନ୍ତ ଜେନା, ତ୍ରିନାଥ ପ୍ରଧାନ,ଅରବିନ୍ଦ ବାରିକ୍, ଅମିତ୍ ରଞ୍ଜନ ଜେନା,ବସନ୍ତ କୁମାର ନାୟକ, ଉମେଶ ଚନ୍ଦ୍ର ଭୋଇ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

## ଭକ୍ତିଜ୍ଞାନ ସଂଚାର ସେବା ସମିତିର ସମୀକ୍ଷା ବୈଠକ

ଉଦଳା, ୧୭/୨ (ନି.ପ୍ର): ଭକ୍ତିଜ୍ଞାନ ସଂଚାର ସେବା ସମିତି, ଉଦଳା ତରଫରୁ ଏକ ବାର୍ଷିକ ସମୀକ୍ଷା ବୈଠକ ସମିତିର ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ ଡ଼. ଦିଲୀପ କୁମାର ଦୀକ୍ଷିତ୍ ?ଙ୍କର ଅଧକ୍ଷତାରେ ଅନୁଷ୍ଠିତ ହୋଇ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ମାନ ଗୃହୀତ ହୋଇଯାଇଛି । ସମ୍ପାଦକଙ୍କ ନାଗପାଳସ୍ଥ ବାସଭବନରେ ଅନୁଷ୍ଠିତ ଏହି ଜରୁରୀ ବୈଠକରେ ଅନୁଷ୍ଠାନର ସମ୍ପାଦକ ରବିକାନ୍ତ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ ପୂର୍ବକ ବୈଠକର ଉଦ୍ଦେଶ୍ୟ ଜ୍ଞାପନ ସହ ବିଗତ ବୈଠକର ବିବରଣୀ ପାଠ କରିଥିଲେ । ବିବରଣୀଟି ସଂପୂର୍ଣ୍ଣ ଠିକ୍ ଥିବାରୁ ଏହା ଗୃହୀତ ହୋଇଥିଲା । ସଭାପତିଙ୍କ ପରାମର୍ଶ କ୍ରମେ ସମ୍ପାଦକ ବିଗତ ବର୍ଷରେ ପାଳିତ ହୋଇଥିବା ସମସ୍ତ କାର୍ଯ୍ୟକ୍ରମର ଖର୍ଚ୍ଚର ହିସାବ ପୁଙ୍ଖାନୁପୁଙ୍ଖ ଭାବରେ ପ୍ରଦାନ କରିଥିଲେ । ସଭାରେ ଉପସ୍ଥିତ ଥିବା ଅଧକ୍ଷ ପଣ୍ଡିତ ଲକ୍ଷ୍ମୀଧର ପୁଥାଳ, ମହାବାହୁର ବରିଷ୍ଠ ସହସମ୍ପାଦକ କବି କିଶୋର ଚନ୍ଦ୍ର ଦାସବାବୁ, ଅନ୍ୟତମ ସହସମ୍ପାଦକ ପ୍ରାଧ୍ୟାପକ ଭୋଳାନାଥ ସାହୁ, ବରିଷ୍ଠ ଅଧ୍ୟାପକ ଦିଲୀପ କୁମାର ପ୍ରମାଣିକ ଓ ସହସମ୍ପାଦକ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ରଜତ କୁମାର ପଣ୍ଡା ସମସ୍ତ ହିସାବକୁ ତନଖି କରିବା ସହ ଏହା ଠିକ ଥିବା କଥା ମତ ଦେଇଥିଲେ । ଆଲୋଚନା ପରେ ଅନୁଷ୍ଠାନର ଜନୈକ ସଭ୍ୟଙ୍କ ମୃତ୍ୟୁ ଓ ଦୁଇଜଣ ସଭ୍ୟଙ୍କର ସ୍ୱାସ୍ଥ୍ୟାବସ୍ଥାର ଅବନତି ହେତୁ ଆଉ ତିନିଜଣ ଟ୍ରଷ୍ଟି ସଭ୍ୟ ମନୋନିତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଟ୍ରଷ୍ଟି ତଥା କାର୍ଯ୍ୟକାରିଣୀ କମିଟିର ନୂତନ ସଭ୍ୟ ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଭୋଳାନାଥ ସାହୁ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ରଜତ କୁମାର ପଣ୍ଡା ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରମିଳା ଜେନା ଟ୍ରଷ୍ଟି ସଭ୍ୟ ଭାବରେ ସର୍ବସମ୍ମତି କ୍ରମେ ମନୋନୀତ ହେଲେ । କମିଟିର ଏହି ନିଷ୍ପତିକୁ ସମ୍ବନ୍ଧିତ ଦପ୍ତର ମାନଙ୍କୁ ଯଥାଶୀଘ୍ର ଜଣାଇଦେବା ପାଇଁ ସମ୍ପାଦକଙ୍କୁ ଅନୁରୋଧ କରାଯାଇଥିଲା । ଅନୁଷ୍ଠାନର ଅଧକ୍ଷ ପଣ୍ଡିତ ଲକ୍ଷ୍ମୀଧର ପୁଥାଳଙ୍କର ପ୍ରସ୍ତାବ କ୍ରମେ ଆଗାମୀ ରଥଯାତ୍ରା ସମୟରେ ଜୁଲାଇ ୧୮ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଦୁଇଦିନ ଧରି ମହାବାହୁର ବାର୍ଷିକ କାର୍ଯ୍ୟକ୍ରମ ସହ ‘ଜଗନ୍ନାଥ ଚେତନା ଓ ଓଡ଼ିଆ ଅସ୍ମିତା’ ସମ୍ପର୍କରେ ଏକ ଆଲୋଚନାଚକ୍ର ଆୟୋଜନ କରାଯିବାକୁ ସ୍ଥିର କରାଗଲା । ସଭା ଶେଷରେ ସହସଂପାଦକ ରଜତ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୋ ଭାରତ ଯୁବ କେନ୍ଦ୍ର ଦ୍ୱାରା ଜିଲ୍ଲା ସ୍ତରୀୟ କ୍ରୀଡା କାର୍ଯ୍ୟକ୍ରମ ଜିଲ୍ଲା କାରାଗାର ବାଲେଶ୍ୱର ଓ ପୁରୁଣା ଷ୍ଟାଡିଅମ ଇଂଡର ହଲ ଅନୁଷ୍ଠିତ

ବାଲେଶ୍ୱର , ୧୭/୨ (ନି.ପ୍ର): ଜିଲ୍ଲା ସ୍ତରୀୟ କ୍ରୀଡା କାର୍ଯ୍ୟକ୍ରମ ମୋ ଭାରତ ଯୁବ କେନ୍ଦ୍ର ଦ୍ୱାରା ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କ୍ରୀଡା ଉତ୍ସବ ରେ ମୋ ଭାରତ ଯୁବ ଅଧିକାରୀଏମ ବିଘ୍ନେଶ ସଭାପତିତ୍ୱ କରି ଥିବା ବେଳେ ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ମୁନସିପାଲିଟି ଅଧକ୍ଷା ସବିତା ସାହୁ ତାଙ୍କ ଅଭିଭାଷଣ ରଖିଥିଲେ ଏବଂ କ୍ରୀଡା କୋଚ ବାସୁଦେବ ପଣ୍ଡା ତାଙ୍କୁ ସହଜଗ କରି କ୍ରୀଡା ର ପରିଚାଳନା କରିଥିଲେ ଅନ୍ୟ ତମ ଖେଳ ପ୍ରଶିକ୍ଷକ ତଥା ଜିଲ୍ଲା ପୋଲିସ କାର୍ଯ୍ୟ ରତ ବସନ୍ତ ମୁଦୁଲି, ମନୋରଞ୍ଜନ ବେହେରା,ସୁଜୟ ନାୟକ, ସତ୍ୟଜିତ ପରିଡା,ଜୟ ପ୍ରକାଶ ମଲିକ ସହଯୋଗ କରି ଖେଳକୁ ତ୍ୱରାନ୍ୱିତ କରିଥିଲେ। ଏହି କ୍ରୀଡା ପ୍ରତିଯଗିତା ରେ ୨୦୦ଙ୍କଷ୍ପକ୍ସ ଦୌଡ଼( ପୁରୁଷ,ମହିଳା) ବଡ଼ମିଂଟନ (ପୁରୁଷ, ମହିଳା) କବାଡି(ମହିଳା) ଭଲି ବଲ (ପୁରୁଷ)ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା ଓ କୃତୀ ପ୍ରତିଯୋଗୀ ଙ୍କୁ ପୁରସ୍କାର ପ୍ରଦାନ କରା ଯାଇ ଥିଲା ପ୍ରଥମ ଥର ଜିଲ୍ଲା ସ୍ତରୀୟ ଭଲ୍ଲି ବୋଲ ମ୍ୟାଚ ମୋ ଭାରତ ଯୁବ କେନ୍ଦ୍ର ଦ୍ୱାରା ଅନ୍ତେବାସୀ ଙ୍କ ସହିତ ଅନୁଷ୍ଠିତ ହୋଇ ଥିଲା ବିଭିନ୍ନ ବ୍ଲକରୁ ଆସିଥିବା କ୍ଲବ ଓ ଯୁବ ଅନୁଷ୍ଠାନ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ଶକ୍ସଙ୍ଗ ସତ୍ପସ ପିଲା ମାନେ ଅନ୍ତେବାସୀ ଙ୍କ ସହ ଖେଳିବାରେ ସୁଯଗ ପାଇଥିଲେ। ଏହି ଭଲି ବଲ ଖେଳ ରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଥମ ହୋଇ ଥିବା ବେଳେ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ କାରାଗାର ଅନ୍ତେବାସୀ ଟିମ, ସେହିପରି କବାଡି ବାଳିକା ବର୍ଗ ରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ (ସଦର )ପ୍ରଥମ ହେଇ ଥିବା ବେଳେ ଦ୍ୱିତୀୟ ସ୍ଥାନ ରେ ଶ୍ରୀ ଜଗନ୍ନାଥ ଏଜୁକାସେନ ଫାଉଣ୍ଡେସନ ଡିଗ୍ରୀ କଲେଜ ବରୁଣ ସିଂ (ରେମୁଣା ),ହୋଇ ଥିଲା ପୁରସ୍କାର ସଭା ସମସ୍ତ ଙ୍କୁ ଆନନ୍ଦିତ କରିଥାଏ, ଏହି ସଭା ରେ ଜିଲା କାରାଗାର ଅଧିକ୍ଷକ ସୁଚିତ୍ରା ଦାସ, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ପାଳ ସୁଧାକର ନାୟକ(ଇଉଗ ଜେନେରାଲ)କୃତି ପ୍ରତିଯଗୀ ଙ୍କୁ ପୁରସ୍କାର ପ୍ରଦାନ କରିଥିବା ବେଳେ, ଅନ୍ୟ ତମ ଅତିଥି ଜିଲ୍ଲା କାରାଗାର ଉପ ସହ କାରପାଳ ଅଭୟ କୁମାର ପଟନାୟକ , ଏବଂ କାରାଗାର ର କାରା ମଙ୍ଗଳ ଅଧିକାରୀ ଅଧିକାରୀ ଜୟରାମ ମେହେର, ଉପସ୍ଥିତ ରହି ନିଜର ଅଭିଭାଷଣ ଦେବା ସହ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରିଥିଲେ, ଏବଂ ବିଭିନ୍ନ ବ୍ଲକ ରୁ ଆସିଥିବା କ୍ଲବ ମୂନ କମ୍ୟୁନିକେସସନ, (ସଦର ), ହଜାରିଲା ଫାଉଣ୍ଡେସନ (ନୀଳଗିରି ), ମା ମହାବଲି ଆଦିବାସୀ କ୍ଲବ (ନୀଳଗିରି ) ସ୍ୱାମୀ ବିବେକାନନ୍ଦ କ୍ଲବ(ସୋର ), ଭୂମିପୁତ୍ର ସେବା ପ୍ରତିଷ୍ଠାନ (ସୋର ), ଉତକଳା ମହିଳା ସଂଗଠନ (ସଦର ) ରେ ହୋପ ଫାଉଂଡେସନ ଏମିତି ଅନେକ କ୍ଲବ ଓ ଜିଲ୍ଲା କାରାଗାର ଅନ୍ତେବାସୀ ଙ୍କୁ ମଧ ଖେଳ ସାମଗ୍ରୀ ବିତରଣ କରା ଯାଇଥିଲା ଏବଂ ସନ୍ଧ୍ୟା ରେ ବନ୍ଧୁତା ପୂର୍ଣ୍ଣ ବେଡ଼ମିଟନ ମ୍ୟାଚ କାର୍ଯ୍ୟରତ ଅଧିକାରୀ ଙ୍କ ଅନୁଷ୍ଠିତ ହୋଇଥିଲା ପରିଶେଷରେ ଉତ୍କଳା କଲଚୁରଲ ଅଧକ୍ଷ ବିକ୍ରମ ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ। ଏହି ସଭା ରେ ଉତ୍କଳା କଲଚୁରାଲ ର ଅଭିଜିତ ବେହେରା, ନେହା ପଟନାୟକ, ସୁବ୍ରତ ନାୟକ, ମନିଷା ଭଞ୍ଜ, ସମ୍ୟଶ୍ରୀ ପାତ୍ର, ରସିଦା ଅକ୍ତର, ଅଜୟ ମାଝୀ, ଶୁଭରାଂଶୁ ଶେଖର ସାହୁ ପ୍ରମୁଖ ଯୋଗ ଦାନ କରିଥିଲେ।

## ପିଏମ୍ ଶ୍ରୀ ଅଟଳ ବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୧୭/୨ (ନି.ପ୍ର): ପି ଏମ ଶ୍ରୀ ଅଟଳ ବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ବାସୁଦେବପୁରର ୮୨ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶୁଭଲକ୍ଷ୍ମୀ ରାଉତ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। କବି ସୁଧାଂଶୁ ଶେଖର ମିଶ୍ର, ପୌର ପାଳିକାର ଅଧକ୍ଷା ନିବେଦିତା ବେହେରା, ଆଲୁମୁନି ପ୍ରେସିଡେଣ୍ଟ ତଥା ସାହିତ୍ୟିକ ଅଭିମନ୍ୟୁ ବେହେରା,ଶିକ୍ଷାବିତ୍ ଯାମିନୀ କାନ୍ତ ପାଢ଼ୀ, ପ୍ରଦୀପ କୁମାର ବେହେରା, ସ୍କୁଲ୍ ପରିଚାଳନା କମିଟି ସଭାପତି ପ୍ରତାପ କୁମାର ବେହେରା, ରେବତୀ କାନ୍ତ ବେହେରା ପ୍ରମୁଖ ଏହି ଉତ୍ସବରେ ବରେଣ୍ୟ ଅତିଥି ଓ ବକ୍ତା ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶିକ୍ଷୟତ୍ରୀ ଦମୟନ୍ତୀ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଶିକ୍ଷକ ରବୀନ୍ଦ୍ର କୁମାର ମହାକୁଡ଼ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏହି ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଶାଶୁଙ୍କ ମୃତ୍ୟୁଖବର ଶୁଣି ଆଖିବୁଜିଲେ ବୋହୂ: ଶେଷଦର୍ଶନ କଲେ ବହୁ ବିଶିଷ୍ଟ ବ୍ୟକ୍ତି

ନୀଳଗିର, ୧୭/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶାଶୁଙ୍କ ମୃତ୍ୟୁଖବର ଶୁଣି ବୋହୂ ଜଣକ ଡାକ୍ତରଖାନା ଶଯ୍ୟାରେ ଆଖିବୁଜିବା ଘଟଣା ଦୁଃଖଦ ପରିବେଶ ସୃଷ୍ଟି କରିଛି। ନୀଳଗିରି ଏନ୍.ଏ.ସି ୨ନଂ ୱାର୍ଡ ଅଧୀନ ଘାଟଘରସାହି ଅଞ୍ଚଳର ଧର୍ମପ୍ରାଣା ମହିଳା ଉତ୍ତରା ଜେମାଦେବୀ (୮୮)ଙ୍କ ରକ୍ତହୀନତା ପାଇଁ ତାଙ୍କୁ ପରିବାର ଲୋକେ ଭୁବନେଶ୍ୱରର ଏକ ସମ୍ ଅଲଟିମେଟ ନାମକ ହସ୍ପିଟାଲରେ ଚିକିତ୍ସାହେଉଥିବା ବେଳେ ଗତ ରବିବାର ରାତ୍ରୀ ୯.୫୦ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥିଲା। ଶାଶୁ ଉତ୍ତରା ଜେମାଦେବୀ ସେଠାରେ ଚିକିତ୍ସା ହେଉଥିବାବେଳେ ତାଙ୍କ ବୋହୂ ସୁସ୍ମିତା ଜେମାଦେବୀ(୫୪) ଦେଖାଶୁଣା କରୁଥିଲେ। ସୋମବାର ଶାଶୁଙ୍କ ମରଶରୀରକୁ ଘାଟଘରସାହି ଅଣାଯାଇ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।ଅନ୍ୟପକ୍ଷେ ପ୍ରତିଦିନ





ଡାକ୍ତରଖାନାରେ ଶାଶୁଙ୍କ ସେବା କରୁଥିବା ବୋହୂଜଣକ ଏହି ଦୁଃଖଦ ଖବରଶୁଣି ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଭୁବନେଶ୍ୱରର ଘରୋଇ କେୟାର ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ହୃଦଘାତରେ ତାଙ୍କର ପରଲୋକ ଘଟିଛି। ତାଙ୍କ ମରଶରୀରକୁ ନୀଳଗିରି ଘାଟଘରସାହି ଅଣାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଚନ୍ଦ୍ରକାନ୍ତ ବୀରବର ସହିତ ପୁଅ ରିତେଶ ବୀରବର, ଝିଅ ରିତା ଜେମାଦେବୀ, ଜ୍ୱାଇଁ, ନାତି, ବନ୍ଧୁ, ପ୍ରିୟଜନ ଉପସ୍ଥିତ ଥିଲେ। ଖବରପାଇ ନୀଳଗିରିର ବହୁ ବିଶିଷ୍ଟ ବ୍ୟକ୍ତି ଘାଟଘରସାହି ସ୍ଥିତ ବାସଭବନରେ ଶେଷଦର୍ଶନ କରିବାସହ ତାଙ୍କ ମରଶରୀରରେ ମାଲ୍ୟାର୍ପଣ କରିଥିଲେ। ପୁଅ ରିତେଶ ମୁଖାଗ୍ନି ଦେଇଥିବା ବେଳେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ବାବା କାନ୍ତେଶ୍ୱର ମହାଦେବଙ୍କ ମହାଶିବରାତ୍ରୀ ମହାସମାରୋହରେ ପାଳିତ



ବାଲେଶ୍ୱର, ୧୭/୨ (ନି.ପ୍ର): କାନ୍ତେଶ୍ୱର ମନ୍ଦିର କମିଟି ପକ୍ଷରୁ ସ୍ଥାନୀୟ କାଦ୍ରାବାଦ ସ୍ଥିତ ଶୈବ ପୀଠ ହର ହର ମହାଦେବ ବାବା କାନ୍ତେଶ୍ୱର ମହାଦେବଙ୍କର ମହାଶିବରାତ୍ରୀ ଖୁବ ଧୁମ ଧାମରେ ପାଳିତ ହୋଇ ଯାଇଛି ।ଏଇ ଅଧ୍ୟାତ୍ମିକ ପୀଠରେ ଆଖପାଖ ଅଂଚଳ ରୁ ପ୍ରାୟ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ମହିଳା ସାରା ରାତି ଉଜାଗର ରହି ଦୀପ ଜାଳିଥିଲେ ।ଏଇ ଅସର ପ୍ରାୟ ୬୦ରୁ ଉର୍ଦ୍ଧ୍ୱ କୁନି କୁନି ପିଲାଙ୍କ ଦ୍ୱାରା ଭକ୍ତି ଗୀତର ନୃତ୍ୟ ପରିବେଷଣ କରାଯାଇଥିଲା । ଏଥିରେ ବିଚାରକ ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ମାଧବ ଚନ୍ଦ୍ର ପରିଡା ଏବଂ ଅନାମିକା ଆଚାର୍ଯ୍ୟ ଯୋଗ ଦାନ କରି ନିଜର ନିର୍ଣ୍ଣାୟକ ବିଚାର କରିଥିଲେ ।ଡ .ଶାନ୍ତନୁ କୁମାର ଦାସ ତାଙ୍କ ପିତା ଡା.ଶୀତିକଣ୍ଠ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ସଫଳ ପ୍ରତିଯୋଗୀ ମାନଙ୍କ ପାଇଁ ପ୍ରଦାନ କରିଥିବା ପୁରସ୍କାର ଗୁଡିକୁ ବିଶିଷ୍ଟ ସମାଜ ସେବୀ ମାନନୀୟ ସୁଜିତ ଦେ ,ସମୟ ଚକ୍ର ସମ୍ପାଦକ ଶ୍ରୀ ସର୍ବେଶ୍ୱର ଜେନା ,ବାଲେଶ୍ୱର ଟାଉନ ଆଇ.ଆଇ.ସି ଶ୍ରୀଯୁକ୍ତ ବିରଞ୍ଚି ସାହୁ ,ସହଦେବ ଖୁଣ୍ଟିଆ ଆଇ.ଆଇ.ସି ଶ୍ରୀ ବିଜୟ ଦାସ ,ଶ୍ରୀ ମାନସ ରଞ୍ଜନ ପଟ୍ଟନାୟକଓ କମିଟିର ଅନ୍ୟାନ୍ୟ ସଦସ୍ୟଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ବଣ୍ଟନ କରାଯାଇଥିଲା ।ଏଇ ଅବସରରେ କାନ୍ତେଶ୍ୱର ମନ୍ଦିର କମିଟି ପକ୍ଷରୁ କମିଟିର ସଭାପତି ପ୍ରଫେସର କମଳାକାନ୍ତ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଯୋଗ ଦେଇଥଲା ବେଳେ ମୁଖ୍ୟବକ୍ତା ଭାବେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସମ୍ପାଦିକା ତଥା କବି ସୈରିନ୍ଧ୍ରି ସାହୁ , ବରେଣ୍ୟ ଅତିଥି ଭାବେ ଯଥାକ୍ରମେ ଏଡିସନାଲ ଏସ. ପି ନିରଂଜନ ବେହେରା, ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ କଥାକାର ସୃଷ୍ଟିଧର ପରିଡ଼ା ଏବଂ ବରେଣ୍ୟ ବକ୍ତା ଭାବେ ସାଗର କଲେଜର ଚେୟାରମ୍ୟାନ ସନତ ଦାସ, ଶାନ୍ତନୁ ଦାସ, ଆର୍କିଟେକ ଇଂଜିନିୟର ସଂଗୀତା ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ । କମିଟିର ସମ୍ପାଦକ ଶ୍ରୀ ରାଜେନ୍ଦ୍ର କୁମାର ଦାସ ଆୟୋଜିତ ସଭାର ଉଦ୍ଦେଶ୍ୟ ତଥା ଆଭିମୁଖ୍ୟ ସମ୍ପର୍କରେ ନିଜର ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ଏଇ ଅବସରରେ କାନ୍ତେଶ୍ୱର ମନ୍ଦିର କମିଟି ତରଫରୁ ପ୍ରଥମ ଥର ପାଇଁ ପୂଜ୍ୟପୂଜାର ଆୟୋଜନ କରାଯାଇଥିଲା । ବାଲେଶ୍ୱରର ବିଶିଷ୍ଟ ବ୍ୟକ୍ତି ଶରତ ଚନ୍ଦ୍ର ଦାଶଙ୍କୁ 'ମାଟି ଗୌରବ ସମ୍ମାନ', ନବ କିଶୋର ବାରିକଙ୍କୁ 'ବିଶିଷ୍ଟ ଚିତ୍ରଶିଳ୍ପୀ 'ସମ୍ମାନ , ସ୍ୱର୍ଗତଃ ଅଜୟ କୁମାର ଆଚାର୍ଯ୍ୟଙ୍କୁ 'ମରଣଉତ୍ତର ସମ୍ମାନ', ଡ. ଘନଶ୍ୟାମ ବିଶ୍ୱାଳଙ୍କୁ 'ଶିକ୍ଷା ଓ ସେବା ସମ୍ମାନ', ଶ୍ରୀ ରାମେଶ୍ୱର ବେହେରାଙ୍କୁ 'ସଂସ୍କୃତି ଉପାସକ ସମ୍ମାନ', ଶ୍ରୀ ଭବାନୀ ଶଙ୍କର ପଣ୍ଡାଙ୍କୁ 'ସମାଜ ସେବା ଓ ସଫଳ ବ୍ୟବସାୟୀ: ସମ୍ମାନ, କୁମାରୀ ହାନ୍ସି ମଣ୍ଡଳଙ୍କୁ ବିଶିଷ୍ଟ ଅଭିନେତ୍ରୀ ଓ କଳାକାର ସମ୍ମାନରେ ସମ୍ବର୍ଦ୍ଧିତ କରି ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ତମାମ କାର୍ଯ୍ୟକ୍ରମ କ୍ରମକୁ ବିଶିଷ୍ଟ ସାହିତ୍ୟିକ ଡ.ରାଧାରଂଜନ ପଟ୍ଟନାୟକ ସଞ୍ଚାଳନ କରିଥିଲେ। ଶେଷରେ କମିଟିର ସଦସ୍ୟ ତଥା ସାମଜ ସେବୀ ସତ୍ୟେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସଭାକାର୍ଯ୍ୟ ସମାପନ ପରେ ଓଡିଶାର ଖ୍ୟାତନାମା ଭଜନ ସାମ୍ରାଟ ନରେନ୍ଦ୍ର କୁମାର ଏବଂ ତାଙ୍କର ସାଥୀଓ ଭଜନ ପରିବେଷଣ କରି ଏକ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି କରି ପାରିଥିଲେ । ସଦର ବିଧାୟକ ମାନସ କୁମାର ଦତ୍ତ ବାବା କାନ୍ତେଶ୍ୱରଙ୍କୁ ଦର୍ଶନ କରିବା ସହ କାନ୍ତେଶ୍ୱର ମନ୍ଦିର କମିଟିର ଗଠନାତ୍ମକ କାର୍ଯ୍ୟକୁ ପ୍ରଶଂସା କରିଥିଲେ ।ରାତିର ଉତ୍ତର ପର୍ବ ଠିକ ଭୋର ଚାରି ଘଟିକା ସମୟରେ କାନ୍ତେଶ୍ୱର ମହାଦେବଙ୍କ ମହାଦୀପ ଉଠିଥିଲା । ଖୁବ ଶୃଙ୍ଖଳିତ ଭାବେ ତମାମ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏଇ କାର୍ଯ୍ୟକ୍ରମ ରେ କମିଟିର ସଦସ୍ୟ ସର୍ବଶ୍ରୀ ସବ୍ୟସାଚୀ ଦାସ, ରାଜଦର୍ଶୀ ଦାସ, ପ୍ରଦୀପ ଆଚାର୍ଯ୍ୟ, ବିଜୟ କିଶୋର ଦାସ, ରାଜ କୁମାର ବେହେରା,ସନ୍ତୋଷ ଦାସ, ଜିତେନ୍ଦ୍ର ଦାସ , ଶୁଭେନ୍ଦୁ ଦାସ ଓ ବିଜୟ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

# ଠିକାଦାର ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ



ବାଲିଆପାଳ , ୧୭/୨ (ନି.ପ୍ର): ରାଜ୍ୟ ସରକାରଙ୍କର ବୈମାତୃକ ମନୋଭାବ ଯୋଗୁଁ ରାଜ୍ୟ, ଜିଲ୍ଲା, ବ୍ଲକରେ ଥିବା ଠିକାଦାର ସଂଘ ପକ୍ଷରୁ ଫେବୃଆରୀ ୨୦ ତାରିଖରେ ହେବାକୁ ଥିବା ଭୁବନେଶ୍ୱର ଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ସୋମବାର ବାଲିଆପାଳ ଜୋନ ଠିକାଦାର ସଂଘ ପକ୍ଷରୁ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ଆନ୍ଦୋଳନକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁସାରେ ବିଜେଡି ସରକାର ଥିବା ସମୟରେ ୨୦୧୯ ମସିହାରେ ରୟାଲଟିର ସଂଶୋଧନ ପାଇଁ ଠିକାଦାର ସଂଘ ପକ୍ଷରୁ ରାଜ୍ୟ ବ୍ୟାପୀ ୧୦ ଦଫା ଦାବି ନେଇ ଆନ୍ଦୋଳନ ତୀବ୍ର କରାଯାଇଥିଲା। ତନ୍ମଧ୍ୟରୁ ସରକାର ଗୋଟିଏ ଦାବି ଦୀର୍ଘ ଦିନ ପରେ ପୂରଣ କରିଥିବା ବେଳେ ଅନ୍ୟ ଦାବି ଗୁଡ଼ିକ ଭ୍ରୂକ୍ଷେପ କରିନଥିଲେ। ବିଜେପି ସରକାର ଆସିବା ପରେ ୩/୧/୨୦୨୬ ରେ ନଟିଫିକେସନ ଜରିଆରେ ୧୪.୯୯ ପରସେଣ୍ଟ ରହିଥିବା ଧାର୍ଯ୍ୟକୁ ସରକାର ଉଛେଦ କରିଛନ୍ତି। ଯାହା ଫଳରେ ଠିକାଦାର ମାନେ ବହୁ ଲସରେ କାମ ପାଇବେ ।ଏହା ଫଳରେ କାର୍ଯ୍ୟର ଗୁଣାତ୍ମକ ମାନ କମିବା ସହିତ ନିମ୍ନ ମାନର ହେବ ଏଥିରେ ସନ୍ଦେହ ନାହିଁ। ସରକାର ଜାରି କରିଥିବା ନୋଟିଫିକେସ କୁ ଉଚ୍ଛେଦ କରନ୍ତୁ ଏବଂ ସର୍ବନିମ୍ନ ଲେସ କୁ ଧାର୍ଯ୍ୟ କରାଯିବା ସହିତ ଅନ୍ୟ ଦାବି ଗୁଡିକ ପୂରଣ ପାଇଁ ସରକାର ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି ।ଏହି ବୈଠକରେ ଜିଲ୍ଲା ଠିକାଦାର ସଂଘ ର ସହ ସମ୍ପାଦକ ଅଦ୍ୱୈତ କୁମାର ଖୁଣ୍ଟିଆ, ସଞ୍ଜୟ କୁମାର ଦେ, ବାଲିଆପାଳ ବ୍ଲକ ଠିକାଦାର ସଂଘର ସଭାପତି ପ୍ରଫୁଲ୍ଲ କୁମାର ସାହୁ,ସହ ସମ୍ପାଦକ ଦିଲ୍ଲୀପ କୁମାର ଜେନା, ସକ୍ରିୟ ସଦସ୍ୟ ଦୁରର୍ଯ୍ୟୋଧ କୁମାର ନାୟକ, ରାଜେଶ କୁମାର ଦେ, ଗଣେଶ ମହାପାତ୍ର, ଯଦୁନାଥ ସାହୁ ,ଗଗନ ବିହାରୀ ସାହୁ, ଲୋକନାଥ ସାହୁ ପ୍ରମୁଖ ଯୋଗଦେଇ ଥିଲେ।

# ଆର୍ଥିକ ସକ୍ଷାରତା ଓ ଆର୍ଥିକ ଅନ୍ତର୍ଭୂକ୍ତ କାରଣ ଶିବିର ତଥା ସୁକନ୍ୟା ସମୃଦ୍ଧି ସଚେତନତା ଓ ଖାତା ଖୋଲା ଶିବିର

ଭଦ୍ରକ, ୧୭/୨ (ନି.ପ୍ର): ୨୬ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ତଥା ସୁକନ୍ୟା ସମୃଦ୍ଧି ସଚେତନତା ଓ ଖାତା ଖୋଲା ଶିବିର ଆୟୋଜିତ ହୋଇଯାଇଛ ବନ୍ତ ବ୍ଲକ ର ମହତାବ ଏମ ବିଦ୍ୟାଳୟ ବିଦ୍ୟାଳୟ ଠାରେ। ଏହି ଶିବିର ରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଡାକ ମୁଖ୍ୟ ଅଧିକାରୀ, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ, ଲିଡ୍ ବ୍ୟାଙ୍କ୍ ମ୍ୟାନେଜର, ଆର୍ଥିକ ସାକ୍ଷରତା କାଉନସିଲ, ସାଇବର ଥାନା ଅଧିକାରୀ,ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ୍ କୁମାର ରାୟ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ମ୍ୟାନେଜର, ସି ଏଫ୍ ଏଲ୍ ଓ ମହତାବ ଏମ ଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ଅତିଥି ମାନେ ଯୋଗଦେଇଥିବା ଅବିଭାବକ, ଅଙ୍ଗନୱାଡ଼ି ୱର୍କର, ସୁପର୍ଭାଇଜର, ସ୍ୱୟଂ ସହାୟକ ଗୋଷ୍ଠୀ ର କର୍ମକର୍ତ୍ତା ମାନଙ୍କୁ ଆର୍ଥିକ ସାକ୍ଷରତା ଆବଶ୍ୟକତା ସମ୍ପର୍କରେ ଅବଗତ କରାଇବା ସହ ବ୍ୟାଙ୍କ୍ ଓ ଡାକଘରେ ଉପଲବ୍ଧ ଥିବା ସମସ୍ତ ସଞ୍ଚୟ ଓ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ଡାକ ମୁଖ୍ୟ ଅଧିକାରୀ ବିଭିନ୍ନ ସଞ୍ଚୟ ଯୋଜନା ଗୁଡିକ ସମ୍ବନ୍ଧରେ ପୁଙ୍ଖନୁ ପୁଙ୍ଖ ଭାବେ ଆଲୋଚନା କରିଥିଲେ। ଲେଡ ବ୍ୟାଙ୍କ୍ ମ୍ୟାନେଜର ଲୋକମାନଙ୍କୁ ସାଇବର ଫ୍ରଡ୍ ରୁ ଦୂରେଇ ରହିବା ସମ୍ପର୍କରେ ସଚେତନ କରିଥିଲେ। ପଦ୍ମନ୍ କୁମାର ରାୟ ଲୋକମାନଙ୍କୁ ଚିଟ ଫଣ୍ଡ ଫ୍ରଡ ମାନଙ୍କ ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେବା ସହ ବ୍ୟାଙ୍କ୍ ଓ ଡାକଘରେ ନିବେଶ କରିବା ପାଇଁ ପରାମର୍ଶ ଦେଇଥିଲେ। ସାଇବର ଥାନା ଅଧିକାରୀ ସାଇବର ଥକ ମାନଙ୍କ ବିଭିନ୍ନ ଠକାମୀ ସମ୍ପର୍କରେ ଆଲୋଚନା କରିବା ସହ ଲୋକମାନଙ୍କୁ ଏପରି ଥକା ମିର ଶିକାର ହେବାରୁ ବଞ୍ଚିବାର ଉପାୟ ସମ୍ପର୍କରେ ଜଣାଇଥିଲେ। ସଭା ଶେଷରେ ଏକ କୁଇଜ୍ ପ୍ରତିଯୋଗିତା ହେଇଥିଲା ଓ ଅଭିଭାବକ ମାନଙ୍କୁ ପେନ୍ ପୁରସ୍କାର ଦିଆଯାଇଥିଲା। ସୁକନ୍ୟା ଅନ୍ତର୍ଭୁକ୍ତ କରଣ ଶିବିର ରେ ଟିଲୋ ଓ ତାରାପୁର କ୍ଲଷ୍ଟର ର ସମସ୍ତ ବିଦ୍ୟାଳୟ ର ୧୦ବର୍ଷରୁ କମ କନ୍ୟାମାନଙ୍କ ଅଭିଭାବକ ମାନେ ବହୁମତର ରେ ଯୋଗ ଦେଇ ତାଙ୍କ କନ୍ୟା ପାଇଁ ସୁକନ୍ୟା ଓ ପପିଏଫ ଖାତା ଖୋଲିଥିଲେ । ଏଥିସହ ଆଧାର ନଥିବା ଛାତ୍ର ଛାତ୍ରୀ ମାନଙ୍କର ଆଧାର ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ସଭା ରେ ମୋଟ ୧୫୦ ଜଣ କର୍ମକର୍ତ୍ତା ଯୋଗଦେଇଥିଲ।

# ବାଇକ୍ ମୁହାଁମୁହିଁ ଧକ୍କା: ଦୁଇ ବାଇକ୍ ଆରୋହୀ ଗୁରୁତର



ନୀଳଗିରି, ୧୭/୨ (ନି.ପ୍ର): ମଙ୍ଗଳବାର ଦିନ ପ୍ରାୟ ୧୦ଘଟିକା ସମୟରେ ନରଣପୁର ଭାଲୁକାଶୁଣି ରାସ୍ତାର ପାଣିଟାଙ୍କି ପାଖରେ ବାଇକ୍ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାଫଳରେ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇପଡିଥିବାର ଜଣାପଡ଼ିଛି । ବିବରଣୀରୁ ପ୍ରକାଶ ବରହମପୁର ଅଞ୍ଚଳର ଗଙ୍ଗାଧର ଚୌଧୁରୀ ଏକ ହୀରୋହୁଣ୍ଡା ବାଇକ୍ ଯାହାର ନମ୍ବର ଓ ଆର୍ ୦୨ଏ ଆର୍ ୫୩୫୧ଯୋଗେ ବିମ୍ବୁରିଆ ହାଇସ୍କୁଲକୁ ଯାଉଥିବାବେଳେ ନରଣପୁର ପାଣିଟାଙ୍କି ନିକଟରେ ବିପରୀତ ଦିଗରୁ ବେତକଟା ମେଡିକାଲରେ ମୁନା ଦତ୍ତ ନାମକ କର୍ମଚାରୀ ଏକ ହୁଣ୍ଡାୟୁନିକନ୍ ବାଇକ୍ ନମ୍ବର ଓ ଡି- ୦୧ ଏ ଡି ୯୭୬୦ ଯୋଗେ ବରହମପୁରକୁ ଯାଉଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁଇ ବାଇକଆରୋହୀ ଘଟଣାସ୍ଥଳରେ ଗୁରୁତର ହୋଇପଡ଼ିଥିଲେ। ଗଙ୍ଗାଧର ଚୌଧୁରୀଙ୍କର ଡାହାଣଗୋଡ଼ ଭାଙ୍ଗିଯାଇଥିବା ଅନୁମାନ କରାଯାଇଥିବା ବେଳେ ଦେହ,ମୁଣ୍ଡରେ ଗଭୀର ଆଘାତ ଲାଗିଛି ।ଅନ୍ୟପଟେ ମୁନା ଦତ୍ତଙ୍କ ମୁଣ୍ଡରେ ଗଭୀର ଆଘାତଲାଗିବା ସହିତ ଦେହରେ ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି। ସ୍ଥାନୀୟଲୋକ ଘଟଣାସ୍ଥଳରେ ପହଞ୍ଚି ଦୁଇ ବାଇକ୍ ଆରୋହୀଙ୍କୁ ୧୦୮ଆମ୍ବୁଲାନ୍ସ ଯୋଗେ ନୀଳଗିରି ଡାକ୍ତରଖାନାକୁ ପଠାଇଥିଲେ। ସ୍ୱାସ୍ଥ୍ୟଅବସ୍ଥା ସଙ୍କଟାପନ୍ନ ହେବାରୁ ଦୁଇ ଜଣଙ୍କୁ ବାଲେଶ୍ୱର ଡ଼ାକ୍ତରଖାନାକୁ ପଠା ଯାଇଥିବାର ସୂଚନା ମିଳିଛି। ସୂଚନା ଥାଉକି ବାଇକ୍ ଆରୋହୀ ଦୁଇଜଣ ବରହମପୁର ଅଞ୍ଚଳରେ ହୋଇଥିବା ବେଳେ ଉଭୟ ସରକାରୀ ଚାକିରୀ କରିଥିବାର ଜଣାପଡ଼ିଛି ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଔପଦା, ୧୭/୨ (ନି.ପ୍ର): ଔପଦା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଔପଦା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୪୨ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୩୭ ଗୋଟି ବ୍ୟକ୍ତିଗତ ଏବଂ ୫ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ଅଟେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୬ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ସୁଧାକର ନାଏକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଔପଦା, ଶ୍ରୀମତୀ ଶାଶ୍ୱତୀ ସାଦୁଆଲଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ ।

# ବ୍ୟାକରଣ ବିଭାଗର ଆଲୋଚନା ଚକ୍ର




ଲଙ୍ଗଳେଶ୍ୱର , ୧୭/୨ (ନି.ପ୍ର): ବାଲିଆପାଳ ବ୍ଲକ ପଞ୍ଚୁପାଲି ସ୍ଥିତ କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟରେ ଏକ ଦିବସୀୟ ବ୍ୟାକରଣ ଆଲୋଚନା ଚକ୍ର ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ରାଜକିଶୋର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ପ୍ରଫେସର ଶଙ୍କର୍ଷଣ ପଣ୍ଡା, ମୁଖ୍ୟ ବକ୍ତା ଅଧ୍ୟାପକ ସଦାନନ୍ଦ ଦୀକ୍ଷିତ,ସମୀର କୁମାର ନନ୍ଦ,ସିଦ୍ଧେଶ୍ୱର ପତି, କଲେଜ ପ୍ରତିଷ୍ଠାତା ଅଶୋକ କୁମାର ଗିରି ପ୍ରମୁଖ ଯୋଗଦେଇ ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ବ୍ୟାକରଣ ବିଭାଗର ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଲକ୍ଷ୍ମୀକାନ୍ତ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ କୃଷ୍ଣା ନନ୍ଦ ପାତ୍ର,ବନମାଳୀ ପରିଡା, ଚନ୍ଦନ କୁମାର ନନ୍ଦ,ସମ୍ଭିତ କୁମାର ପ୍ରଧାନ, ଅଧ୍ୟାପିକା ସରୋଜିନୀ ପରିଡା, ସବିତା ସାହୁ,ବୃନ୍ଦିମଣି ରାଉତ ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଅଧ୍ୟାପକ ଲକ୍ଷ୍ମୀକାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକ ଦିବସୀୟ ବ୍ୟାକରଣ ବିଭାଗର ଆଲୋଚନା ଚକ୍ର

ବାଲିଆପାଳ , ୧୭/୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ସ୍ଥିତ କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟରେ ଏକ ଦିବସୀୟ ବ୍ୟାକରଣ ଆଲୋଚନା ଚକ୍ର ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ରାଜକିଶୋର ବାରିକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଶଙ୍କର୍ଷଣ ପଣ୍ଡା, ମୁଖ୍ୟ ବକ୍ତା ଅଧ୍ୟାପକ ସଦାନନ୍ଦ ଦୀକ୍ଷିତ, ସମୀର କୁମାର ନନ୍ଦ, ସିଦ୍ଧେଶ୍ୱର ପତି, କଲେଜ ପ୍ରତିଷ୍ଠାତା ଅଶୋକ କୁମାର ଗିରି ପ୍ରମୁଖ ଯୋଗଦେଇ ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ବ୍ୟାକରଣ ବିଭାଗର କର୍ମକାରମ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଲକ୍ଷ୍ମୀକାନ୍ତ ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ କୃଷ୍ଣାନନ୍ଦ ପାତ୍ର ଅତିଥି ମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଅଧ୍ୟାପକ ବନମାଳୀ ପରିଡା, ଚନ୍ଦନ କୁମାର ନନ୍ଦ ସମ୍ଭିତ କୁମାର ପ୍ରଧାନ, ଅଧ୍ୟାପିକା ସୋରଜିନି ପରିଡା, ସବିତା ସାହୁ,ବୃନ୍ଦିମଣି ରାଉତ ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଅଧ୍ୟାପକ ଲକ୍ଷ୍ମୀକାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସଦାଶିବଙ୍କ ଆରାଧନାରୁ ସମାଜ କଲ୍ୟାଣ ହୁଏ



ଭଦ୍ରକ, ୧୭/୨ (ନି.ପ୍ର): ଭଦ୍ରକ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଭଦ୍ରକ ପକ୍ଷରୁ ଜାଗର ଉପଲକ୍ଷେ ଭଦ୍ରକର ପ୍ରଧାନ ଶୈବପୀଠ ବାବା ଆଖଣ୍ଡଳମଣୀଙ୍କ ଧାମରେ ସ୍ଥାନୀୟ ଷ୍ଟ୍ରଷ୍ଟ ପକ୍ଷରୁ ଏକ ଅସ୍ଥାୟୀ ମଣ୍ଡପରେ ସଦାଶିବଙ୍କ ତଥ୍ୟ, ତତ୍ତ୍ୱ ଓ ଗୁଣ ଗାରିମା ଉପରେ ଏକ ଆଧାତ୍ମିକ ମଞ୍ଚ ପ୍ରଚାର ସମିତିର ମୁଖ୍ୟ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଚାର ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ, ସହ ଆବାହକ ବାବୁଲାଲ ଦାସ ଓ ରାଜେନ୍ଦ୍ର ପ୍ରସାଦ ଅଗସ୍ତି, ପ୍ରବଚକ ପଣ୍ଡିତ ଲଳିତ ମୋହନ ମିଶ୍ର, ତପସ୍ୱିନୀ ପାଢ଼ୀ ଯୋଗଦାନ କରି ଶୈବ ସଂସ୍କୃତିରେ ପୂଜ୍ୟ ପୂଜାର ବ୍ୟତିକ୍ରମ ହେଲେ ସମାଜରେ ଦୁର୍ଭିକ୍ଷ, ମରଣ ଓ ଭୟ ଜାତହୁଏ ବୋଲି ବକ୍ତବ୍ୟରେ ବକ୍ତାଗଣ ପ୍ରତିପାଦିତ କରିଥିଲେ। ସମିତି ପକ୍ଷରୁ ଦିବ୍ୟ ଚେତନା ଅଭିଜାନରେ ୩ଟି ସଂକୀର୍ତ୍ତନ ମଣ୍ଡଳୀ ବେଢ଼ା ପରିକ୍ରମା କରିଥିଲେ। ଏହି ସଂକୀର୍ତ୍ତନ ସେବାରେ ମୁଖ୍ୟ ତତ୍ତ୍ୱାବଧାରଙ୍କ ସୁରେନ୍ଦ୍ର ପ୍ରସାଦ ନାୟକ, ଦୁର୍ଗାଚରଣ ନାୟକ, ପୁଷ୍ପଲତା ପଣ୍ଡା, ଝୁନାରାଣୀ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏଥିପାଇଁ ସ୍ଥାନୀୟ ପ୍ରଶାସନ ଓ ମନ୍ଦିର ଟ୍ରଷ୍ଟିର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ଭିନ୍ନକ୍ଷମଙ୍କୁ ପିଇଓଙ୍କ ଅଣଦେଖା: ଅଭିଯୋଗ ପରେ ପାଇଲେ ପିଛିଲା ଭତ୍ତା




ବାଲିଆପାଳ , ୧୭/୨ (ନି.ପ୍ର): ସରକାର ଭିନ୍ନକ୍ଷମଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଭିନ୍ନକ୍ଷମ ଅଧିକାର ସୁରକ୍ଷା ଆଇନ ପ୍ରଣୟନ କରିଥିଲେ ମଧ୍ୟ ତୃଣମୂଳ ସ୍ତରରେ ତାହାର ପ୍ରତିଫଳନ ଦେଖାଯାଉନାହିଁ। ବାଲିଆପାଳ ବ୍ଲକର କୁଣ୍ଡୁଳି ଓ ବୋଲଂ ପଞ୍ଚାୟତର କିଛି ଭିନ୍ନକ୍ଷମ ଦୀର୍ଘଦିନ ଧରି ୟୁଡିଆଇଡି ତଥା ଅନଲାଇନ ପ୍ରମାଣପତ୍ର ନଥିବା ହେତୁ ଦୀର୍ଘ ଦିନ ଧରି ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ଥିଲେ। ଗତ ୯ ତାରିଖରେ ବାଲିଆପାଳ ଭିନ୍ନକ୍ଷମ ମେଳାରେ ଡାକ୍ତରୀ ପରୀକ୍ଷା ପରେ ସେମାନେ ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ । ସାମାଜିକ କର୍ମୀ ରାଜକିଶୋର ପାତ୍ରଙ୍କ ଅଭିଯୋଗ ଅନୁସାରେ ବ୍ଲକ ପ୍ରଶାସନ ଭତ୍ତା ତାଲିକାରେ ଏହି ଭିନ୍ନକ୍ଷମଙ୍କ ନାମ ସଂଯୋଗ ସହ ପିଛିଲା ଭତ୍ତା ଲିପିବଦ୍ଧ କରିଥିଲେ । କିନ୍ତୁ ଭତ୍ତା ନେବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଅବହେଳିତ ଭିନ୍ନକ୍ଷମମାନେ ଆସିଥିବାବେଳେ ଦୁଇ ପଞ୍ଚାୟତର ପିଇଓ ସାସ୍ୱତ୍ୱ ମୁର୍ମୁ ଏବଂ ରାଜକୁମାର ସେନାପତି ଡାକ୍ତରୀ ରିପୋର୍ଟ ଥିଲେ ମଧ୍ୟ ଅନଲାଇନ ପ୍ରମାଣପତ୍ର ଦାବି କରି ଭତ୍ତା ଦେବାକୁ ଅସ୍ୱୀକାର କରିଥିଲେ। ସକାଳ ୯ଟାରୁ ପ୍ରଥମେ ଅପେକ୍ଷା କରିଥିବା ଭିନ୍ନକ୍ଷମ ମାନଙ୍କୁ ହେୟଜ୍ଞାନ କରି ଅନ୍ୟମାନଙ୍କୁ ପ୍ରଥମେ ଭତ୍ତା ବଣ୍ଟନ କରାଇଥିଲେ । ପରେ ସାମାଜିକ କର୍ମୀ ଶ୍ରୀ ପାତ୍ର ଙ୍କ ଅଭିଯୋଗ ଓ ବ୍ଲକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଅପରାହ୍ନ ୧ଟାରେ ସେମାନେ ଭତ୍ତା ପାଇଥିଲେ। ଏହି ଘଟଣା ଭିନ୍ନକ୍ଷମଙ୍କ ପ୍ରତି ଅବହେଳାକୁ ସ୍ପଷ୍ଟ କରୁଛି । ବୁଦ୍ଧିଜୀବୀମାନେ ଏଭଳି ବ୍ୟବହାରକୁ ନିନ୍ଦା କରିବା ସହ ଆଗାମୀ ଦିନରେ ଭିନ୍ନକ୍ଷମମାନେ ପ୍ରାଥମିକତା ଭିତ୍ତରେ କିପରି ଭତ୍ତା ପାଇବେ ପ୍ରଶାସନକୁ ନିବେଦନ କରିଛନ୍ତି।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Editor: Sairindhree Sahoo
❒ Managing & Executive Editor : Srustidhar Parida